Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 209
Monday, 05 October 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୦୫ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସିଇସି ଜ୍ଞାନେଶଙ୍କ ଉପରେ ବର୍ଷିଲେ ଉଦ୍ଧବ, ରାଜ ଠାକରେ

ମୁମ୍ବାଇ, ୪/୧୦ (ନ୍ୟୁ.ଏ): ମହାରାଷ୍ଟ୍ରରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ ମିଳିତ ଭାବରେ ରବିବାର ମୁମ୍ବାଇରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଇଛନ୍ତି । ପ୍ରତିବାଦ ସମୟରେ ଦୁଇ ଠାକରେ ଭାଇ ପୁଣି ଥରେ ନିର୍ବାଚନ ପ୍ରକ୍ରିୟା ଏବଂ ଭୋଟର ତାଲିକା ସମ୍ପର୍କରେ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କୁ ଟାର୍ଗେଟ କରିଛନ୍ତି । ଉଦ୍ଧବ ଠାକରେ ଏବଂ ରାଜ ଠାକରେ ନିଜ ନିଜ ଭାଷଣରେ ଭୋଟର ତାଲିକାରେ ପରିବର୍ତ୍ତନ, ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା, ନିର୍ବାଚନ କମିସନରଙ୍କ ନିଯୁକ୍ତି ଏବଂ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଉଭୟ ନେତା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ ହୋଇପାରିବ, କିନ୍ତୁ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ନୁହେଁ । ଜ୍ଞାନେଶ କୁମାର କିଏ ବୋଲି ପ୍ରଶ୍ନ କରି ସେମାନେ ଏସଆଇଆର ବନ୍ଦ କରିବାକୁ ଏବଂ ବାଲଟ୍ ପେପର ଦ୍ୱାରା ଭୋଟ୍ ଦେବାର ବ୍ୟବସ୍ଥା ପୁନଃସ୍ଥାପିତ କରିବାକୁ ଦାବି କରିବା ସହ ନିର୍ବାଚନ କମିସନର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକରେ କହିଛନ୍ତି ଯେ, ଏହି ଲଢ଼େଇ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ନୁହେଁ, ବରଂ ସ୍ୱାଧୀନତା ପାଇଁ ଲଢ଼େଇ । ସେ ଅଭିଯୋଗ କରିଛନ୍ତି ଯେ ଦେଶର ଅନେକ ପ୍ରତିଷ୍ଠାନ ଶାସକ ଦଳର ଅଧୀନରେ ରହିଛି । ମୁଖ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ପୂର୍ବରୁ ଚୟନ କମିଟିରେ ବିରୋଧୀ ଦଳ ଏବଂ ମୁଖ୍ୟ ବିଚାରପତି ସାମିଲ ଥିଲେ, କିନ୍ତୁ ପରେ ଏହି ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଥିଲା । ଉଦ୍ଧବ ଠାକରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ଦାବି କରିଛନ୍ତି ଯେ ସେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି । ଜନସାଧାରଣ ଏକଛତ୍ରବାଦ ଆଡକୁ କୌଣସି ପଦକ୍ଷେପ ଗ୍ରହଣ କରିବେ ନାହିଁ ଏବଂ ଗଣତନ୍ତ୍ରରେ ଭୋଟରଙ୍କ ଅଧିକାରକୁ ହରଣ କରାଯାଇପାରିବ ନାହିଁ । ଭୋଟର ତାଲିକାରୁ ନାମ ବ୍ୟାପକ ଭାବରେ ବାଦ୍ ଦିଆଯିବା ସମ୍ପର୍କରେ ଉଲ୍ଲେଖ କରି ସେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁର ପରିସ୍ଥିତିର ଉଦାହରଣ ଦେଇଛନ୍ତି । ସାରା ଦେଶରେ ପ୍ରାୟ ୧୩ କୋଟି ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି । ଏହା ସହ ସେ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି । କଂଗ୍ରେସ ଶାସନ ସମୟରେ ବିଜେପି ଦୁର୍ନୀତି ବିରୋଧୀ ଭାରତ ସ୍ଲୋଗାନ ଦେଇଥିଲା, ଏବେ ଭୋଟ ଚୋରି ପ୍ରସଙ୍ଗ ସାମ୍ନାକୁ ଆସିଛି । ଉଦ୍ଧବ ଠାକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, କ୍ଷମତାରେ ଥିବା ନେତା ଜନସାଧାରଣଙ୍କ ପ୍ରଶ୍ନର ଉତ୍ତର ଦେବା ଉଚିତ୍ । ରାଜ ଠାକରେ କହିଛନ୍ତି, କିଏ ଜିତିବ ଏବଂ କିଏ ହାରିବ ତାହା ନିର୍ବାଚନ କମିସନ ନିଷ୍ପତ୍ତି ନେଉଛନ୍ତି । କିଏ କ୍ଷମତାକୁ ଆସିବ ତାହା ନିର୍ବାଚନ କମିସନ ନୁହେଁ ଜନସାଧାରଣ ନିଷ୍ପତ୍ତି ନେବା ଉଚିତ୍ । ନିର୍ବାଚନ କମିସନଙ୍କ ଭୂମିକା ସମ୍ପର୍କରେ ଲୋକଙ୍କ ମନରେ ଗମ୍ଭୀର ପ୍ରଶ୍ନ ଉଠିଛି । ସାରା ଦେଶରେ ଏକକାଳୀନ ଏଆଇଆର ପରିଚାଳନା ପାଇଁ ଆଇନ କିମ୍ବା ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ । ଏସଆଇଆର ପ୍ରକ୍ରିୟାରେ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି । ଏହି ଲୋକମାନେ କିଏ ଏବଂ କେଉଁ ଆଧାରରେ ସେମାନଙ୍କ ନାମ ବାଦ୍ ଦିଆଯାଇଛି, ସେନେଇ ପ୍ରଶ୍ନ କରିଛନ୍ତି ।

ଜ୍ଞାନେଶ କୁମାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନାଁରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି କେରଳ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା । ଏହି ତଦନ୍ତ 'ଭିଜିଲାନ୍ସ ଆଣ୍ଡ ଆଂଟି-କରପସନ୍ ବ୍ୟୁରୋ' ଦ୍ୱାରା କରାଯିବ । ଜ୍ଞାନେଶ କୁମାର ୨୦୦୬ ମସିହାରେ କେରଳର ପୂର୍ତ୍ତ ବିଭାଗ ସଚିବ ଥିବା ବେଳେ ଘଟିଥିବା ଅନିୟମିତତାକୁ ନେଇ ଏହି ପଦକ୍ଷେପ ନିଆଯାଇଛି । ଏହି ମାମଲା ମାଲେସିଆର ସିଭିଲ୍ ଇଞ୍ଜିନିୟର ଲି ସି ବିନ୍‌ଙ୍କ ତଥାକଥିତ ଆତ୍ମହତ୍ୟା ଘଟଣା ସହିତ ଜଡ଼ିତ । ସେ "PATI-BEL" ନାମକ ସଂଯୁକ୍ତ କମ୍ପାନୀ ସହିତ ଜଡ଼ିତ ଥିଲେ । ଏହି ସଂଯୁକ୍ତ କମ୍ପାନୀକୁ 'କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ' ଅଧୀନରେ ଏକ ରାସ୍ତାର ଉନ୍ନତିକରଣ ଦାୟିତ୍ୱ ଦିଆଯାଇଥିଲା । ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଇଞ୍ଜିନିୟରଙ୍କ ଆତ୍ମହତ୍ୟା ନୋଟରେ ସେତେବେଳର ରାଜ୍ୟ ପରିବହନ ସଚିବ ଥିବା ଜ୍ଞାନେଶ କୁମାରଙ୍କ ନାମ ଉଲ୍ଲେଖ ଥିଲା । ୨୦୦୬ରେ କରାଯାଇଥିବା ପ୍ରାଥମିକ ତଦନ୍ତ ବାହ୍ୟ ଚାପ ଯୋଗୁ ବାତଲ ହୋଇଥିଲା ବୋଲି ଅଭିଯୋଗ ହେବା ପରେ ଏବେ ନୂଆ କରି ତଦନ୍ତ ଆରମ୍ଭ କରିବାକୁ କୁହାଯାଇଛି । ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେରଳର ଗୃହ ବିଭାଗ ୨୦୦୬ର VACB ପ୍ରାଥମିକ ତଦନ୍ତ ସମ୍ବନ୍ଧୀୟ ସମସ୍ତ ଫାଇଲ୍ ମାଗିଛନ୍ତି । ରାଜ୍ୟ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ବାହ୍ୟ ପ୍ରଭାବ ସମ୍ବନ୍ଧୀୟ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ତଦନ୍ତର ଫଳାଫଳ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଗୃହମନ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ ବାହ୍ୟ ପ୍ରଭାବର ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଥିପାଇଁ ଏକ ବିସ୍ତୃତ ତଦନ୍ତ ଆବଶ୍ୟକ । ଶନିବାର ଦିନ କଂଗ୍ରେସ ନେତା ମାଲାୟିନକିଝୁ ଭେନୁଗୋପାଳ ସିଇସି ଜ୍ଞାନେଶ କୁମାରଙ୍କ ବିରୁଦ୍ଧରେ ତଦନ୍ତ ଦାବି କରି ଅଭିଯୋଗପତ୍ର ଦାଖଲ କରିବା ପରେ ରମେଶ ଚେନ୍ନିଥାଲା ଏହି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସେ ଅଭିଯୋଗକୁ ଯାଂଚ କରିଛନ୍ତି ଏବଂ ଏଥିରେ ଥିବା ଅଭିଯୋଗଗୁଡ଼ିକ ଯଥାର୍ଥ ବୋଲି ମନେ କରିଛନ୍ତି । ୨୦୦୬ ମସିହାରେ, କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ ଦ୍ୱାରା ଅଙ୍ଗାମାଲିରୁ ତିରୁଅନନ୍ତପୁରମ୍ ପର୍ଯ୍ୟନ୍ତ ଏମ୍.ସି. ରୋଡ୍‌ର ପୁନଃନିର୍ମାଣ ପାଇଁ ବିଶ୍ୱ ବ୍ୟାଙ୍କ ଅନୁଦାନପ୍ରାପ୍ତ ୨୧୫ କୋଟି ଟଙ୍କାର ଏକ ପ୍ରକଳ୍ପକୁ ହାତକୁ ନିଆଯାଇଥିଲା । ଏକ ମାଲେସୀୟ କମ୍ପାନୀ ଏବଂ ଭାଗୀରଥ ଇଞ୍ଜିନିୟରିଂର ମିଳିତ ଉଦ୍ୟୋଗରେ 'ପାଟି-ବେଲ୍' ଏହି ପ୍ରକଳ୍ପରେ କାର୍ଯ୍ୟ କରିଥିଲା । ଅନ୍ୟପକ୍ଷରେ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶିତ ଏକ ରିପୋର୍ଟ ପରେ ବିରୋଧୀ ଦଳଗୁଡ଼ିକ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆସୁଛନ୍ତି । ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀ ୧୦ ମାସ ମଧ୍ୟରେ ଅତି କମରେ ୧୪ ଥର ପୃଥକ ପୃଥକ ସମୟରେ ଭୋଟର ତାଲିକା, ଭୋଟର ପଞ୍ଜିକରଣ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ଉପରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଆନୁଷ୍ଠାନିକ ଭାବରେ ଆପତ୍ତି ଉଠାଇଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା ।

ରୁଷ ସହ ତେଲ କାରବାରକୁ ନେଇ ଭାରତର ସ୍ପଷ୍ଟ ଆଭିମୁଖ୍ୟ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ରୁଷଠାରୁ ଅଶୋଧିତ ତୈଳ କିଣିବା ପ୍ରସଙ୍ଗରେ ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ବାହ୍ୟ ଚାପ ସତ୍ତ୍ୱେ ରୁଷଠାରୁ ତୈଳ ଆମଦାନୀ ଜାରି ରହିବ ବୋଲି ଭାରତ ସଙ୍କେତ ଦେଇଛି । ଶନିବାର ବୈଦେଶିକ ମନ୍ତ୍ରଣାଳୟର ପରାମର୍ଶଦାତା କମିଟି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ସାଂସଦମାନଙ୍କୁ କହିଛନ୍ତି ଯେ, ରୁଷରୁ ଆସୁଥିବା ଅଶୋଧିତ ତୈଳ ଭାରତର ଏନର୍ଜି ମିକ୍ସର ଏକ ଅଂଶ ହୋଇ ରହିବ । ଏହି ବୈଠକରେ ଭାରତ-ରୁଷ ସମ୍ପର୍କ, ୟୁକ୍ରେନ ଯୁଦ୍ଧ ଏବଂ ଦେଶର ଶକ୍ତି ଯୋଗାଣ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବିଶେଷ କରି ରୁଷ ଉପରେ ଭାରତର ଅଶୋଧିତ ତୈଳ ନିର୍ଭରତା ଏବଂ ୟୁକ୍ରେନ ଯୁଦ୍ଧ ଶେଷ କରିବାରେ ଭାରତର ଭୂମିକା ନେଇ ସାଂସଦମାନେ ଆଲୋଚନା କରିଥିଲେ । ବୈଠକରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତର ମୋଟ ଅଶୋଧିତ ତୈଳ ଆମଦାନୀରେ ରୁଷର ଭାଗ ପ୍ରାୟ ୫୨ ପ୍ରତିଶତ । ୟୁକ୍ରେନ ଯୁଦ୍ଧ କାରଣରୁ ପଶ୍ଚିମ ଏସିଆର ପାରମ୍ପରିକ ଶକ୍ତି ଯୋଗାଣକାରୀଙ୍କ ଉପରେ ପ୍ରଭାବ ପଡ଼ିଥିବାରୁ ରୁଷର ତୈଳ ଭାରତର ଶକ୍ତି ଆବଶ୍ୟକତା ପୂରଣରେ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି । ବୈଠକରେ ଏହା ମଧ୍ୟ ଆଲୋଚନା ହୋଇଥିଲା ଯେ, ୟୁକ୍ରେନ ଯୁଦ୍ଧ ଜାରି ରହିଥିବା ସତ୍ତ୍ୱେ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ନିଜର ଶକ୍ତି ଆବଶ୍ୟକତାର ଏକ ଅଂଶ ରୁଷଠାରୁ ଆମଦାନୀ କରୁଛନ୍ତି । ୟୁକ୍ରେନ ଯୁଦ୍ଧ ଶେଷ କରିବା ପାଇଁ ଭାରତର ଉଦ୍ୟମ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଯୁଦ୍ଧର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ହିଁ ଏକମାତ୍ର ରାସ୍ତା ବୋଲି ଭାରତ ପୁଣିଥରେ ନିଜର ଆଭିମୁଖ୍ୟ ଦୋହରାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ୟୁକ୍ରେନ ନେତୃତ୍ୱ ସହ ଆଲୋଚନା କରିସାରିଛନ୍ତି ।

ପାକିସ୍ତାନୀ ଏଜେଂଟଙ୍କୁ ଗୁପ୍ତ ତଥ୍ୟ ଦେବା ଅଭିଯୋଗରେ ଭାରତୀୟ ଯବାନ ଗିରଫ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ପାକିସ୍ତାନୀ ଗୁପ୍ତଚରଙ୍କ ହନି ଟ୍ରାପ୍‌ରେ ଫସି ଭାରତୀୟ ନୌସେନା ସମ୍ବନ୍ଧୀୟ ସମ୍ବେଦନଶୀଳ ତଥ୍ୟ ଶତ୍ରୁ ପକ୍ଷକୁ ପଠାଇବା ଅଭିଯୋଗରେ ଜଣେ ନୌସେନା ଯବାନଙ୍କୁ ଗିରଫ କରାଯାଇଛି । ଗିରଫ ଯବାନ ହେଲେ ୩୧ ବର୍ଷୀୟ ପ୍ରଦୀପ ମୁଖାର୍ଜୀ । ଆନ୍ଧ୍ରପ୍ରଦେଶ ପୁଲିସର କାଉଂଟର ଇଂଟେଲିଜେନ୍ସ ସେଲ୍ ତାଙ୍କୁ ତାମିଲନାଡୁର କୋଏମ୍ବାଟୋରସ୍ଥିତ ନୌସେନା ପ୍ରଶିକ୍ଷଣ କେନ୍ଦ୍ର 'ଆଇଏନଏସ୍ ଅଗ୍ରଣୀ'ରୁ ଗିରଫ କରିଛି । ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ବାସିନ୍ଦା ପ୍ରଦୀପ ୨୦୧୪ ମସିହାରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ । ପରେ ତାଙ୍କୁ ବିଶାଖାପାଟଣାସ୍ଥିତ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡରେ ନିୟୋଜିତ କରାଯାଇଥିଲା । ଏକ ମ୍ୟାନେଜମେଂଟ ଡେଭେଲପମେଂଟ କୋର୍ସ ପାଇଁ ସେ ଗତ ସପ୍ତାହେ ହେବ କୋଏମ୍ବାଟୋରର ନୌସେନା ପ୍ରଶିକ୍ଷଣ କେନ୍ଦ୍ରରେ ରହୁଥିଲେ । ତଦନ୍ତକାରୀଙ୍କ ଅନୁଯାୟୀ, କିଛି ମାସ ପୂର୍ବେ ଜଣେ ମହିଳା ପାକିସ୍ତାନୀ ଗୁପ୍ତଚର ଅନଲାଇନ୍ ମାଧ୍ୟମରେ ପ୍ରଦୀପଙ୍କ ସହ ଯୋଗାଯୋଗ ସ୍ଥାପନ କରିଥିଲେ । ଧୀରେ ଧୀରେ ତାଙ୍କ ସହ ସମ୍ପର୍କ ବଢ଼ାଇ ପ୍ରଦୀପଙ୍କଠାରୁ ନୌସେନା ସମ୍ବନ୍ଧୀୟ ସମ୍ବେଦନଶୀଳ ତଥ୍ୟ ହାସଲ କରାଯାଇଥିବା ଅଭିଯୋଗ ହୋଇଛି । ବିଶେଷ କରି ବିଶାଖାପାଟଣା ନୌସେନା ଘାଟିର କାର୍ଯ୍ୟଶୈଳୀ, ସାମରିକ ପ୍ରସ୍ତୁତି, ନୌସେନା ଜାହାଜର ଯାତାୟାତ ଏବଂ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରଦୀପ ଶତ୍ରୁ ପକ୍ଷକୁ ପଠାଇଥିବା ତଦନ୍ତକାରୀମାନେ ଅଭିଯୋଗ କରିଛନ୍ତି । ପ୍ରଦୀପଙ୍କ ଡିଜିଟାଲ୍ କାର୍ଯ୍ୟକଳାପ ଉପରେ ନଜର ରଖିବା ବେଳେ ସିଆଇ ସେଲ୍ କିଛି ସନ୍ଦେହଜନକ ତଥ୍ୟ ପାଇଥିଲା । ଏହାପରେ ତାଙ୍କ ଉପରେ ନଜରଦାରି ବଢ଼ାଯାଇଥିଲା । ତଦନ୍ତକାରୀ ଦଳକୁ ଆବଶ୍ୟକ ପ୍ରମାଣ ମିଳିବା ପରେ ଶନିବାର ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ଏହି ଘଟଣା ପୁଣିଥରେ ଅନଲାଇନ୍ ହନି ଟ୍ରାପ୍ ମାଧ୍ୟମରେ ଭାରତୀୟ ସୁରକ୍ଷା ବ୍ୟବସ୍ଥାରୁ ସମ୍ବେଦନଶୀଳ ତଥ୍ୟ ହାସଲ କରିବାକୁ ଶତ୍ରୁ ଦେଶର ଗୁପ୍ତଚର ସଂସ୍ଥାଗୁଡ଼ିକର ଉଦ୍ୟମକୁ ସାମ୍ନାକୁ ଆଣିଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୪/୧୦ (ଆ.ପ୍ର) : ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି । ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ । ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ । ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି । ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ । ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ । ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଂଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ । ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଂଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ । ଯାଂଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ । ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି । ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ।

ଯନ୍ତରମନ୍ତରରେ ବିକ୍ଷୋଭ ବେଳେ ମହିଳା ସାମ୍ବାଦିକଙ୍କୁ ପୁଲିସର ଅସଦାଚରଣ ଅଭିଯୋଗ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଗତକାଲି ଦିଲ୍ଲୀର ଯନ୍ତରମନ୍ତରରେ ହୋଇଥିବା ବିକ୍ଷୋଭ ବେଳେ ପୁଲିସ୍ କର୍ମଚାରୀମାନେ ୩ ଜଣ ମହିଳା ସାମ୍ବାଦିକଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଦିଲ୍ଲୀ ପୁଲିସ କହିଛି ଯେ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମାମଲାଟିକୁ କ୍ରାଇମ ବ୍ରାଂଚକୁ ହସ୍ତାନ୍ତର କରାଯାଇଛି । ଏହି ତିନି ମହିଳା ସାମ୍ବାଦିକଙ୍କ ମଧ୍ୟରୁ ଜଣେ କହିଛନ୍ତି ଯେ ତାଙ୍କୁ ଦିଲ୍ଲୀ ପୁଲିସର ଜଣେ ଏସିପି (ଆସିଷ୍ଟାଂଟ କମିଶନର ଅଫ୍ ପୁଲିସ) ଅସଦାଚରଣ କରିଥିଲେ । ସେହି ପୁଲିସ ଅଧିକାରୀ ତାଙ୍କ ଶରୀରକୁ ଅନୁଚିତ ଭାବେ ସ୍ପର୍ଶ କରିଥିଲେ ଓ ଠେଲି ଦେଇଥିଲେ । ସେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନକୁ ରେକର୍ଡ କରୁଥିବା ବେଳେ ତାଙ୍କ ସହିତ ଏହି ଅସଦାଚରଣ କରାଯାଇଥିଲା । ସେ କହିଛନ୍ତି ଯେ ଏହି ଘଟଣା ପରେ ସେ ଓ ଅନ୍ୟମାନେ ଥାନାକୁ ଯାଇଥିଲେ । ସେମାନେ ଏହି ଘଟଣା ନେଇ ଅଭିଯୋଗ ଦାଖଲ କରିଥିଲେ । କିନ୍ତୁ ଉପସ୍ଥିତ ପୁଲିସ ଅଧିକାରୀ ସେମାନଙ୍କ ଅଭିଯୋଗକୁ ସଙ୍ଗେ ସଙ୍ଗେ ଗ୍ରହଣ କରି ନଥିଲେ । ଦିଲ୍ଲୀ ପୁଲିସ କହିଛି ଯେ ସେମାନଙ୍କ (ତିନି ମହିଳା ସାମ୍ବାଦିକଙ୍କ) ଅଭିଯୋଗ ଆମେ ପାଇଛୁ । ତଦନ୍ତ ପାଇଁ ସେଗୁଡ଼ିକୁ କ୍ରାଇମ ବ୍ରାଂଚକୁ ପଠାଇ ଦିଆଯାଇଛି । ଏହି ଘଟଣାକୁ ନେଇ ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ ସ୍ତବ୍ଧ ହେବା ସହିତ ଗଭୀର ଚିନ୍ତା ପ୍ରକାଶ କରିଛି । ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ କହିଛି ଯେ ଗଣତନ୍ତ୍ରରେ ଏଭଳି ବ୍ୟବହାର ସ୍ୱାଭାବିକ ନୁହେଁ । ସାମ୍ବାଦିକଙ୍କୁ କୌଣସି ଭୟ ନଦେଖାଇ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଦରକାର । ଦିଲ୍ଲୀ ପୁଲିସ୍ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ । କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଏନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ନିକଟରୁ ଜବାବ ଦାବି କରିଛନ୍ତି । ସେ କହିଛନ୍ତି ଯେ ଯେହେତୁ ଦିଲ୍ଲୀ ପୁଲିସ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ରହିଛି, ତେଣୁ ଅମିତ ଶାହ ଏହାର ଜବାବ ଦିଅନ୍ତୁ ।

ଢାଂଚାଗତ ସଂସ୍କାର ଜାରି ରହୁ: ଶକ୍ତିକାନ୍ତ

ମୁମ୍ବାଇ, ୪/୧୦ (ନ୍ୟୁ.ଏ): ଗତ ଦଶନ୍ଧିରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ ଓ ବାହ୍ୟ ଝଟକାରୁ ସୁରକ୍ଷା ପ୍ରଦାନ କରୁଛି । ସେହି ଢାଂଚାଗତ ସଂସ୍କାର ପ୍ରକ୍ରିୟାକୁ ସରକାର ଆଗାମୀ ଦିନରେ ଜାରି ରଖିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ କହିଛନ୍ତି । ଯେଉଁ ସବୁ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରିବାକୁ ପଡୁଛି, ସେହି କ୍ଷେତ୍ରଗୁଡ଼ିକରେ ସ୍ଥାନୀୟ ଉତ୍ପାଦନ ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି । ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଲେ, ଭାରତର ଅର୍ଥନୈତିକ ସ୍ଥାୟିତ୍ୱ କୌଣସି ଆକସ୍ମିକ ଘଟଣା ନୁହେଁ । ବିଗତ ବର୍ଷଗୁଡ଼ିକରେ ଗ୍ରହଣ କରାଯାଇଥିବା ସଂସ୍କାରର ତାହା ହେଉଛି ଫଳ । ନମନୀୟ ମୁଦ୍ରାସ୍ଫୀତି ଲକ୍ଷ୍ୟ, ଜିଏସ୍‌ଟି, ଡିଜିଟାଲ୍ ପେମେଂଟ, ବ୍ୟାଙ୍କ କ୍ଷେତ୍ରରେ ସଂସ୍କାର ଓ ଆର୍ଥିକ ଦୃଢ଼ତା ଭଳି ପଦକ୍ଷେପ ସଙ୍କଟ ଆସିବାର ବହୁ ପୂର୍ବରୁ ଗ୍ରହଣ କରାଯାଇଥିଲା । ସେଥିପାଇଁ ଯେତେବେଳେ ବିଶ୍ୱସ୍ତରରେ ବଡ଼ ସଙ୍କଟ ଦେଖାଦେଲା, ତାହାର ଚାପକୁ ଭାରତ ସହଜରେ ସହ୍ୟ କରିନେଇଥିଲା । ଆତ୍ମନିର୍ଭରଭାରତ କାର୍ଯ୍ୟକ୍ରମକୁ ବିଶ୍ୱଠାରୁ ନିଜକୁ ଅଲଗା ରଖିବାର ଏକ ଉଦ୍ୟମ ଭାବେ ବିଚାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହା ଜରିଆରେ ଘରୋଇ କ୍ଷମତା ବୃଦ୍ଧି କରାଯାଉଛି ଓ ଦେଶ ବିଶ୍ୱ ବଜାର ସହ ପୂର୍ବଭଳି ଯୋଡ଼ିହୋଇରହିବ । ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ବିନିର୍ମାଣ, ପ୍ରତିରକ୍ଷାଉତ୍ପାଦନ ଓ କ୍ରିଟିକାଲ୍ ପ୍ରଯୁକ୍ତିବିଦ୍ୟାରେ ବିଶ୍ୱସ୍ତରୀୟ ସହଯୋଗିତା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି । ଆଗାମୀ ଦିନରେ ଗ୍ରିନ୍ ହାଇଡ୍ରୋଜେନ୍, ସ୍ଥାୟୀ କୃଷି ଓ ସର୍କୁଲାର ଇକୋନମି ଦେଶର ଅଭିବୃଦ୍ଧିକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବ ବୋଲି ସେ ଜଣାଇଛନ୍ତି । ଶକ୍ତି ସୁରକ୍ଷା ସୁଦୃଢ଼ କରିବାକୁ ସମୁଦ୍ର ମନ୍ଥନ କାର୍ଯ୍ୟକ୍ରମ ଅଧୀନରେ ଗଭୀର ସମୁଦ୍ରରେ କରାଯାଉଥିବା ଅନ୍ୱେଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଆରମ୍ଭ
SEITHO ARAMBHA

ସୋମବାର, ୦୫ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

"ସେବା ହିଁ ସଂକଳ୍ପ ଏବଂ ବିକାଶ ହିଁ ଲକ୍ଷ୍ୟ"କୁ ଆଧାର କରି 'ବିକଶିତ ଭାରତ' ନିର୍ମାଣ ପାଇଁ ଭାରତବର୍ଷ ଦ୍ରୁତ ଗତିରେ ଆଗେଇ ଚାଲିଛି

ଭୁବନେଶ୍ୱର, ୦୪/୧୦ (ଆ.ପ୍ର) : ନାଟକ ବା ପଥପ୍ରାନ୍ତ ନାଟକ ଜରିଆରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟଗୁଡିକୁ ଲୋକଙ୍କ ପାଖରେ ପହଂଚାଇବା ଉଦ୍ଦେଶ୍ୟରେ 'ନମୋ ସେବା ଗାଥା' ର ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିବା ସହିତ ସେବା ହିଁ ସଂକଳ୍ପ ଏବଂ ବିକାଶ ହିଁ ଲକ୍ଷ୍ୟକୁ ଆଧାର କରି ବିକଶିତ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତବର୍ଷ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଓ ସାଂସଦ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି । ଦୁଇ ଦିନିଆ ଓଡିଶା ଗସ୍ତରେ ଆସିଥିବା ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସଂପାଦକ ଡ.ସ୍ୱଦେଶ ସିଂହ ରାଜ୍ୟରେ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ" ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । 'ସେବା ହିଁ ପରମ ଧର୍ମ'ର ମହାନ ମନ୍ତ୍ରକୁ ପାଥେୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ଜନସେବା ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଗତ ସେପ୍ଟେମ୍ବର ୧୭ରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା "ସେବା ସଂକଳ୍ପ ଅଭିଯାନ-୨୦୨୬" ଅନ୍ତର୍ଗତ 'ନମୋ ସେବା ଗାଥା - ପଥପ୍ରାନ୍ତ ନାଟକ' କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସିଂହ ଯୋଗ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ କାମ୍ବୁକୋଳିଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ସାଧାରଣ ସଂପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ପ୍ରକୋଷ୍ଠ ସମୂହ ସହ ସଂଯୋଜକ ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଂଜନ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ । ଦୁଇ ଦିନିଆ ଓଡିଶା ଗସ୍ତରେ ଥିବା ରାଜ୍ୟ ପ୍ରଭାରୀ ପୁରନ୍ଦେଶ୍ୱରୀ ଏବଂ ରାଜ୍ୟ ସହପ୍ରଭାରୀ ଡ.ସିଂହ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ଏବଂ ପ୍ରକୋଷ୍ଠ ସମୂହ ସଂଯୋଜକ ଏବଂ ସହସଂଯୋଜକଙ୍କ ବୈଠକ କରି ଆଲୋଚନା କରିଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦଙ୍କ ସହ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦେଇ ଚର୍ଚ୍ଚା ଓ ଆଲୋଚନା କରିଥିଲେ । ଦଳର ସାଂଗଠନିକ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟସୂଚୀ, ବିଭିନ୍ନ ମୋର୍ଚ୍ଚାଗୁଡିକର କାର୍ଯ୍ୟଦକ୍ଷତା ଏବଂ ତୃଣମୂଳସ୍ତରରେ ଦଳକୁ ଅଧିକ ସୁଦୃଢ କରିବାର ବିଭିନ୍ନ ଦିଗ ସଂପର୍କରେ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ । ଜନସାଧାରଣଙ୍କ ନିକଟତର ହେବା ଏବଂ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ନେତୃତ୍ୱରେ ଓଡିଶାରେ ବିଜେପି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସ୍ୱଦେଶ ସିଂହ ଆଜି ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ ।

ମାତୃ ନବମୀ ଓ ପ୍ରାଣୀ କଲ୍ୟାଣ ଦିବସ ପାଳନ : ଛାତ୍ରାବାସ ପିଲାଙ୍କୁ ଜୀବଦୟାର ପାଠ ପଢ଼ାଇଲେ ନିତ୍ୟାନନ୍ଦ ଚୌଧୁରୀ

ପାରଳାଖେମୁଣ୍ଡି, ୦୪/୧୦ (ଆ.ପ୍ର) : ମାତୃଭକ୍ତି ଏବଂ ମୂକ ପ୍ରାଣୀଙ୍କ ସେବା ହିଁ ପ୍ରକୃତ ସଂସ୍କାର । ଏହି ମହାନ ବାର୍ତ୍ତାକୁ ନେଇ ସ୍ଥାନୀୟ ବାଳ-ମୁକୁନ୍ଦ କେନ୍ଦ୍ର ପକ୍ଷରୁ ଆଜି (ରବିବାର) ଛାତ୍ରାବାସର ଅନ୍ତେବାସୀଙ୍କ ମଧ୍ୟରେ ଏକ ଭାବୋଦ୍ଦୀପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଏଥିରେ ଯୋଗଦେଇ ପିଲାମାନଙ୍କୁ ସଂସ୍କୃତି ଓ ଜୀବଦୟାର ମହତ୍ୱ ବୁଝାଇଥିଲେ । ପୂର୍ବାହ୍ନରେ ଡ଼ଃ ସତ୍ୟନାରାୟଣ ରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରାଯାଇ ପିତୃପକ୍ଷର ପବିତ୍ର 'ମାତୃ ନବମୀ ଶ୍ରାଦ୍ଧ' ଏବଂ ଅକ୍ଟୋବର ୪ ତାରିଖ 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ' ଉପରେ ରୋଚକ ଆଲୋଚନା ହୋଇଥିଲା । 'ହୃଦୟରେ ରହୁ ମାତୃଭକ୍ତିର ଶ୍ରଦ୍ଧା , ଆଚରଣରେ ରହୁ ପ୍ରାଣୀଜଗତ ପ୍ରତି ଦୟା' ଶୀର୍ଷକ ଉପରେ ଆଲୋକପାତ କରି ଶ୍ରୀ ଚୌଧୁରୀ କହିଲେ ଯେ, ପ୍ରତ୍ୟେକ ପ୍ରାଣୀ ଭିତରେ ଥିବା ଜୀବନ ସତ୍ତାକୁ ସମ୍ମାନ ଜଣାଇବା ଆମ ପରମ୍ପରାର ମୂଳ ଭିତି । ସେହିପରି ଅପରାହ୍ନରେ ଆର୍ବାନ ଛାତ୍ରାବାସ ପରିସରରେ 'ମୂକ ପ୍ରାଣୀଙ୍କ ସେବା ହିଁ ପ୍ରକୃତ ଈଶ୍ୱର ସେବା ଓ ମାତୃ ଶ୍ରଦ୍ଧାର ସର୍ବୋତମ ପରିପ୍ରକାଶ' ପ୍ରସଙ୍ଗରେ ଛାତ୍ରମାନଙ୍କ ମଧ୍ୟରେ ଭାବ ବିନିମୟ ହୋଇଥିଲା । ବିପଦାପନ୍ନ ଓ ବୁଲା ପଶୁପକ୍ଷୀଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ଶିକ୍ଷାର୍ଥୀମାନେ ଶପଥ ନେଇଥିଲେ । ଛାତ୍ରାବାସର ଶିକ୍ଷକ, ତତ୍ତ୍ୱାବଧାରକ ତଥା ଛାତ୍ରଛାତ୍ରୀମାନଙ୍କ ଉତ୍ସାହୀ ଅଂଶଗ୍ରହଣ ମଧ୍ୟରେ ଏହି ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା ।

ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ନୂତନ ଉଚ୍ଚତାକୁ ନେବାରେ ମାଇଲଖୁଂଟ ହେବ : ଦିଲୀପ ମଲ୍ଲିକ

ଭୁବନେଶ୍ୱର, ୦୪/୧୦ (ଆ.ପ୍ର) : ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ, ଖାଦ୍ୟ, ବୋଇତ ବନ୍ଦାଣର ସ୍ମୃତି ଏବଂ ମନୋରମ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବା ସହ ରାଜ୍ୟକୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲକ୍ଷ୍ୟରେ ଗତକାଲି ଶୁଭାରମ୍ଭ ହୋଇଥିବା '୭ମ ଓଡ଼ିଶା ଟ୍ରାଭେଲ୍ ବଜାର ୨୦୨୬' ପାଇଁ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି । ଏହି ଆନ୍ତର୍ଜାତୀୟ ସ୍ତରର ମଂଚ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଛି । ଦେଶ ଓ ବିଦେଶରୁ ଆସିଥିବା ନାମୀଦାମୀ ଟ୍ରାଭେଲ୍ ଅପରେଟର, ପୁଞ୍ଜିନିବେଶକ ଏବଂ ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ବିଶେଷଜ୍ଞମାନଙ୍କୁ ଏ କ । ୦ କରିବାରେ ଏହି ଆୟୋଜନ ଅତ୍ୟନ୍ତ ସଫଳ ହୋଇଛି । ଓଡ଼ିଶାର ନଦୀ, ସମୁଦ୍ର, ଜଙ୍ଗଲ, ବନ୍ୟପ୍ରାଣୀ, ଆଧ୍ୟାତ୍ମିକ ପୀଠ ଏବଂ ଜନଜାତି ସଂସ୍କୃତିକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ପ୍ରଶଂସନୀୟ । ଏହି ଟ୍ରାଭେଲ୍ ବଜାର ମାଧ୍ୟମରେ ହୋଟେଲ୍, ହୋମ୍-ଷ୍ଟେ, ଇକୋ-ଟୁରିଜମ୍ ଏବଂ ଭିତିଭୂମି ବିକାଶ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି ହୋଇଛି । ଏହାଦ୍ୱାରା ରାଜ୍ୟର ସ୍ଥାନୀୟ ଯୁବକଯୁବତୀମାନଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନୂତନ ନିଯୁକ୍ତି ଏବଂ ସ୍ୱାବଲମ୍ବନର ପନ୍ଥା ସୃଷ୍ଟି ହେବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ବିଜେପି ସରକାରଙ୍କ ନୀତିଗତ ନିଷ୍ପତ୍ତି ଯୋଗୁଁ ଓଡ଼ିଶା ଆଜି ଦେଶର ଅନ୍ୟତମ ପ୍ରମୁଖ 'ଟୁରିଜମ୍ ହବ୍' ଭାବେ ଗଢ଼ିଉଠୁଛି । ରାଜ୍ୟରେ ପର୍ଯ୍ୟଟନ ଭିତିଭୂମି ବିକାଶ ପାଇଁ ୫୫୦୦ ଏକର ପରିମିତ ଏକ ବିଶାଳ ଲ୍ୟାଣ୍ଡ ବ୍ୟାଙ୍କକୁ ରାଜ୍ୟ ସରକାର ମଞ୍ଜୁର ପ୍ରଦାନ କରିଛନ୍ତି । ସେହିଭଳି ରାଜ୍ୟରେ ଗୁଣାତ୍ମକ ମୌଳିକ ଭିତିଭୂମିର ବିକାଶ ତଥା ହୋଟେଲ ନିର୍ମାଣ ନିମନ୍ତେ ୨୦୨୬ରୁ ୨୦୩୧ ମସିହା ମଧ୍ୟରେ ୧୫୦୦ କୋଟି ଟଙ୍କାର ବଜେଟକୁ ମଧ୍ୟ ମଞ୍ଜୁର ପ୍ରଦାନ କରିଛନ୍ତି । ରାଜ୍ୟକୁ ଆସୁଥିବା ଅତିଥିଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଟୁରିଷ୍ଟ ପୋଲିସ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି ରାଜ୍ୟ ସରକାର । ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ନୂତନ ଉଚ୍ଚତାକୁ ନେବା ଏବଂ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ମଲ୍ଲିକ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ସେବା ସଂକଳ୍ପ ଯୋଜନାର ପଥପ୍ରାନ୍ତ ନାଟକ ଦ୍ୱାରା ପ୍ରଚାର ପ୍ରସାର

ଜି.ଉଦୟଗିରି, ୦୪/୧୦ (ଆ.ପ୍ର) : ସ୍ଥାନୀୟ ବ୍ଲକ ଅନ୍ତର୍ଗତ ରାଇକଲା ଗ୍ରାମ ପଂଚାୟତରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନାକୁ ଗାଁ ଗାଁରେ ଲୋକାଭିମୁଖୀ କରିବା ଏବଂ ସାଧାରଣ ଲୋକଙ୍କୁ ଏହାର ସୁବିଧା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟ । ଉଦିଙ୍ଗିଆ ପଂଚାୟତ ମଗରଗୁଡ଼ା ଗ୍ରାମର ଜୟନନ୍ଦ ସାଂସ୍କୃତିକ ସମିତିର କଳାକାର ସଦସ୍ୟମାନେ ଆଦିବାସୀ

ପାରମ୍ପରିକ ବେଶଭୂଷା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରୁଥିବା ଦେଖିବାକୁ ମିଳିଛି । ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିଭାଗ ତରଫରୁ ଏହି ସଚେତନତା କାର୍ଯ୍ୟକ୍ରମରେ କଳାକାର ମାନେ ଗୀତ, ନୃତ୍ୟ, ପଥପ୍ରାନ୍ତ ନାଟକ ଓ କଥାବାର୍ତ୍ତା ମାଧ୍ୟମରେ ସରକାରୀ ଯୋଜନା ଗୁଡ଼ିକର ଉଦ୍ଦେଶ୍ୟ, ସୁବିଧା ଓ ଲୋକ ମାନେ କିପରି ଏହାର ଲାଭ ପାଇପାରିବେ ସେ ସମ୍ପର୍କରେ କୁଇ ଭାଷାରେ ସଚେତନ କରିଥିଲେ । କଳାକାରମାନଙ୍କ ଗୀତ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ସରକାରୀ ଯୋଜନାର ବାର୍ତ୍ତା ଲୋକଙ୍କ ନିକଟରେ ସହଜ ଓ ଆକର୍ଷଣୀୟ ଢଙ୍ଗରେ ଉପସ୍ଥାପନ କରିଥିଲେ । ପଥପ୍ରାନ୍ତ ନାଟକ ଭଳି ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଫଳରେ ଗ୍ରାମାଂଚଳର ଲୋକମାନେ ସରକାରୀ ଯୋଜନା ବିଷୟରେ ସହଜରେ ବୁଝିବା ସହିତ ନିଜ ଅଧିକାର ଓ ସରକାରୀ ସୁବିଧା ସମ୍ପର୍କରେ ସଚେତନ ହେବାର ସୁଯୋଗ ପାଉଛନ୍ତି । ସମିତିର ସଭାପତି ଜୟାନନ୍ଦ ପ୍ରଧାନ ନାଟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଦସ୍ୟ ଜୟ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଗାଁର ଶତାଧିକ ଲୋକମାନେ ତୃପ୍ତ ହୋଇଥିଲେ ।

ଏମ୍‌ଡି ଅମିନୁଦ୍ଦିନ ଖାନଙ୍କୁ ସଂଖ୍ୟାଲଘୁ ସେଲ୍‌ର ରାଜ୍ୟ ସଂପାଦକ ଦାୟିତ୍ୱ, ଶୁଭେଚ୍ଛା ଜଣାଇଲେ ଗ୍ରାମବାସୀ

ବାସୁଦେବପୁର, ୦୪/୧୦ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ପୂର୍ବତନ ପାରିଷଦ ଏମ୍‌ଡି ଅମିନୁଦ୍ଦିନ ଖାନ୍, ଓରଫ୍ ଆପନଙ୍କୁ ବିଜୁ ଜନତା ଦଳ ପକ୍ଷରୁ ସଂଖ୍ୟାଲଘୁ ସେଲ୍‌ର ରାଜ୍ୟ ସଂପାଦକ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ପରେ ଶୁଭେଚ୍ଛାର ସୁଅ ଛୁଟିଛି । ତାଙ୍କ ନୂଆ ଦାୟିତ୍ୱକୁ ନେଇ ଗ୍ରାମବାସୀ ଓ ଦଳୀୟ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଦଳୀୟ ସଂଗଠନକୁ ମଜବୁତ କରିବା ସହ ସଂଖ୍ୟାଲଘୁ ସେଲ୍‌କୁ ଅଧିକ ସକ୍ରିୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିବା କହିଛନ୍ତି ।ବାସୁଦେବପୁର ସାବର ପୁର ମାଟିର ପରିଚିତ ଚେହେରା ଏମ୍‌ଡି ଅମିନୁଦ୍ଦିନ ଖାନ୍, ଓରଫ୍ ଆପନ୍ । ପୌରପାଳିକାର ପୂର୍ବତନ ପାରିଷଦ ଭାବେ ଦାୟିତ୍ୱ ତୁଲାଇଥିବା ଆପନଙ୍କୁ ବିଜେଡି ସଂଗଠନରେ ରାଜ୍ୟ ସଂପାଦକ ଭାବେ ମିଳିଛି ନୂଆ ଦାୟିତ୍ୱ । ଦଳର ସଂଖ୍ୟାଲଘୁ ସେଲ୍‌ର ରାଜ୍ୟ ସଂପାଦକ ଦାୟିତ୍ୱ ମିଳିବା ପରେ ତାଙ୍କୁ ନେଇ ଦଳୀୟ ମହଲରେ ବର୍ଦ୍ଧିଛି ଉତ୍ସାହ । ଗ୍ରାମବାସୀ, ସମର୍ଥକ ଓ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ନୂଆ ଦାୟିତ୍ୱ ପାଇଁ ଶୁଭକାମନା ଜଣାଇଛନ୍ତି । ନୂଆ ଦାୟିତ୍ୱ ମିଳିବା ପରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ଏବଂ ରାଜ୍ୟର ସଂଖ୍ୟାଲଘୁ ସେଲ୍‌କୁ ତୃଣମୂଳସ୍ତରରେ ଅଧିକ ସକ୍ରିୟ କରିବା ଦିଗରେ କାମ କରୁଥିବା କହିଛନ୍ତି ଏମ୍‌ଡି ଅମିନୁଦ୍ଦିନ ଖାନ୍ । ବିଶେଷକରି ଦଳୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଂଚାଇବା ସହ ସଂଗଠନକୁ ମଜବୁତ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି । ଏହି ଅବସରରେ ଏମ୍‌ଡି ଅମିନୁଦ୍ଦିନ ଖାନ୍ ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି । ଦଳ "ମୋ ଉପରେ ଭରସା ରଖି ଯେଉଁ ଦାୟିତ୍ୱ ଦିଆଯାଇଛି, ତାହାକୁ ନିଷ୍ଠାର ସହ ତୁଲାଇବି । ଦଳୀୟ ସଂଗଠନକୁ ମଜବୁତ କରିବା ସହ ସଂଖ୍ୟାଲଘୁ ସେଲ୍‌କୁ ଆହୁରି ସକ୍ରିୟ କରିବା ପାଇଁ କାମ କରିବି ।" ନୂଆ ଦାୟିତ୍ୱକୁ ନେଇ ଆପନଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ।

ମା' ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି, ୦୪/୧୦ (ଆ.ପ୍ର) : ଜି.ଉଦୟଗିରି କକଟି ପଡାସାହିରେ ଚଳିତ ବର୍ଷ ମା' ଗଜଲକ୍ଷ୍ମୀ ପୂଜାକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମା'ଙ୍କ ପୂଜା ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ସଭାପତି ସନ୍ତୋଷ ବାଘଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ପୂଜା ପାଇଁ ଆବଶ୍ୟକ ପ୍ରସ୍ତୁତି, ପୂଜାର ବିଭିନ୍ନ କାର୍ଯ୍ୟକ୍ରମ, ସାଜସଜ୍ଜା ଓ ଭକ୍ତଙ୍କ ଦର୍ଶନ ସୁବିଧା ନେଇ ଆଲୋଚନା ହୋଇଥିଲା । ପୂଜାକୁ ଆକର୍ଷଣୀୟ କରିବା ସହ ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିବାକୁ କମିଟି ପକ୍ଷରୁ ଯୋଜନା କରାଯାଇଛି । ବୈଠକରେ ହେମନ୍ତ ପ୍ରଧାନ, ସଞ୍ଜୀବ ପ୍ରଧାନ, ସୁଦାମ ପାତ୍ର, ପ୍ରଭାତ ମହାପାତ୍ର, ପ୍ରଶାନ୍ତ ବଗର୍ତ୍ତୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ପୂଜାକୁ ସଫଳ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବା ସହ ପୂଜା କମିଟିକୁ ସହଯୋଗ କରିବାକୁ ମତ ପ୍ରକାଶ କରିଥିଲେ । ଚଳିତ ବର୍ଷ ମା' ଗଜଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ ଓ ଉତ୍ସବମୁଖର କରିବା ପାଇଁ ଅଂଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ବୈଠକ ମାଧ୍ୟମରେ ପୂଜା ପ୍ରସ୍ତୁତିର ଆରମ୍ଭ କରାଯାଇଥିବା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ପ୍ରସ୍ତୁତି କାର୍ଯ୍ୟ ଜାରି ରହିବ ବୋଲି ସଭାପତି ସନ୍ତୋଷ ସୂଚନା ଦେଇଛନ୍ତି ।

ଅନୁରୂପ ନାୟକଙ୍କ ବିୟୋଗରେ ସାରା ସହରରେ ଶୋକର ଛାୟା ଅକାଳ ବିୟୋଗରେ ଭାଙ୍ଗିପଡ଼ିଲେ ପରିବାର ଓ ଆତ୍ମୀୟସ୍ୱଜନ



ପାରଳାଖେମୁଣ୍ଡି, ୦୪/୧୦ (ଆ.ପ୍ର) : ଏକ ଅକାଳ ବିୟୋଗ ଖବର ସାରା ପାରଳାଖେମୁଣ୍ଡି ସହରକୁ ସ୍ତବ୍ଧ କରିଦେଇଛି । ଗଜପତି ଜିଲ୍ଲାର ଜଣାଶୁଣା ବିଜେଡି ନେତା ତଥା ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକଙ୍କ ସାନ ପୁଅ ଅନୁରୂପ ନାୟକଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ସହରରେ ଗଭୀର ଶୋକର ଛାୟା ଖେଳିଯାଇଛି । ଅନୁରୂପଙ୍କ ବିୟୋଗର ଖବର ଯେପରି ପରିବାର ଓ ଆତ୍ମୀୟସ୍ୱଜନଙ୍କ ପାଇଁ ଏକ ବଡ଼ ଆଘାତ ହୋଇଛି, ସେହିପରି ତାଙ୍କୁ ଜାଣିଥିବା ବନ୍ଧୁ, ଶୁଭେଚ୍ଛୁ ଓ ସହରବାସୀଙ୍କ ମଧ୍ୟରେ ମଧ୍ୟ ଗଭୀର ଦୁଃଖ ପ୍ରକାଶ ପାଇଛି । ହସମୁଖ ଚେହେରା, ସରଳ ବ୍ୟବହାର, ମିଷ୍ଟଭାଷୀ ସ୍ୱଭାବ ଓ ସମସ୍ତଙ୍କ ସହ ମିଶି ଚଳିବାର ଗୁଣ ପାଇଁ ଅନୁରୂପ ସ୍ଥାନୀୟ ଅଂଚଳରେ ଏକ ଆପଣାର ମଣିଷ ଭାବେ ପରିଚିତ ଥିଲେ । ତାଙ୍କ ଅକାଳ ବିୟୋଗର ଖବର ପାଇବା ପରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ଡିଭେକ ପାଢ଼ୀ, ସାମ୍ବାଦିକ ସରୋଜ ବିରୋ, ସାମ୍ବାଦିକ ସନ୍ତୋଷ ପଟ୍ଟନାୟକ, ସାମ୍ବାଦିକ କୃଷ୍ଣ କୁମାର ବେହେରାଙ୍କ ସମେତ ବହୁ ରାଜନୈତିକ, ସାମାଜିକ ଓ ସାମ୍ବାଦିକ ମହଲର ବ୍ୟକ୍ତିବିଶେଷ ଶୋକସନ୍ତପ୍ତ ପରିବାର ନିକଟରେ ପହଂଚି ସମବେଦନା ଜଣାଇଥିଲେ । ଅନୁରୂପଙ୍କ ଶେଷ ଦର୍ଶନ ପାଇଁ ଧୀରେ ଧୀରେ ଲୋକଙ୍କ ଭିଡ଼ ବଢ଼ିଥିଲା । ବନ୍ଧୁ , ଆତ୍ମୀୟ , ପରିଚିତ ଓ ଶୁଭେଚ୍ଛୁଙ୍କ ସହ ହଜାର ହଜାର ଲୋକ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏକତ୍ରିତ ହୋଇଥିଲେ । ଅନେକଙ୍କ ଆଖିରେ ଲୁହ ଓ ମନରେ ଅବ୍ୟକ୍ତ ବେଦନା ଦେଖିବାକୁ ମିଳିଥିଲା । ପରିଚିତମାନେ କହିଛନ୍ତି, ଅନୁରୂପଙ୍କ ବ୍ୟବହାରରେ କେବେ ଅହଂକାର ଦେଖିବାକୁ ମିଳୁନଥିଲା । ସମସ୍ତଙ୍କ ସହ ହସିକଥା ହେବା, ଆବଶ୍ୟକ ସମୟରେ ପାଖରେ ଠିଆ ହେବା ଏବଂ ଛୋଟବଡ଼ ସମସ୍ତଙ୍କୁ ଆପଣାର କରିନେବା ତାଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ବିଶେଷତା ଥିଲା । ତେଣୁ ତାଙ୍କ ହଠାତ୍ ବିଦାୟକୁ ଅନେକେ ସହଜରେ ଗ୍ରହଣ କରିପାରୁନାହାନ୍ତି । ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକବାର୍ତ୍ତା ପ୍ରକାଶ ପାଇଛି । ବହୁ ବନ୍ଧୁ, ଶୁଭେଚ୍ଛୁ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଶୋକସନ୍ତପ୍ତ ପରିବାରକୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି । ଏପରି ଜଣେ ମିଷ୍ଟଭାଷୀ ଓ ମେଳାପୀ ଯୁବକଙ୍କ ଅକାଳ ବିୟୋଗ ପରିବାର ସହ ସମଗ୍ର ସହର ପାଇଁ ମଧ୍ୟ ଏକ ଅପୂରଣୀୟ କ୍ଷତି ବୋଲି ଅନେକେ ମତ ପ୍ରକାଶ କରିଛନ୍ତି । ଅନୁରୂପଙ୍କ ଅନ୍ତିମ ଯାତ୍ରାରେ ମଧ୍ୟ ବହୁ ସଂଖ୍ୟକ ବନ୍ଧୁ , ଆତ୍ମୀୟ, ଶୁଭେଚ୍ଛୁ ଓ ସହରବାସୀ ସାମିଲ ହୋଇ ତାଙ୍କୁ ଶେଷ ବିଦାୟ ଜଣାଇଥିଲେ । ଏହି ସମୟରେ ସୃଷ୍ଟି ହୋଇଥିବା ଶୋକାକୁଳ ପରିବେଶ ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଥିଲା । ଅନୁରୂପ ନାୟକଙ୍କ ବିୟୋଗରେ ପରିବାର ଯେଉଁ ଅପୂରଣୀୟ ଶୂନ୍ୟତାର ସମ୍ମୁଖୀନ ହୋଇଛି, ତାହା କେବେ ପୂରଣ ହେବ ନାହିଁ ବୋଲି ଶୋକାକୁଳ ମହଲରେ ଆଲୋଚନା ହେଉଛି । ଏହି ଦୁଃଖଦ ସମୟରେ ଭଗବାନ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅସୀମ ବେଦନା ସହିବାକୁ ଶକ୍ତି ପ୍ରଦାନ କରନ୍ତୁ ବୋଲି ସମସ୍ତେ ପ୍ରାର୍ଥନା କରିଛନ୍ତି । ଦିବଙ୍ଗତ ଅନୁରୂପ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସହରବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ନିଷ୍ଠା ଜୋନ୍ ସ୍ତରୀୟ ସମ୍ପାଦକ ଓ ଅଧ୍ୟକ୍ଷ ସମ୍ମିଳନୀ

ଖୋର୍ଦ୍ଧା, ୦୪/୧୦ (ଆ.ପ୍ର) : ଶିକ୍ଷା କେବଳ ପାଠ୍ୟପୁସ୍ତକର ଜ୍ଞାନ ଆହରଣ କିମ୍ବା ପରୀକ୍ଷାରେ ଭଲ ନମ୍ବର ପାଇବା ମଧ୍ୟରେ ସୀମିତ ନୁହେଁ । ଜଣେ ଛାତ୍ରର ଶରୀର, ମନ, ବୁଦ୍ଧି, ହୃଦୟ ଓ ଆତ୍ମିକ ଚେତନାର ସମନ୍ୱିତ ବିକାଶ ହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳ ଲକ୍ଷ୍ୟ । ଏହି ଦୃଷ୍ଟିକୋଣକୁ ଶିକ୍ଷା ବ୍ୟବସ୍ଥାରେ ଅଧିକ ସୁଦୃଢ଼ କରିବା ଏବଂ ଶିକ୍ଷକ, ଅଧ୍ୟକ୍ଷ ଓ ସମ୍ପାଦକମାନଙ୍କ ମଧ୍ୟରେ ଏନେଇ ଚିନ୍ତନ ଓ ଆଲୋଚନାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ନିଷ୍ଠା ଜୋନ୍ ସ୍ତରୀୟ ସମ୍ପାଦକ ଓ ଅଧ୍ୟକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରୁ ପ୍ରାୟ ୧୨୦ ଜଣ ଅଧ୍ୟକ୍ଷ ଓ ସମ୍ପାଦକ ଏହି ସମ୍ମିଳନୀରେ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଏହାର ବାସ୍ତବ ରୂପାୟଣ ସମ୍ପର୍କରେ ମତବିନିମୟ କରିଥିଲେ । ଶିକ୍ଷା କ୍ଷେତ୍ରରେ ନୈତିକତା, ମାନବିକତା, ଆତ୍ମିକ ବିକାଶ ଓ ଚରିତ୍ର ଗଠନର ଆବଶ୍ୟକତା ଉପରେ ମଧ୍ୟ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଥିଲା । ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଆରମ୍ଭରେ ମା' ଓ ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟର ଶୁଭାରମ୍ଭ ହୋଇଥିଲା । ପରେ ଶାଶ୍ୱତୀ ରାଉତରାୟ ମାତୃ ସଙ୍ଗୀତ ଗାନ କରିଥିବାବେଳେ ରବୀନ୍ଦ୍ରନାଥ ପାଢ଼ୀ 'ସାବିତ୍ରୀ' ପାଠ କରିଥିଲେ । ଏହା ପରେ ସମ୍ମିଳନୀର ମୁଖ୍ୟ ଆଲୋଚନା ଆରମ୍ଭ ହୋଇଥିଲା । ନିଷ୍ଠା ଜୋନ୍‌ର ସଂଯୋଜକ ସୁକାନ୍ତ କୁମାର ଜେନା ଉପସ୍ଥିତ ଅତିଥି ଓ ପ୍ରତିନିଧିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟ ସ୍ୱାଗତ ଭାଷଣ ଦେଇ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ । ଆନନ୍ଦଚନ୍ଦ୍ର ପ୍ରଧାନ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଶିକ୍ଷାକୁ କେବଳ ବୌଦ୍ଧିକ ବିକାଶର ମାଧ୍ୟମ ଭାବେ ନ ଦେଖି ଏହାକୁ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଶିକ୍ଷା ସଂଯୋଜକ କପିଳେନ୍ଦ୍ର ମିଶ୍ର ପୂର୍ଣ୍ଣାଙ୍ଗ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ମାନବୀୟ ମୂଲ୍ୟବୋଧ, ସୃଜନଶୀଳତା, ଆତ୍ମବିଶ୍ୱାସ ଓ ଦାୟିତ୍ୱବୋଧ ବିକାଶ କରିବାରେ ଶିକ୍ଷକଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ସମ୍ପର୍କରେ ମତ ରଖିଥିଲେ । ନବଜୀବନ ଶିକ୍ଷା ସଂସଦର ସଦସ୍ୟ ଅପର୍ତ୍ତି ଦାସ ପ୍ରଥମ ଅଧିବେଶନର ଶେଷରେ କୃତଜ୍ଞତା ଜ୍ଞାପନ କରିଥିଲେ । ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଦଳଗତ ଆଲୋଚନାର ବ୍ୟବସ୍ଥା କରାଯାଇଥିଲା । ଏହି ଅଧିବେଶନରେ ଶିକ୍ଷକଙ୍କ ଭୂମିକା, ଶିକ୍ଷକଙ୍କ ଆତ୍ମବିକାଶ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଭଳି ବିଷୟ ଉପରେ ଗଭୀର ଚିନ୍ତନ କରାଯାଇଥିଲା । 'ଉତମ ଶିକ୍ଷକ ହେବାକୁ ଜଣେ ମହାନ୍ ଯୋଗୀ ହେବାକୁ ପଡ଼ିବ' ବିଷୟ ଉପରେ ଆଲୋଚନା କରାଯିବା ସହ ଶିକ୍ଷକଙ୍କ ନିଜସ୍ୱ ଚରିତ୍ର, ଆଚରଣ ଓ ଜୀବନାଦର୍ଶ ଛାତ୍ରଛାତ୍ରୀଙ୍କ ଉପରେ କିପରି ପ୍ରଭାବ ପକାଇଥାଏ, ତାହା ଉପରେ ମଧ୍ୟ ମତବିନିମୟ ହୋଇଥିଲା । ନବଜୀବନ ଶିକ୍ଷା ସଂସଦର ରାଜ୍ୟ ସଭାପତି ପ୍ରସାଦ ତ୍ରିପାଠୀ ଏହି ଅଧିବେଶନରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ 'ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ ହେବା ଦରକାର' ସେ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଜଣେ ଶିକ୍ଷକ କେବଳ ଜ୍ଞାନ ପ୍ରଦାନକାରୀ ନୁହନ୍ତି, ବରଂ ଛାତ୍ରର ଜୀବନକୁ ଠିକ୍ ଦିଗରେ ଗଢ଼ି ତୋଳିବାରେ ତାଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ସେ ମତ ପ୍ରକାଶ କରିଥିଲେ । ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଅଧ୍ୟକ୍ଷ ଓ ସମ୍ପାଦକମାନେ ମଧ୍ୟ ନିଜ ନିଜ ଅନୁଭୂତି ଓ ମତାମତ ରଖିଥିଲେ । ପୂର୍ଣ୍ଣାଙ୍ଗ ଶିକ୍ଷାର ଧାରଣାକୁ ଅଧିକ ବ୍ୟାପକ କରିବା ସହ ଏହାକୁ ବିଦ୍ୟାଳୟ ସ୍ତରରେ କିପରି ଅଧିକ ପ୍ରଭାବଶାଳୀ ଭାବେ ପ୍ରୟୋଗ କରାଯାଇପାରିବ, ସେନେଇ ମଧ୍ୟ ମତବିନିମୟ ହୋଇଥିଲା । ଶିକ୍ଷାର ମୂଳ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କୁ ଜୀବନର ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ମାନସିକ ଓ ନୈତିକ ଭାବେ ପ୍ରସ୍ତୁତ କରିବା ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା । ସମ୍ମିଳନୀର ସଫଳ ଆୟୋଜନରେ ମନୋଜ କୁମାର ମହାପାତ୍ର, ମମତା ସାହୁ, ଦୀପ୍ତିମୟୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୁରେନ୍ଦ୍ର ନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନଙ୍କ ଯୋଗଦାନରେ ସମ୍ମିଳନୀଟି ଏକ ଚିନ୍ତନଶୀଳ ପରିବେଶ ସୃଷ୍ଟି କରିଥିଲା । ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶକୁ ଆଧାର କରି ଆଗାମୀ ଦିନରେ ଶିକ୍ଷାକୁ ଅଧିକ ମାନବୀୟ, ମୂଲ୍ୟଭିତିକ ଓ ଜୀବନମୁଖୀ କରିବା ଦିଗରେ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବେ ପରିଗଣିତ ହୋଇଥିଲା ।

ପରିବେଶବିତ ସୁମନ୍ତ କୁମାର ଜେନାଙ୍କ ଦ୍ୱାରା ଥାଲାସେମିଆ ରୋଗୀଙ୍କ ପାଇଁ ଆୟୋଜିତ ହେଲା ରକ୍ତଦାନ ଶିବିର

ବାଲେଶ୍ୱର, ୦୪/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ରକ୍ତ କେନ୍ଦ୍ର ପରିସରରେ ଥାଲାସେମିଆ ପୀଡ଼ିତ ଶିଶୁ ଓ ରୋଗୀମାନଙ୍କ ସହାୟତା ପାଇଁ ଏକ ସ୍ୱତନ୍ତ୍ର ରକ୍ତଦାନ ଶିବିର ପରିବେଶବିତ୍ ତଥା ଜଣାଶୁଣା ସାମାଜିକ କର୍ମୀ ସୁମନ୍ତ କୁମାର ଜେନା ଓ ତାଙ୍କ ସହଧର୍ମିଣୀ ସୁଲୋଚନା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ମହତ୍ ଶିବିରକୁ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ,ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଡ଼ଂ. ହୃଷୀକେଶ ସାହୁ, ସହଦେବଖୁଂଟା ଆଇଆଇସି ଆଲୋକ ସାହୁ, ସାଙ୍ଗଠନିକ ସମ୍ପାଦକ ସୀମନ ଦାସ ମହାପାତ୍ର, କବି ପ୍ରଶାନ୍ତ ଦାସ, ଯୁବ ସମାଜସେବୀ ତଥା ଆଇନଜୀବୀ ଶାହିରୁଲ ହକ, ଯୁବ ସମାଜସେବୀ ବିକାଶ ପାତ୍ରୀ, ଜେ ଜେ ଟ୍ୟୁଟୋରିଆଲର ନିର୍ଦ୍ଦେଶକ ଜଗନ୍ନାଥ ସାମଲ, ସମାଜସେବୀ ଅସ୍ମିତା ତରେଇ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, 'ସମୟ ଚକ୍ର' ସମ୍ପାଦକ ସର୍ବେଶ୍ୱର ଜେନା, ସମାଜସେବୀ ସୁଶାନ୍ତ ଧଳ, ପ୍ରଶାନ୍ତ ଧଳ, ହେମନ୍ତ ସାହୁ ବିରେନ୍ଦ୍ର ବେଉରିଆ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସାମ୍ପ୍ରତିକ ସମୟରେ ଥାଲାସେମିଆ ରୋଗୀଙ୍କ ପାଇଁ ଦେଖାଦେଉଥିବା ରକ୍ତ ସଙ୍କଟକୁ ଦୂର କରିବା ପାଇଁ ପ୍ରତ୍ୟେକ ମାସ ଶ୍ରୀ ଜେନାଙ୍କ ଦ୍ୱାରା ଏହି ମହତ୍ କାର୍ଯ୍ୟକ୍ରମ ହୋଇ ଆସୁଛି । ଏହି ମହତ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅଂଚଳର ବହୁ ସଂଖ୍ୟକ ଯୁବକ, ମହିଳା ଓ ସ୍ୱେଚ୍ଛାସେବୀ ଆଗେଇ ଆସି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରରୁ ମୋଟ ୬୧ ୟୁନିଟ୍ ବହୁମୂଲ୍ୟ ରକ୍ତ ସଂଗୃହୀତ ହୋଇଥିଲା । ସ୍ମୃତି କମିଟିର ସଦସ୍ୟ ସମାଜସେବୀ ସୁଶାନ୍ତ ଧଳ, ସ୍ୱେଚ୍ଛାସେବୀ ସୁଜିତ୍ ନାୟକ, ବିଶ୍ୱଜିତ ମୁଦୁଲି, ଅଜୟ ବେହେରା, ଚନ୍ଦନ ବିଶ୍ୱାଳ, ମୃତ୍ୟୁଞ୍ଜୟ ଜେନା, ନଗେନ୍ ବେହେରା, ରଞ୍ଜନ ମହାନ୍ତି, ରାଜେଶ ସିଂହ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ରକ୍ତ କେନ୍ଦ୍ରର ଅଧିକାରୀ ଓ ରକ୍ତ ଭଣ୍ଡାର କର୍ମକର୍ତ୍ତାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶେଷରେ ଆୟୋଜକ ସମସ୍ତ ରକ୍ତଦାତା ଓ ସହଯୋଗୀଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ଶିବିର ଜାରି ରହିବ ବୋଲି ପ୍ରକାଶ କରିଛନ୍ତି । ଥାଲାସେମିଆ ରୋଗୀଙ୍କ ସହାୟତା ପାଇଁ ଆୟୋଜିତ ଏହି ରକ୍ତଦାନ ଶିବିର ସମାଜରେ ମାନବିକତା, ସେବା ଓ ସହଯୋଗର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି ।

ଦୁର୍ଗାପୂଜା ପାଇଁ ଉତ୍ସବୀୟ ପ୍ରସ୍ତୁତିକୁ ସୁଦୃଢ଼ କଲା ଟିପିଏନଓଡିଏଲ୍

ବାଲେଶ୍ୱର, ୦୪/୧୦ (ଆ.ପ୍ର) : ଉତ୍ତର ଓଡ଼ିଶାରେ ଶାରଦୀୟ ଦୁର୍ଗାପୂଜାକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ବିଭିନ୍ନ ସ୍ଥାନରେ ବଡ଼ ଆକାରର ପୂଜା ମଣ୍ଡପ, ଆଲୋକସଜ୍ଜା ଓ ଅନ୍ୟାନ୍ୟ ଉତ୍ସବୀୟ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଟିପି ନର୍ଦର୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଅଂଚଳରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ପୂଜା ମଣ୍ଡପଗୁଡ଼ିକରେ ବଢୁଥିବା ବିଦ୍ୟୁତ୍ ଆବଶ୍ୟକତା ଏବଂ ଅସ୍ଥାୟୀ ବିଦ୍ୟୁତ୍ ବ୍ୟବସ୍ଥାର ବ୍ୟବହାରକୁ ଦୃଷ୍ଟିରେ ରଖି, ଟିପିଏନଓଡିଏଲ୍ ପକ୍ଷରୁ ପୂଜା କମିଟି, ସ୍ଥାନୀୟ ପ୍ରଶାସନ ଓ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକ ସହ ସମନ୍ୱୟ ରକ୍ଷି ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପ୍ରଦାନ ସହିତ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ପାଇଁ ପରାମର୍ଶ ଜାରି କରାଯାଇଛି । ପୂଜା କମିଟିଗୁଡ଼ିକୁ ନିଜର ପ୍ରକୃତ ବିଦ୍ୟୁତ୍ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟାରେ ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଆଗୁଆ ଆବେଦନ କରିବାକୁ ଏଥିରେ ପରାମର୍ଶ ଦିଆଯାଇଛି । ଏ ସମ୍ପର୍କିତ ସହାୟତା ପାଇଁ ଟିପିଏନଓଡିଏଲ୍‌ର ୧୯୧୨ / ୧୮୦୦-୩୪୫୬-୭୧୮ ନମ୍ବରରେ ଗ୍ରାହକ ସେବା କେନ୍ଦ୍ର ସହ ଯୋଗାଯୋଗ କରିବା, ଟିପିଏନଓଡିଏଲ୍‌ର ୱେବସାଇଟ୍ କିମ୍ବା ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ କୁହାଯାଇଛି । ଏଥିସହିତ, ଅନୁମୋଦନବିହୀନ ବିଦ୍ୟୁତ୍ ସଂଯୋଗ, ଅତ୍ୟଧିକ ଲୋଡ୍ ବ୍ୟବହାର କିମ୍ବା ବିଦ୍ୟୁତ୍ ବ୍ୟବସ୍ଥାରେ କୌଣସି ଅନଧିକୃତ ପରିବର୍ତ୍ତନ ନକରିବାକୁ ଆୟୋଜକମାନଙ୍କୁ ଅନୁରୋଧ କରାଯାଇଛି । ଏହି ଅବସରରେ ଟିପିଏନଓଡିଏଲ୍‌ର ସିଇଓ ଦୁଷ୍ମନ୍ତ କୁମାର ତ୍ୟାଗୀ କହିଛନ୍ତି, "ଦୁର୍ଗାପୂଜା ପରିବାର ଓ ସମାଜକୁ ଏକାଠି କରୁଥିବା ଏକ ମହତ୍ୱପୂର୍ଣ୍ଣ ପର୍ବ । ଏହି ଉତ୍ସବ ଯେପରି ସୁରକ୍ଷିତ ଓ ନିରବଚ୍ଛିନ୍ନ ଭାବେ ପାଳିତ ହୁଏ, ତାହା ନିଶ୍ଚିତ କରିବା ଆମର ପ୍ରାଥମିକତା । ପୂଜା ମଣ୍ଡପରେ ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନେବା ସହିତ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଏବଂ ଉପଯୁକ୍ତ ସତର୍କତା ସହ ବିଦ୍ୟୁତ୍ ବ୍ୟବସ୍ଥା କରାଯିବା ନିତାନ୍ତ ଆବଶ୍ୟକ । ସୁରକ୍ଷିତ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ଆମେ ପୂଜା ଆୟୋଜକ ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟରେ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛୁ ।" ପୂଜା କମିଟିଗୁଡ଼ିକୁ ବିଦ୍ୟୁତ୍ ବ୍ୟବସ୍ଥାର ସ୍ଥାପନା ଓ ରକ୍ଷଣାବେକ୍ଷଣ ପାଇଁ ଯୋଗ୍ୟ ଓ ଅଭିଜ୍ଞ ବିଦ୍ୟୁତ୍ କର୍ମଚାରୀଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି । ତାରଗୁଡ଼ିକର ଉପଯୁକ୍ତ ଇନ୍‌ସୁଲେସନ୍ ଓ ସୁରକ୍ଷିତ ବ୍ୟବସ୍ଥା କରିବା ସହ ବିଦ୍ୟୁତ୍ ଉପକରଣକୁ ପାଣି ଓ ଅନ୍ୟାନ୍ୟ ବିପଦ ସମ୍ଭାବନା ଥିବା ସ୍ଥାନଠାରୁ ଦୂରରେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି । ପୂଜା ମଣ୍ଡପକୁ ଓଭରହେଡ୍ ବିଦ୍ୟୁତ୍ ତାର ଓ ଅନ୍ୟାନ୍ୟ ବିଦ୍ୟୁତ୍ ଭିତ୍ତିଭୂମିଠାରୁ ନିରାପଦ ଦୂରତାରେ ନିର୍ମାଣ କରିବାକୁ ମଧ୍ୟ କୁହାଯାଇଛି । ଉତ୍ସବ ସମୟରେ ନିୟମିତ ଭାବେ ବିଦ୍ୟୁତ୍ ବ୍ୟବସ୍ଥା ଯାଂଚ କରିବା ସହିତ ପୂଜା ମଣ୍ଡପ ପରିସରରେ ଅଗ୍ନି ନିର୍ବାପକ ଯନ୍ତ୍ର, ଜରୁରୀକାଳୀନ ସେବା ପାଇଁ ପର୍ଯ୍ୟାପ୍ତ ପ୍ରବେଶ ପଥ ଏବଂ ଆବଶ୍ୟକ ସୁରକ୍ଷିତ ନିର୍ଗମ ବ୍ୟବସ୍ଥା ରଖିବାକୁ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଗ୍ରାହକ ଓ ପୂଜା ମଣ୍ଡପକୁ ଆସୁଥିବା ଲୋକମାନଙ୍କୁ କ୍ଷତିଗ୍ରସ୍ତ, ଖୋଲା କିମ୍ବା ଝୁଲିଁ ହେଉଥିବା ବିଦ୍ୟୁତ୍ ତାର ଓ ଉପକରଣକୁ ନଛୁଇଁବାକୁ ପରାମର୍ଶ ଦିଆଯାଇଛି । ଏଭଳି କୌଣସି ବିପଜ୍ଜନକ ପରିସ୍ଥିତି ନଜରକୁ ଆସିଲେ ତୁରନ୍ତ ଟିପିଏନଓଡିଏଲ୍‌ର କଲ୍ ସେଂଟର ୧୯୧୨ / ୧୮୦୦-୩୪୫୬-୭୧୮ ନମ୍ବରରେ କିମ୍ବା ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟରେ ଜଣାଇବାକୁ କୁହାଯାଇଛି । କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଟିପିଏନଓଡିଏଲ୍ ଉତ୍ତର ଓଡ଼ିଶାରେ ନିରାପଦ, ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବାକୁ ପ୍ରତିବଦ୍ଧ । ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ଅଂଶୀଦାରଙ୍କ ସହ ନିରନ୍ତର ସମନ୍ୱୟ ମାଧ୍ୟମରେ ଉତ୍ତର ଓଡ଼ିଶାର ଅଂଚଳବାସୀ ଯେପରି ସୁରକ୍ଷିତ ଓ ଦାୟିତ୍ୱଶୀଳ ଭାବେ ଦୁର୍ଗାପୂଜା ପାଳନ କରିପାରିବେ, ସେଥିପାଇଁ ଟିପିଏନଓଡିଏଲ୍ ନିରନ୍ତର କାର୍ଯ୍ୟ ଜାରି ରଖିଛି ।

ନଈରେ ବୁଡ଼ି ଜଣେ ମୃତ

ନୀଳଗିରି, ୦୪/୧୦ (ଆ.ପ୍ର) : ଜନ୍ମ ହେଲେ ମୃତ୍ୟୁ ସତ୍ୟ । ମାମୁଁଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିବା ଭଣଜା, ମାମୁଁ ଆଖିଆଗରେ ନଦୀପାଣିରେ ବୁଡ଼ିଯାଇ ପ୍ରାଣ ହରାଇଲା । ଏଭଳି ଅଘଟଣ ଦେଖିବାକୁ ମିଳିଛି ନୀଳଗିରି ଥାନା ଅଧିନସ୍ଥ କାଂଶ ଗ୍ରାମରେ । ସୂଚନାରୁ ଜଣାଯାଇଛି, ମୟୂରଭଞ୍ଜ ଜିଲ୍ଲା ଜୟପୁର ନିକଟବର୍ତ୍ତୀ ଅସିଆ ଗ୍ରାମର ଝୁଲୁନା ପାତ୍ରଙ୍କ ପୁଅ ରାଜେଶ ପାତ୍ର (୧୬) ପିଲାବେଳୁ ମାମୁଁଘର ନୀଳଗିରି ବ୍ଲକ୍ କାଂଶ ଗ୍ରାମରେ ରହି ଆସୁଥିଲେ । ଆଜି ମଧ୍ୟାହ୍ନ ପ୍ରାୟ ୧.୩୦ସମୟରେ ନିକଟସ୍ଥ ସୋନନଦୀକୁ ମାମୁଁ ଚିନ୍ମୟ ପାତ୍ରଙ୍କ ସହିତ ଗାଧୋଇବା ପାଇଁ ଯାଇଥିବା ବେଳେ, ହଠାତ ମାମୁଁ ଓ ଭଣଜା ନଦୀର ଗଭୀରରେ ପଡ଼ିଯିବା କାରଣରୁ ଉଭୟ ବୁଡ଼ିଯାଇଥିଲେ ।

ପଶ୍ଚିମବଙ୍ଗକୁ ଚାଲିଛି ବେଧଡ଼କ ବାଲି ଚାଲାଣ

ଭୋଗରାଇ, ୦୪/୧୦ (ଆ.ପ୍ର) : ଭୋଗରାଇ ବ୍ଲକ ତାଳସାରି ସାମୁଦ୍ରିକ ଥାନା ଅଂଚଳର ସାହାବାଜିପୁର ବୋର୍ଡର ସୀମା ପାର ହୋଇ ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ ହେଉଥିଲେ ମଧ୍ୟ ଏହାକୁ ରୋକ ଲଗାଇବାରେ ଖଣି ବିଭାଗ ଓ ପୋଲିସ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ଯାଉନଥିବା ଅଭିଯୋଗ ହୋଇଛି । ବେଆଇନ ଲଘୁଖଣିଜ ଦ୍ରବ୍ୟ ଚାଲାଣ ଉପରେ ରୋକ ଲଗାଇବାକୁ ସ୍ଥାନୀୟ ଜନସାଧାରଣ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାର ଦେଖିବାକୁ ମିଳିଛି । ଅପରପକ୍ଷରେ ବାଲି ମାଫିଆ ମାନେ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଜଣେ ବିଜେପି ସମର୍ଥିତ କର୍ମୀଙ୍କୁ ଆକ୍ରମଣ କରିଛନ୍ତି । ସୂଚନାନୁଯାୟୀ, ଓଡ଼ିଶା- ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ବୋର୍ଡ଼ର ସୀମା ପାର ହୋଇ ପ୍ରତ୍ୟେକ ଦିନ ଶତାଧିକ ହାଇୱାରେ ବେଆଇନ ଭାବେ ବାଲି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ଲଘୁ ଖଣିଜ ବିଭାଗ ଓ ସ୍ଥାନୀୟ ପୋଲିସ ନିଦାବିଷ୍ଟ ସାଜିଛନ୍ତି । ଯାହାଫଳରେ ଚୋରା ବାଲି ଚାଲାଣକୁ ନେଇ ଓଡ଼ିଶା- ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ବୋର୍ଡ଼ର ସୀମା ଏବେ ଅଶାନ୍ତ ହୋଇ ଉଠିଛି । ସୀମାରେ ପୁଲିସ କ୍ୟାମ୍ପ ଥାଇ ବି ଅଟକୁନି ବାଲି ବୋଝେଇ ହାଇୱା । ରବିବାର ସକାଳୁ ସକାଳୁ ଗୋଟିଏ ପରେ ଗୋଟିଏ ବାଲି ବୋଝେଇ ହାଇୱା ସାହାବାଜିପୁର ସୀମା ଦେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଦେଖାଯାଇଛି । ବାଲି ବୋଝେଇ ଗାଡ଼ି ଗୁଡ଼ିକ କିଭଳି ଖୋଲାମେଲା ଭାବେ ସୀମା ଅତିକ୍ରମ କରୁଛି, ତାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନ ଉଠିଛି । ବାଲି ଚାଲାଣ ରୋକିବାକୁ ସ୍ଥାନୀୟ କିଛି ଯୁବକ ଗାଡ଼ି ଅଟକାଇବାକୁ ଉଦ୍ୟମ କରୁଥିବା ବେଳେ ବାଲି ମାଫିଆଙ୍କ ଆକ୍ରମଣରେ ବିଜେପି ନେତା ଦିଲ୍ଲୀପ କାମିଲାଙ୍କ ସମେତ ଜଣେ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଉଭୟ ପକ୍ଷରୁ ତାଳସାରୀ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିବା ବେଳେ ଗଣ୍ଡଗୋଳ ସ୍ଥଳରେ ଏସଡିପିଓ ସୁରେଶ ତ୍ରିପାଠୀ ପହଂଚି ପରିଦର୍ଶନ କରିବା ସହିତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ସେହିପରି ୫ ଟି ହାଇୱା ଗାଡ଼ି ଆନନ୍ଦପୁରରୁ ବାଲି ବୋଝେଇ କରି ଆସୁଥିବା ବେଳେ ଗାଡି ଚାଳକଙ୍କୁ ବିଜେପି ସମର୍ଥିତ କର୍ମୀ ଓ ତାଙ୍କ ସହକର୍ମୀମାନେ ପ୍ରତି ଗାଡିକୁ ଟଙ୍କା ମାଗିବାରୁ ଗାଡ଼ି ଚାଳକ ମାନେ ନଦେବାରୁ ସେମାନେ ଗାଡିକୁ ପଥର ମାଡ଼ କରି ଗାଡ଼ି ଅଟକାଇବା ସହିତ ଗାଡ଼ିର ଆଗ କାଚ ଭାଙ୍ଗି ଲକ୍ଷାଧିକ ଟଙ୍କାର କ୍ଷତି କରିଥିବାବେଳେ ଡ୍ରାଇଭର ଗୌରାଙ୍ଗ ଦାସଙ୍କୁ ମାଡ଼ମାରି ଗୁରୁତର କରିଥିବା ନେଇ ଗାଡ଼ି ମାଲିକ ଜ୍ୟୋତିପ୍ରକାଶ ସାହୁ ଥାନାରେ ଅଭିଯୋଗ କରିଛନ୍ତି ।

ପଂଚାୟତ ନିର୍ବାଚନ ପୂର୍ବରୁ ରାଉତମନ୍ଦାରୁଣୀ ଗାଁରେ ବିଜେପିର ବୈଠକ



ଭୋଗରାଇ, ୦୪/୧୦ (ଆ.ପ୍ର) : ପଂଚାୟତ ନିର୍ବାଚନକୁ ନେଇ ଭୋଗରାଇ ବ୍ଲକ ନହରା ଗ୍ରାମ ପଂଚାୟତରେ ରାଜନୈତିକ ତତ୍ପରତା ଆରମ୍ଭ ହୋଇଛି । ଗାଁରେ ଗାଁରେ ବୈଠକ କରି ସାଙ୍ଗଠନିକ ସ୍ଥିତି ମଜବୁତ କରିବା ସହ ଗ୍ରାମର ବିକାଶ ପ୍ରସଙ୍ଗକୁ ନେଇ ଆଲୋଚନା କରୁଛି ବିଜେପି । ଏହି କ୍ରମରେ ନହରା ଗ୍ରାମ ପଂଚାୟତ ଅନ୍ତର୍ଗତ ରାଉତମନ୍ଦାରୁଣୀ ଗ୍ରାମରେ ବିଜେପି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଉତମନ୍ଦାରୁଣୀ ଗ୍ରାମର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଫ ଡି ଆର ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଉତମନ୍ଦାରୁଣୀ ଗ୍ରାମରେ ଦୁଇଟି ରାସ୍ତା ପାଇଁ ଅନୁଦାନ ଦିଆଯାଇଛି । ଏଥିମଧ୍ୟରୁ ଚାରମାଣିଆ ଛକଠାରୁ ହାରାଧନ ଦାସଙ୍କ ଘର ପର୍ଯ୍ୟନ୍ତ ରାସ୍ତା ପାଇଁ ୨ ଲକ୍ଷ ୪ ହଜାର ଟଙ୍କା ଏବଂ ପଦ୍ମ ମାରାଣ୍ଡିଙ୍କ ଘରଠାରୁ ଏଲ୍‌ଆଇ ପମ୍ପଂଟ ପର୍ଯ୍ୟନ୍ତ ରାସ୍ତା ପାଇଁ ୨ ଲକ୍ଷ ୧୦ ହଜାର ଟଙ୍କା ଅନୁଦାନ ଦିଆଯାଇଥିବା ବେଳେ ଗୋଟିଏ ରାସ୍ତାର କାମ ସମ୍ପୂର୍ଣ୍ଣ ହୋଇଥିବା ନେଇ ବିଜେପି ନେତା ରାଧାକାନ୍ତ ପ୍ରଧାନଙ୍କ ବୈଠକରେ ସୂଚନା ଦେଇଥିଲେ । ସେହିପରି ବିଜିବିଓ ଯୋଜନାରେ ରାଉତମନ୍ଦାରୁଣୀ ଗ୍ରାମକୁ ଦୁଇଟି ଭୋଗ ମଣ୍ଡପ ପାଇଁ ପ୍ରତ୍ୟେକ ୩ ଲକ୍ଷ ଟଙ୍କା ଲେଖାଏଁ ଏବଂ ଗୋଟିଏ କମ୍ୟୁନିଟି ସେଂଟର ପାଇଁ ୭ ଲକ୍ଷ ଟଙ୍କା ଦିଆଯାଇଥିବା ବିଜେପି ପକ୍ଷରୁ କୁହାଯାଇଛି । ଏହାଛଡ଼ା ରାଉତମନ୍ଦାରୁଣୀ ଆଦିବାସୀ ସାହିରେ ପାନୀୟଜଳ ବ୍ୟବସ୍ଥା ସହ ଚାରୋଟି ରାସ୍ତା ପାଇଁ ମଧ୍ୟ ଅନୁଦାନ ଦିଆଯାଇଥିବା ବିଜେପି ନେତା ପ୍ରଧାନ ପ୍ରକାଶ କରିଛନ୍ତି । ଗ୍ରାମର ମୌଳିକ ସମସ୍ୟା ସମାଧାନ ସହ ରାସ୍ତା, ପାନୀୟଜଳ ଏବଂ ସାମୁହିକ ବିକାଶ ଭିତ୍ତିଭୂମି ଉପରେ ଆଗାମୀ ଦିନରେ ଅଧିକ ଗୁରୁତ୍ୱ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ବୈଠକରେ ପଂଚାୟତ ପ୍ରମୁଖ ରଞ୍ଜନ ଦେ, ରାଜକୁମାର ପରିଡ଼ା, ଜଗନ୍ନାଥ ପାତ୍ର, ନରନାରାୟଣ ଦାସ ମହାପାତ୍ର, ଗୁଣନିଧି ତ୍ରିପାଠୀ, ଉତ୍ତମ ଦଳାଇଙ୍କ ସମେତ ବିଜେପିର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ । ବୈଠକରେ ପଂଚାୟତରେ ବିଜେପିର ସାଙ୍ଗଠନିକ ସ୍ଥିତି, ଗାଁ ଗାଁରେ ଦଳୀୟ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ଏବଂ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ତୃଣମୂଳସ୍ତରରେ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା । ବୈଠକରେ ବିଜେପି ନେତାମାନେ କହିଥିଲେ, "ଗାଁର ଉନ୍ନତି ହେଲେ ପଂଚାୟତର ଉନ୍ନତି ହେବ ।" ତେଣୁ ପ୍ରତ୍ୟେକ ଗାଁର ସମସ୍ୟାକୁ ଚିହ୍ନଟ କରି ତାହାର ସମାଧାନ ଏବଂ ଆବଶ୍ୟକ ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ ଦେବା ନେଇ ଦଳୀୟ ନେତାମାନେ ଆଲୋଚନା କରିଥିଲେ । ପଂଚାୟତ ନିର୍ବାଚନ ପୂର୍ବରୁ ନହରା ପଂଚାୟତର ବିଭିନ୍ନ ଗାଁରେ ଏଭଳି ବୈଠକ ଆରମ୍ଭ ହେବା ପରେ ସ୍ଥାନୀୟ ରାଜନୈତିକ ମାହୋଲ ଧୀରେଧୀରେ ସରଗରମ ହେବାରେ ଲାଗିଛି ।

ସରକାରୀ ଜାଗା ନଥିବାରୁ କୋଷ୍ଟ କେନାଲ ଉପରେ ନିର୍ମାଣ ହେଲା ଶ୍ମଶାନ ଗୃହ

ବାଲିଆପାଳ, ୦୪/୧୦ (ଆ.ପ୍ର) : ବାଲିଆପାଳ ବ୍ଲକ ଜାମକୁଣ୍ଡା ଗ୍ରାମରେ ଶବ ସତ୍କାର କରିବା ପାଇଁ ଶ୍ମଶାନ ଗୃହ ନଥିବାରୁ ଶବକୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସତ୍କାର କରାଯାଇପାରୁନଥିଲା । ଗ୍ରାମରେ କାହାର ମୃତ୍ୟୁ ହେଲେ ଶବ ସତ୍କାର ପାଇଁ ଚିନ୍ତାରେ ପୋଡୁଥିଲେ ପରିବାର ଲୋକେ । ଏଠାରେ ସୂଚନା ଥାଉ କି ଗ୍ରାମର ଶ୍ମଶାନ କିସମ ଜାଗା ନଥିବାରୁ ସରକାରୀ ମୁକ୍ତି ଦ୍ୱାରା ହୋଇପାରି ନଥିଲା । ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ନିଜ ଉଦ୍ୟମରେ ତିରିଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର



ବଜେଟ୍ ରେ ଗାଁକୁ ଲାଗି ରହିଥିବା କୋଷ୍ଟ କେନାଲ ଉପରେ ଶ୍ମଶାନ ଗୃହ ନିର୍ମାଣ କରିଛନ୍ତି । ଉକ୍ତ ଗୃହଟିର ରବିବାର ଛାତ ପକାଯାଇଛି । ନିଜ ଉପାର୍ଜିତ ଅର୍ଥକୁ ବିନିଯୋଗ କରି ଗ୍ରାମବାସୀଙ୍କ ସହାୟତାରେ ନିର୍ମାଣ ହୋଇଥିବା ଶ୍ମଶାନ ଗୃହ ପାଇଁ ଖୁସି ବ୍ୟକ୍ତ କରିବା ସହିତ ସହାୟତାର ହାତ ବଢ଼େଇବା ପାଇଁ ଶ୍ମଶାନ ଗୃହ ପାଖରେ ପହଂଚିଥିଲେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ ଏବଂ ସମାଜସେବୀ ହିମାଂଶୁ ରଣା । ଏହି ମହତ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଗ୍ରାମର ବିନୋଦ ବିହାରୀ ଜେନା ଶଶାଙ୍କ ଶେଖର ଦୀକ୍ଷିତ, ଜ୍ୟୋତିପ୍ରକାଶ ଜେନା, ମୋହନ ଦାସ, ପ୍ରମୋଦ ଜେନା, ଜଗନ୍ନାଥ ମାହାନା, ଗୟାଧର ଦାସ, ସୁଜୟ ଦେ, ନଗେନ୍ଦ୍ର ବିଶ୍ୱାଳ, ବିଜନ ଜେନା, ସଞ୍ଜୟ ମିଶ୍ର, ଦିଲୀପ ସିଂହ, ଯୁଗୋଳ କିଶୋର ଜେନା, ବିନୟ ଭୂଷଣ ଦାସ, ଗିରିଧାରୀ ରଣା, ମୃଣ୍ମୟ କୁମାର ସିଂହ, ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ମା' ଭୂଧାରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ

ନୀଳଗିରି, ୦୪/୧୦ (ଆ.ପ୍ର) : ନୀଳଗିରି ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ସଜନାଗଡ଼ର ପ୍ରତିଷ୍ଠିତ ମା' ଭୂଧାରଚଣ୍ଡୀଙ୍କ ପୀଠରେ ଶନିବାର ଅପରାହ୍ନ ୪ ଘଟିକାରୁ ପ୍ରତିଦିନ ଚଣ୍ଡୀ ପାଠ ସହ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି । ଶାସ୍ତ୍ରୀୟ ରୀତିନୀତି ଅନୁଯାଇ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀରୁ ମହାଷ୍ଟମୀ ସହିତ ବିଜୟାଦଶମୀ ୧୬ଦିନ ଧରି ପୂଜା କାହିଁ କେଉଁ ଯୁଗରୁ ଅନୁଷ୍ଠିତ ହୋଇ ଆସୁଛି । ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ମା' ବିଭିନ୍ନ ବେଶରେ ସୁସଜ୍ଜିତ ହେଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ଥାନ୍ତି । ମା'ଙ୍କୁ ବିଭିନ୍ନ ବେଶରେ ପ୍ରତିଦିନ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁରୁ, ଶ୍ରୀକର୍ପୂର, ଗନ୍ଧ, ଚନ୍ଦନ ପ୍ରଭୃତି ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ଶହସ୍ର କୁମ୍ଭ ପବିତ୍ର ଜଳରେ ମା'ଙ୍କୁ ସ୍ନାନ ଓ ସୁସଜ୍ଜିତ କରାଯାଇ ଥାଏ । ସୂଚନା ରୁ ଜଣାଯାଇଛି, ନୀଳଗିରି ରାଜବଂଶର ଇଷ୍ଟ ଦେବୀ ମା'ଙ୍କ ସ୍ଥାପନା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କୁହାଯାଏ, ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ନାରାୟଣ ବସନ୍ତ ବିରାଟ ଭୁଜଙ୍ଗ ମାନ୍ଧାତା ମା'ଙ୍କୁ ସ୍ଥାପନା କରିଥିଲେ । ୧୫୦୦ ଖ୍ରୀଷ୍ଟାବ୍ଦ ଶେଷାର୍ଦ୍ଧରେ କଳାପାହାଡ଼ ଆକ୍ରମଣ କରି ମା'ଙ୍କ ମନ୍ଦିର ଭାଙ୍ଗି ଦେଇଥିଲା । ଏହି ସମୟରେ ମା'ଙ୍କୁ ଏକ ନିମ୍ବଗଛ ମୂଳେ ଲୁଚାଇ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶ ପାଇ ମନ୍ଦିର ତୋଳିଥିଲେ ଏବଂ ରଜ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତିରେ ମଧ୍ୟ ସ୍ୱତନ୍ତ୍ର ପୂଜା ହୋଇଥାଏ । ପୂଜକ ବିଜୟ କୁମାର ପଣ୍ଡା ପ୍ରତିଦିନ ଚଣ୍ଡୀ ପାଠ କରିବା ସହ ପୂଜା ପରିଚାଳନା କରୁଛନ୍ତି । ଏହି ସମୟରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ମା' ଭୂଧାରଚଣ୍ଡୀ ମହିଷାସୁରକୁ ବଧ କରିବାକୁ ବ୍ରହ୍ମା କୁଣ୍ଡରୁ ଜାତ ହୋଇଥିବା ବିଶ୍ୱାସ ଥିବାରୁ, ଏହି ପରମ୍ପରାରେ ପ୍ରତ୍ୟେକ ବର୍ଷ ପୂଜାବିଧି ହୋଇ ଆସୁଛି । ଅକ୍ଟୋବର ୧୦ ତାରିଖରେ ମହାଳୟା, ପୀଠରେ ଶୁକ୍ରବାର ଷଷ୍ଠି ଓ ଶନିବାର ମହାସପ୍ତମୀ ପୂଜା ଏବଂ ଅକ୍ଟୁବର ୧୮ରେ ମହାଅଷ୍ଟମୀ ପୂଜା ସହ ୧୯ରେ ମହାନବମୀ ପୂଜା ଦିନ ସନ୍ଧ୍ୟାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପୂଜକ ମାଧ୍ୟମରେ ପୂର୍ଣ୍ଣାହୁତି କରାଇଥାନ୍ତି । ୨୦ ଅକ୍ଟୁବରରେ ଦଶହରା, ଅପରାଜିତା ଦଶମୀରେ ମା' ଭୂଧାରଚଣ୍ଡୀ ଶାରଦୀୟ ପାର୍ବଣ ଘଟକୁ ବିସର୍ଜନ ଦେବାପରେ, ପୂଜକ ଘଟକୁ ସୁସଜ୍ଜିତ କରି ମୁଣ୍ଡରେ ମୁଣ୍ଡାଇ ବାଜା ଢୋଲ ମହୁରୀ ବଜାଇ ମା'ଙ୍କ ସର୍ବାରେ ଚକ୍ରଧର ଦାସବାବୁ ଓ ଶ୍ରଦ୍ଧାଳୁ ସଜନାଗଡ଼ ପୀଠରୁ ବାହାରି ନୀଳଗିରି ରାଜବାଟୀ ସ୍ଥିତ କନକ ଦୁର୍ଗା ମନ୍ଦିରରେ ପହଂଚାଇଥାନ୍ତି । ଏହାହିଁ ଭୂଧାର ଚଣ୍ଡୀ ପୀଠର ମହାନ୍ ପାରମ୍ପରିକ ପୂଜା ଭାବେ ଦେଶ୍ ଜଣାଶୁଣା ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ପାଇଁ ଚୟନ ଶିବିର

ନୀଳଗିରି, ୦୪/୧୦ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତକରଣ ପ୍ରକୋଷ୍ଠ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ । ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ପ୍ରେରଣା ଦେଇଥିଲେ । ବାଲେଶ୍ୱରର ପୂର୍ବତନ ଜିଲ୍ଲା ସଂଯୋଜିକା ଡ଼କ୍ଟର ପ୍ରତିମା ପ୍ରଧାନ, ବାଲେଶ୍ୱର ଜିଲ୍ଲା ସଂଯୋଜକ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଏବଂ ଭଦ୍ରକ ଜିଲ୍ଲା ସଂଯୋଜକ ଡ଼କ୍ଟର ସୁଦର୍ଶନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୭୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଚୟନ ଶିବିରରେ ଅଂଶଗ୍ରହଣ କରିଥିଲେ । ଚୟନ ଅଧିକାରୀ ଭାବେ ମେଜର ବିଶ୍ୱନାଥ ନାୟକ ଏବଂ ପୂର୍ବତନ ସେନା ଅଧିକାରୀ ହରିହର ସାହୁ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କର ଶାରୀରିକ ଦକ୍ଷତା, ଶୃଙ୍ଖଳା ଓ ପ୍ୟାରେଡ୍ କୌଶଳ ଆଧାରରେ ଚୟନ କରିଥିଲେ । ଏଥିରେ ୮ ଜଣ ଛାତ୍ର ଓ ୮ ଜଣ ଛାତ୍ରୀ, ମୋଟ ୧୬ ଜଣ ସ୍ୱେଚ୍ଛାସେବୀ ରାଜ୍ୟସ୍ତରୀୟ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ପାଇଁ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରି ଶଙ୍କର ପାଣିଗ୍ରାହୀ, ମୌସୁମୀ ଭୋଳ, ଡ଼କ୍ଟର ଅଭୟ କୁମାର ନାୟକ, ଡ଼କ୍ଟର ସ୍ମୃତିରେଖା ସାହୁ, ସୁପ୍ରାସିନୀ ବେହେରା, ଲୋପାମୁଦ୍ରା ମହାନ୍ତି, ସ୍ୱାତସ୍ମି ତାଶ୍ରୀ ଧୀରସାମନ୍ତ, ଅଂଶୁମାନ ବୁଗୁଡ଼ି ଏବଂ ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ମାନସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଏକତାବଦ୍ଧ ହେଲେ ବସ୍ତାର କାର୍ଯ୍ୟରତ ସାମ୍ବାଦିକ : ବସ୍ତା ପ୍ରେସ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ଚୟନ



ବାଲେଶ୍ୱର, ୦୪/୧୦ (ଆ.ପ୍ର) : ବସ୍ତା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ସାମ୍ବାଦିକମାନେ ଏକତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ସାମ୍ବାଦିକଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ସହ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବା ଏବଂ ଦୁର୍ନୀତି ବିରୋଧରେ ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିବାକୁ ସାମ୍ବାଦିକମାନେ ଶପଥ ନେଇଛନ୍ତି । ମଥାନି ରହିରସିମୁଳିଆସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ 'ଅପରାହ୍ନ' ସମ୍ବାଦପତ୍ରର ମୁଖ୍ୟ ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବସ୍ତା ପ୍ରେସ କ୍ଲବର ସଭାପତି ରାମଚନ୍ଦ୍ର ଦେବ, ବସ୍ତା ସାମ୍ବାଦିକ ସଂଘର ସଭାପତି ଦୀନବନ୍ଧୁ ପ୍ରଧାନ, ପ୍ରେସ କ୍ଲବ ବସ୍ତାର ସଭାପତି ବିଜୟ କୁମାର ଭୂୟାଁଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ । ବୈଠକରେ ବସ୍ତା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ସାମ୍ବାଦିକ ସଂଗଠନକୁ ଏକତ୍ର କରି ସାମ୍ବାଦିକତାର ମର୍ଯ୍ୟାଦା ଓ ନିରପେକ୍ଷତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା । ସର୍ବସମ୍ମତିକ୍ରମେ ବସ୍ତାର ସର୍ବପୁରାତନ ସରକାରୀ ସ୍ୱୀକୃତିପ୍ରାପ୍ତ ବସ୍ତା ପ୍ରେସ କ୍ଲବକୁ ଅଧିକ ସୁସଂଗଠିତ ଓ ସକ୍ରିୟ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ବସ୍ତା ପ୍ରେସ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ରାମଚନ୍ଦ୍ର ଦେବ, କାର୍ଯ୍ୟକାରୀ ସଭାପତି ଭାବେ ଦୀନବନ୍ଧୁ ପ୍ରଧାନ, ଉପସଭାପତି ଭାବେ ବିଜୟ କୁମାର ଭୂୟାଁ, ସାଧାରଣ ସମ୍ପାଦକ ଭାବେ ହରିଶଙ୍କର ପାଢ଼ୀ, ସମ୍ପାଦକ ଭାବେ ରବିନାରାୟଣ ଶତପଥୀ ଓ ରଞ୍ଜନ କୁମାର ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ରାଜେଶ କୁମାର ଗିରି ମନୋନୀତ ହୋଇଥିଲେ । ଉପଦେଷ୍ଟା ଭାବେ ଗିରୀଶ ଚନ୍ଦ୍ର ମହାନ୍ତି, ପ୍ରସନ୍ନ କୁମାର ପାତ୍ର, ଦୀପକ କୁମାର ପରିଡ଼ା, ପୃଥ୍ୱୀନାଥ ମଣ୍ଡଳ, ଉମାକାନ୍ତ ମହାନ୍ତି ଓ ସୁଶାନ୍ତ କୁମାର ପ୍ରଧାନଙ୍କୁ ଚୟନ କରାଯାଇଥିଲା । ସେହିପରି ମିଡିଆ ସଂଯୋଜକ ଭାବେ ଅଜିତ କୁମାର ସାହୁ ଓ ଭରତ କୁମାର ଦାସଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବଂଶୀଧର ଜେନା ଓ ମହାଦେବ ଦାସଙ୍କୁ ମନୋନୀତ କରା ଯାଇଥିଲା । ବୈଠକରେ ବସ୍ତା ବ୍ଲକର ସମସ୍ତ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବା, ଦୁର୍ନୀତି ବିରୋଧରେ ନିର୍ଭୀକ ଭାବେ ଲଢ଼ିବା ଏବଂ ସାମ୍ବାଦିକତାର ମର୍ଯ୍ୟାଦା ଓ ଚତୁର୍ଥ ସ୍ତମ୍ଭର ଭୂମିକାକୁ ଆହୁରି ଶାଣିତ କରିବାକୁ ଶପଥ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍.କେ. ଜସୁଦ୍ଦିନ, ମଧୁସୂଦନ ପଣ୍ଡିତ, ଜୟନ୍ତ ବେହେରା, ବସନ୍ତ ଭଦ୍ର, ପ୍ରଶାନ୍ତ ସେନାପତି, ବେଣୁଧର ଦାସ, ସୀତାକାନ୍ତ ଦାସ, ଭଜହରୀ ପରିଡ଼ା, ଦେବାଶିଷ ସେଠୀ, ଜଗତ କୁମାର ଗିରି, ବିଷ୍ଣୁପଦ ପତି, ରାଜେଶ ବେହେରା ଓ ଜନ୍ମେଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଦେବାଶିଷ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ସୋମବାର, ୦୫ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...
ମାନବିକତା

ଯେଉଁଠି ପୁଅ,ଝିଅ,ବୋହୂ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ ପୂର୍ବକ ପିତାମାତା କିମ୍ବା ଶାଶୁଶ୍ୱଶୁରଙ୍କ ଉତ୍ତମ ଦେଖାଶୁଣା କରନ୍ତି, ଗୁରୁଜନଙ୍କୁ ସମୁଚିତ ସମ୍ମାନ ପ୍ରଦାନ ସହ ନିଜଠୁ ସାନ ମାନଙ୍କୁ ସ୍ନେହଶ୍ରଦ୍ଧା ଦିଅନ୍ତି;ସେଇଠି ଏହାର ସଂପୂର୍ଣ୍ଣ ଶ୍ରେୟ ସେମାନଙ୍କ ପିତାମାତାଙ୍କୁ ହିଁ ଦିଆଯାଏ । ଯେତେ ଅଧିକ ପାଠ ପଢ଼ି ଯେତେ ଉଚ୍ଚ ଶିକ୍ଷିତ ହେଲେ ହେଁ ଛୋଟ ସମୟରୁ ପିତାମାତାଙ୍କ ସଂସ୍କାରପୂର୍ଣ୍ଣ ଲାଳନପାଳନ ହିଁ ଜଣକୁ ଉତ୍ତମ ମଣିଷର ଚରିତ୍ର ପ୍ରଦାନ କରେ । ତେଣୁ ପ୍ରତି ଉଚ୍ଚ ମଣିଷଙ୍କ ଜୀବନରେ ପିତାମାତାଙ୍କ ଭୂମିକା ସବୁଠାରୁ ମହତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତିରେ ପିତାମାତାଙ୍କୁ ଭଗବାନଙ୍କ ରୂପ ଭାବରେ ବିବେଚନା କରାଯାଏ । ପିତାଙ୍କୁ ଧର୍ମ ଓ ସ୍ୱର୍ଗ ବୋଲି କୁହାଯାଉଥିବା ବେଳେ ମାତାଙ୍କୁ ସ୍ୱର୍ଗ ଠାରୁ ମଧ୍ୟ ଗରିୟସି ମଣାଯାଏ । ତେଣୁ ନିଜ ପିତାମାତାଙ୍କୁ ପୂଜା କଲେ ଅନ୍ୟ କୌଣସି ଦେବତାଙ୍କୁ ଆରାଧନା କରିବାର ଆବଶ୍ୟକତା ଆଉ ନଥାଏ । ଆମ ପୁରାଣାଦିରେ ପିତାମାତାଙ୍କ ପ୍ରତି ନିବିଡ଼ ଅନୁରକ୍ତିର ଅନେକ ପ୍ରେରଣାପ୍ରଦ ବର୍ଣ୍ଣନା ରହିଛି । ଯାହା ପିତାମାତା ଓ ସନ୍ତାନସନ୍ତତିଙ୍କ ଗଭୀର ସଂପର୍କକୁ ସଦା ଉଜ୍ଜିବିତ କରିଆସିଛି । ପିତାମାତାଙ୍କ ପ୍ରତି ମୁନି କୁମାର ଶ୍ରବଣଙ୍କ ସମର୍ପିତ ଭାବକୁ କିଏ ଅବା ବିସ୍ମରି ପାରିବ । ଅନ୍ଧ ପିତା ଶାନ୍ତନୁ ଓ ଅନ୍ଧୁଣୀ ମାତା ଜ୍ଞାନବତୀ ଅତ୍ୟନ୍ତ ବୃଦ୍ଧାବସ୍ଥାକୁ ଆସି ଯାଇଥିବା ବେଳେ ଥରେ ସେମାନେ ତୀର୍ଥ ଭ୍ରମଣକୁ ଇଚ୍ଛା କରିଥିଲେ । ବିଶ୍ୱାସ ରହିଛି ଯେ, ବାର୍ଦ୍ଧକ୍ୟ ସମୟରେ ତୀର୍ଥଯାତ୍ରା କଲେ ଆତ୍ମା ପବିତ୍ର ହେବା ସହ ଶାନ୍ତି ପ୍ରାପ୍ତ ହୋଇଥାଏ । କିନ୍ତୁ ଅନ୍ଧ ଋଷି ଦମ୍ପତିଙ୍କ ନିକଟରେ ସେତେବେଳେ ତୀର୍ଥ ଭ୍ରମଣର କୌଣସି ସାଧନା ନ ଥିଲା । ତେଣୁ ପିତାମାତାଙ୍କ ସୁଯୋଗ୍ୟ ସନ୍ତାନ ଶ୍ରବଣ ଦୁଇଟି ଝୁଡ଼ିରେ ସେମାନଙ୍କୁ ବସେଇ ବାଉଁଶ ଭାର ସାହାଯ୍ୟରେ କାନ୍ଧରେ ବୋହି ତୀର୍ଥ ବୁଲେଇ ଥିଲେ । ସେହିଭଳି ରାଜା ଦଶରଥଙ୍କ ଆଜ୍ଞାର ପିତୃଭକ୍ତ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ରାଜି ପାଣିରେ ରାଜା ହେବା ପରିବର୍ତ୍ତେ ପିତୃସତ୍ୟ ପାଳନ ପାଇଁ ସନ୍ନ୍ୟାସି ବେଶ ଧରି ଚଉଦ ବର୍ଷ ନିମିତ୍ତ ବନଗମନ କରିଥିଲେ । ଆମର ମହାନ ଗ୍ରନ୍ଥ ମହାଭାରତର ବୀରଶ୍ରେଷ୍ଠ ଭୀଷ୍ମଙ୍କ ପିତାଙ୍କ ପ୍ରତି ଅଙ୍ଗୀକାର ଭାବର ତ ପଟ୍ଟାନ୍ତର ନାହିଁ । ପିତା ଶାନ୍ତନୁ ପୁନଃ ବିବାହ ପାଇଁ ଆଗ୍ରହୀ ଥିବା ବେଳେ ଶାନ୍ତନୁଙ୍କ ଭୀଷ୍ମ ପରି ପରମ ବୀର ପୁତ୍ର ଥାଉଥାଉ ସେମାନଙ୍କ କନ୍ୟାର ସନ୍ତାନର ଯେ ହସ୍ତିନାପୁର ରାଜା ହେବାର କୌଣସି ସୁଯୋଗ ହିଁ ନାହିଁ ଜାଣି କନ୍ୟାପିତା ମାନେ ଶାନ୍ତନୁଙ୍କୁ କନ୍ୟା ପ୍ରଦାନରେ ଅସମ୍ମତ ହେବା ସ୍ୱଭାବିକ ଥିଲା । ଏକଥା ଭୀଷ୍ମ ଜାଣିବା ମାତ୍ରେ ପିତାଙ୍କ ଅଭିଳାଷ ପୂରଣ ନିମନ୍ତେ ନିଜର ସମସ୍ତ ମାୟା ମୋହକୁ ସମର୍ପଣ କରି ଭରି ସଭାରେ ଘୋଷଣା କରି ଦେଲେ ଯେ, ସେ ଜୀବନରେ କେବେ ରାଜପଦ ଗ୍ରହଣ କରିବେ ନାହିଁ । ପିତା ପ୍ରତି ପୁତ୍ରର କର୍ତ୍ତବ୍ୟ ନିକଟରେ ଚକ୍ରବର୍ତ୍ତୀ ସମ୍ରାଟ ହୋଇ ରାଜଗାଦି ଭୋଗ କରିବାର ମୋହ ଏଠାରେ କେତେ ତୁଚ୍ଛ ମନେ ହେଲା । ଅନ୍ୟ ଏକ ଘଟଣାରେ ମାଆ ଓ ପୁଅ ମଧ୍ୟରେ ଥିଲା ଅନାବିଳ ସ୍ନେହ । ପୁଅଟି ସମୟକ୍ରମେ ସୁନ୍ଦର ଓ ବୁଦ୍ଧିମାନ ଯୁବକରେ ଉପନିତ ହେଲା । ଏହା ସତ୍ତ୍ୱେ ମାଆ କିନ୍ତୁ ଖୁସି ନଥିଲା । ପ୍ରାୟତଃ ତା ମୁହଁରେ ଦୁଃଖର ଛାୟା ସ୍ପଷ୍ଟ ବାରି ହେଉଥିବା ଦେଖି ଦିନେ ପୁଅ ମାଆକୁ ଏହାର କାରଣ ପଚାରିଲା । ମାଆ କହିଲା ପୁଅରେ, ତୁ ଛୋଟ ଥିଲା ବେଳେ ଜଣେ ଜ୍ୟୋତିଷ ତୋ ଛାମୁ ଦାନ୍ତ ଦେଖି ଭବିଷ୍ୟବାଣୀ କରିଥିଲେ ଯେ, ଭବିଷ୍ୟତରେ ତୁ ଜଣେ ପ୍ରସିଦ୍ଧ ବ୍ୟକ୍ତି ଭାବରେ ସବୁଠି ଖ୍ୟାତି ଅର୍ଜନ କରିବୁ । ଏହା ଶୁଣି ପୁଅ କହିଲା- ଏହା ତ ଖୁସିର କଥା, ଏଥିରେ ତୋର ଦୁଃଖ କେଉଁଠି ରହିଲା ? ମାଆ କହିଲା ଏହା ନିଶ୍ଚିତ ଖୁସିର କଥା କିନ୍ତୁ ଯେତେବେଳେ ପ୍ରସିଦ୍ଧ ଲାଭ କରିବୁ, ତୁ କ'ଣ ପୂର୍ବ ପରି ମୋତେ ସ୍ନେହ କରି ପାରିବୁ । ମୋତେ ଏକୁଟିଆ ଛାଡ଼ି ତୁ ତୋ ରାସ୍ତାରେ ଯଦି ଚାଲିଯାଉ, ତେବେ ମୁଁ ବଂଚିବି କେମିତି । ଏହି ଚିନ୍ତା ମୋତେ ସବୁ ବେଳେ ଘାରୁଛିରେ ପୁଅ । ମାଆ ଠାରୁ ଏହା ଶୁଣି ପୁଅଟି କୋହ ସମ୍ଭାଳି ପାରିଲା ନାହିଁ । ସାଙ୍ଗେ ସାଙ୍ଗେ ପୁଅଟି ଘର ବାହାରକୁ ଚାଲିଆସି ଗୋଟିଏ ପଥରରେ ତା'ପାଟିର ସାମନା ଦୁଇଟି ଦାନ୍ତକୁ ଛେଚି ଭାଙ୍ଗି ଦେଲା । ଏବେ ପୁଅର ପାଟିରୁ ଧାରଧାର ରକ୍ତ ବୋହିବାକୁ ଲାଗିଲା । ପଛେପଛେ ବାହାରକୁ ଆସୁଥିବା ମାଆ ପୁଅର ଏ ଅବସ୍ଥା ଦେଖି ବିଚଳିତ ହୋଇ ପଚାରିଲେ ତୁ ଏ କ'ଣ କଲୁ ?

'ସୌଗନ୍ଧ ମୁଝେ ଇସ୍ ମିଟି କି, ମୈଁ ଦେଶ ନହିଁ ମିଟନେ ଦୁଙ୍ଗା'

॥ ସୌର ଚନ୍ଦ୍ର ମହାପାତ୍ର ॥

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ତାଙ୍କର ରାଜନୈତିକ ବିଚକ୍ଷଣତା, ପରିବର୍ତ୍ତନକାରୀ ନେତୃତ୍ୱ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ଶାସନ ପାଇଁ ବିଶ୍ୱସ୍ତରରେ ପରିଚିତ ହୋଇଥିଲେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ଏକ କମ ପରିଚିତ ଦିଗ ରହିଛି । ଖୁବ କମ ଲୋକ ଜାଣନ୍ତି ଯେ, ସେ ଜଣେ ଗଭୀର ଆତ୍ମନିରୀକ୍ଷଣକାରୀ କବି ଯାହାଙ୍କ କବିତାରେ ଗହନ ବିଚାର ସବୁ ପରିପ୍ରକାଶ ହୋଇଥାଏ । ଅନେକ ଦଶନ୍ଧି ଧରି ତାଙ୍କର ଲେଖା ବିଭିନ୍ନ ଭାଷାରେ ପ୍ରକାଶିତ ହୋଇଛି । ରାଜନୀତି ଦୃଷ୍ଟିକୋଣରେ ପରିଭାଷିତ ହେଉଥିବା ଜଣେ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ରହିଥିବା ଭାବପ୍ରବଣ, ଦାର୍ଶନିକ ଏବଂ ଗଭୀର ଦେଶପ୍ରେମର ଏକ ବିରଳ ଝଲକ ତାଙ୍କ ଠାରେ ଦେଖିବାକୁ ମିଳିଥାଏ । ତାଙ୍କର ସୃଜନଶୀଳ ସ୍ୱର - କବିତା, ପ୍ରବନ୍ଧ ଏବଂ ପୁସ୍ତକ ମାଧ୍ୟମରେ ଆଧ୍ୟାତ୍ମିକତା, ନେତୃତ୍ୱ, ପ୍ରକୃତି ଏବଂ ଦେଶପ୍ରେମକୁ ପ୍ରତିଫଳିତ କରିଥାଏ । ଶ୍ରୀମୋଦିଜୀଙ୍କ କବିତା କେବଳ ଏକ ବ୍ୟକ୍ତିଗତ ବାହ୍ୟପଥ ନୁହେଁ, ଏହା ତାଙ୍କର ବୈଶ୍ୱିକ ଦୃଷ୍ଟିକୋଣ, ତାଙ୍କର ଆବେଗିକ ଭାବନା ଏବଂ ତାଙ୍କ ଆଧ୍ୟାତ୍ମିକ ବିଶ୍ୱାସର ପ୍ରତିଫଳନ । ରାଜନୈତିକ ସଂଘର୍ଷର ଗର୍ତ୍ତରୁ ଆଧ୍ୟାତ୍ମିକ ଚିନ୍ତନର ଶାନ୍ତି ପର୍ଯ୍ୟନ୍ତ, ତାଙ୍କର ପଦ୍ୟ ଗୁଡ଼ିକ ମାନବ ଅଭିଜ୍ଞତା ଏକ ବିସ୍ତୃତ ପରିସର ଦେଇ ଅତିକ୍ରମ କରେ ।

ନରେନ୍ଦ୍ର ମୋଦିଜୀଙ୍କ କବିତା ପ୍ରାୟତଃ ଦେଶର ହୃଦସ୍ପନ୍ଦନକୁ ପ୍ରତିଧ୍ୱନି କରେ, ବିଶେଷକରି ସାମୂହିକ ସଂଘର୍ଷ ଏବଂ ବିଜୟର ମୁହୂର୍ତ୍ତରେ । ତାଙ୍କ କବିତା ଗୁଡ଼ିକ କର୍ତ୍ତବ୍ୟ, ଗୌରବ ଏବଂ ଭାରତର ସାର୍ବଭୌମତ୍ୱ ଏବଂ ପ୍ରଗତି ପ୍ରତି ଅଟଳ ପ୍ରତିବଦ୍ଧତାର ଭାବନାରେ ପରିପୂର୍ଣ୍ଣ ।
କବିତା 'କାର୍ଗିଲ' (୧୯୯୯) : ଗୁଜୁରାଟୀ ଖବରକାଗଜରେ ପ୍ରକାଶିତ, ପରେ ଶ୍ରୀ ମୋଦିଜୀଙ୍କ ଲେଖାର ସଂକଳନରେ ଅନ୍ତର୍ଭୁକ୍ତ । କବିତାର ଭାବାର୍ଥ 'ପ୍ରତ୍ୟେକ ଯବାନ ଜଣେ ଚାଷୀ, ନିଜ ରକ୍ତରେ ଭବିଷ୍ୟତ ବିଜୟର ବୀଜ ବୁଣନ୍ତି, ଯାହାଦ୍ୱାରା ଆମର ଅସନ୍ତାକାଳି କେବେ ମଳିନ ହୁଏନାହିଁ ।' ବ୍ୟାଖ୍ୟା - କାର୍ଗିଲ ଯୁଦ୍ଧ ସମୟରେ ଲେଖାଯାଇଥିବା, ଏହି ପଦ୍ୟ କୃଷି କ୍ଷେତ୍ରର ପରିଦୃଶ୍ୟକୁ ସାମରିକ ବଳିଦାନ ସହିତ ମିଶ୍ରଣ କରିଥାଏ ।

'ଉଠ ବୀର' : ଗୁଜୁରାଟୀ ଭାଷାରେ ଏ କବିତାଟି ଶକ୍ତିଶାଳୀ ଦେଶପ୍ରେମ ଏବଂ ପ୍ରେରଣାଦାୟକ ଆହ୍ୱାନ । 'ବନ୍ଦେ ମାତରମ୍' : ଗୁଜୁରାଟୀ ଭାଷାରେ ଏ କବିତାଟି 'ବନ୍ଦେ ମାତରମ୍'କୁ କେବଳ ଏକ ଗୀତ କିମ୍ବା ସ୍ଲୋଗାନ ଭାବରେ ମହିମା ମଣ୍ଡନ କରିନାହିଁ, ବରଂ ଏଥିରେ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଜାତୀୟ ପରିଚୟର ଭାବନାକୁ ପ୍ରତିଫଳିତ ହୋଇଥିବା ଦର୍ଶାଇଥାଏ । 'ବିଜୟ ନୁ ପରୋଢ୍' :ଗୁଜୁରାଟୀ ଭାଷାରେ ଏ କବିତାଟି ଜାତୀୟ ପୁନର୍ଜାଗରଣ, ସାମୂହିକ ସଂଘର୍ଷ ଏବଂ ବିଜୟ ଆଡ଼କୁ ନେଇଯାଉଥିବା ଆଧ୍ୟାତ୍ମିକ ଜାଗରଣର ବିଷୟ ବସ୍ତୁକୁ ସ୍ପର୍ଶ କରିଥାଏ । 'କାର୍ଗିଲ' : ଗୁଜୁରାଟୀ ଭାଷାରେ ଏ କବିତାଟି 'କାର୍ଗିଲ ଯୁଦ୍ଧ' (୧୯୯୯) ସମୟରେ ଭାରତୀୟ ସୈନିକଙ୍କ ସାହସିକତାକୁ ସମ୍ମାନ କରେ । 'ଅଜୟ ଶକ୍ତି ଭଣ୍ ଛେ' : ଗୁଜୁରାଟୀ ଭାଷାରେ ଏ କବିତାଟି କହେ ଯେ, ବର୍ତ୍ତମାନ ଦେଶପ୍ରେମର ସମୟ ଏବଂ ଏକ ଅଜେୟ ଶକ୍ତି ରହିଛି ଯାହାକୁ କେହି ପରାସ୍ତ କରିପାରିବେ ନାହିଁ ।

'ଉଠୋ ଲାଲ ! ବିଜୟ ବଢ଼ାଓ' : ଗୁଜୁରାଟୀ ଭାଷାରେ ଏ କବିତାଟି କାମ କରିବା ପାଇଁ ଏକ ଶକ୍ତିଶାଳୀ ଏବଂ ପ୍ରେରଣାଦାୟକ ଆହ୍ୱାନ, ଯାହା ଲୋକମାନଙ୍କୁ ସମର୍ପଣ ଏବଂ ଏକତା ସହିତ ରାଷ୍ଟ୍ରର ପ୍ରଗତିରେ ଯୋଗଦାନ ଦେବାକୁ, ପ୍ରୟାସ କରିବାକୁ ଏବଂ ଯୋଗଦାନ ଦେବାକୁ ଆହ୍ୱାନ କରେ । 'ଅବ କ୍ୟା ତୁଝକୋ ଅର୍ପଣ କରୁ ?' : ହିନ୍ଦୀ ଭାଷାରେ ଏ କବିତାଟି ରାଷ୍ଟ୍ର ପ୍ରତି ନିଃସ୍ୱାର୍ଥପର ସମର୍ପଣର ଏକ ଗଭୀର ଦେଶପ୍ରେମ ଏବଂ ଭକ୍ତିପୂର୍ଣ୍ଣ ପ୍ରକାଶନ ।

'ସୌଗନ୍ଧ ମୁଝେ ଇସ୍ ମିଟି କି, ମୈଁ ଦେଶ ନହିଁ ମିଟନେ ଦୁଙ୍ଗା' : ହିନ୍ଦୀ ଭାଷାରେ ଏ କବିତାଟି ଅନେକ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦ୍ୱାରା ଆବୃତି କରାଯାଇଛି । କବିତାର ବିଷୟବସ୍ତୁ ଜାତୀୟତାବାଦ, ସ୍ଥିରତା ଏବଂ ଦୃଢ଼ ସଂକଳ୍ପ ଉପରେ ଆଧାରିତ । ଏହା ଦେଶପ୍ରେମର ଏକ ଦୃଢ଼ ଭାବନା ଏବଂ ରାଷ୍ଟ୍ରକୁ ସୁରକ୍ଷା ଦେବା ତଥା ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରେ । (୨୦୧୪ ଭାଷଣ) । 'ଅଭି ତୋ ସୁରଜ ଉଗା ହୈ' : ଉଭୟ ହିନ୍ଦୀ ଓ ଇଂରାଜୀ ଭାଷାରେ ଏହି କବିତାଟି ଆମେରିକା କଂଗ୍ରେସ ସମେତ (ହିନ୍ଦୀ ଏବଂ ଇଂରାଜୀ ଉଭୟରେ) ଅନେକ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆବୃତି କରାଯାଇଛି । 'ୟହି ସମୟ ହୈ, ସହି ସମୟ ହୈ, ଭାରତ କା ଅନମୋଲ୍ ସମୟ ହୈ' : ହିନ୍ଦୀ ଭାଷାରେ ଏହି କବିତାଟି ଦେଶପ୍ରେମ, ଜାତୀୟ ଜାଗରଣ ଏବଂ ଯୁବ ସଶକ୍ତିକରଣକୁ ପ୍ରତିପାଦିତ କରେ ।

'ଚଲତା ଚଲତା କାଳଚକ୍ର, ଅମୃତ କାଳ କା ଭାଲ ଚକ୍ର' : ହିନ୍ଦୀ ଭାଷାରେ ଏହି କବିତାର ବିଷୟବସ୍ତୁର ଚେତନା ଯୁବପିଢ଼ିକୁ ଆହ୍ୱାନ ଗ୍ରହଣ କରିବା, ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବା ଏବଂ ନିଜ ଦେଶ ପାଇଁ ଗର୍ବ କରିବାକୁ ଉସାହିତ କରେ । 'ଆଧ୍ୟାତ୍ମିକତା ଏବଂ ଆତ୍ମ ପ୍ରତିଫଳନ' : ଶ୍ରୀ ମୋଦିଜୀଙ୍କ ଆତ୍ମ - ପ୍ରତିଫଳନ ଆଧାରିତ ପଦ୍ୟ ଗୁଡ଼ିକ ଜଣେ ସାଧକର ଜୀବନକୁ ପରିପ୍ରକାଶ କରିଥାଏ ଯାହା ନିଃସଙ୍ଗତା, ଦିବ୍ୟ ସଂଯୋଗ ଏବଂ କର୍ମଦର୍ଶନକୁ ପରିପ୍ରକାଶ କରିଥାଏ । ବୈରାଗ୍ୟ ଏବଂ ଶାଶ୍ୱତ ସାକ୍ଷ୍ୟ ପ୍ରସଙ୍ଗ : କବିତା 'ସାକ୍ଷୀ ଭାବ' (୨୦୧୪) / 'ଲେଟର ଟୁ ଦ ମଦର୍' (ମା'ଙ୍କୁ ଚିଠି) (୨୦୧୬), ବିଷୟବସ୍ତୁ - ଶ୍ରୀ ମୋଦି ନିଜକୁ ଜଣେ କର୍ମଯୋଗୀ ରୂପେ ଘୋଷଣା କରନ୍ତି, ଆହ୍ୱାନକୁ ଗ୍ରହଣ କରନ୍ତି ।

ବର୍ତ୍ତମାନ ଠାରୁ ଆଗକୁ ଦୃଷ୍ଟିକୋଣ ଉପରେ ଲିଖିତ କବିତା 'ସାକ୍ଷୀ ଭାବ' । ଯାହାର ବିଷୟବସ୍ତୁ ହେଉଛି ଆଜିର କଷ୍ଟ କାଲିର ଆଲୋକ । ଆଜି ରାତିର ଅନ୍ଧାର ହେଉଛି ଆଗାମୀ କାଲିର ସୂର୍ଯ୍ୟୋଦୟ ବୋଲି କବିତାରେ ବର୍ଣ୍ଣନା କରି ଶ୍ରୀ ମୋଦିଜୀ ସ୍ପଷ୍ଟ ଭାବରେ ଏକ ଭବିଷ୍ୟତବାଦୀ, ଦୂରଦୃଷ୍ଟିପୂର୍ଣ୍ଣ ସ୍ୱର ଉତ୍ତୋଳନ କରିଛନ୍ତି ଯାହା ଏକ ଉଜ୍ଜ୍ୱଳ ସାମୂହିକ ଭବିଷ୍ୟତ ପାଇଁ କଷ୍ଟକୁ ଏକ ନିବେଶ ରୂପେ ଅଭିହିତ କରିଥାଏ । ଏହା ଦୀର୍ଘକାଳୀନ ପରିବର୍ତ୍ତନ ପାଇଁ ଦୃଢ଼ତା ଉପରେ ତାଙ୍କର ରାଜନୈତିକ ଗୁରୁତ୍ୱକୁ ପ୍ରତିଫଳିତ କରେ । ନରେନ୍ଦ୍ର ମୋଦିଜୀଙ୍କ କବିତା କେବଳ ଏକ କଳାତ୍ମକ ଅନନ୍ଦ ନୁହେଁ, ଏହା ଏପରି ଜଣେ ନେତାଙ୍କ ଆତ୍ମର ଝରକା ଯିଏ ଶାସନକୁ ଶାଳୀନତା ସହିତ ରାଣନୀତିକୁ ସମ୍ବେଦନଶୀଳତା ସହିତ ଏବଂ ଶକ୍ତିକୁ କବିତା ସହିତ ସନ୍ତୁଳିତ କରନ୍ତି । ଭାରତ ନିରନ୍ତର ବିକଶିତ ହେଉଥିବାବେଳେ ଶ୍ରୀ ମୋଦିଜୀଙ୍କର କବିତା ହୃଦୟ ଏବଂ ମନକୁ ଆକାର ଦେଉଥିବା ଶବ୍ଦଗୁଡ଼ିକର ଅଭିଭା ଶକ୍ତିର ପ୍ରମାଣ ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

ସଭିଙ୍କ ପାଇଁ ଆବାସ : ଏକ ସାମଗ୍ରିକ ଦାୟିତ୍ୱ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଅକ୍ଟୋବର ମାସ ପ୍ରଥମ ସୋମବାରରେ ବିଶ୍ୱ ଆବାସ ଦିବସ ପାଳନ କରାଯାଏ । ଏଥର ଏହା ଅକ୍ଟୋବର ୫ ତାରିଖରେ ପାଳନ କରାଯାଉଛି । ୧୯୮୫ରେ ଜାତିସଂଘ ସାଧାରଣ ପରିଷଦରେ ପ୍ରଥମେ ବିଶ୍ୱ ଆବାସ ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା । ପରେ ୧୯୮୬ ଅକ୍ଟୋବର ପ୍ରଥମ ସୋମବାରରେ ଏହାକୁ ନାଇରୋବିରେ ପାଳନ କରାଗଲା ଓ ସେବେଠାରୁ ଏହି ଧାରା ରହି ଆସିଛି । ପ୍ରତିବର୍ଷ ଏହି ଦିନରେ ବିକାଶର ନୀତିକୁ ଆଗେଇ ନେବା ଲକ୍ଷ୍ୟରେ ଜାତିସଂଘ ନୂଆ ନୂଆ ସ୍ଲୋଗାନ ନେଇ ଆସୁଛି ଯେଉଁଥିରେ ବିଶ୍ୱରେ ଲୋକଙ୍କ ମୂଳ ଆବଶ୍ୟକତା ମଧ୍ୟରେ ପର୍ଯ୍ୟାପ୍ତ ଆଶ୍ରୟ ଯୋଗାଇ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ବିଶ୍ୱର ସବୁ ଦେଶର ବଜାର ସହରଗୁଡ଼ିକର ସ୍ଥିତିକୁ ସୁଧାରିବା ସହ ଗରିବ ଲୋକଙ୍କୁ ଘର ଯୋଗାଇବା ଉପରେ ଏହା ଜୋର ଦେଉଛି । ବିଶ୍ୱ ଆବାସ ଦିବସରେ ସବୁ ଗରିବ ଲୋକଙ୍କୁ ଶସ୍ତାରେ ଘର ଉପଲବ୍ଧ କରାଇବା ଯୋଜନା ଉପରେ ସଚେତନ କରାଯାଇଛି । ବିକାଶର ଲକ୍ଷ୍ୟପ୍ରାପ୍ତି ପାଇଁ ଭାରତ ସମେତ ପାକିସ୍ତାନ, ଜର୍ମାନୀ, ହଙ୍ଗେରୀ, ଆମେରିକା, ବ୍ରାଜିଲ, ବେଲଜିୟମ, ୟୁଏଇ, ଆଙ୍ଗୋଲା, ନେଦରଲାଣ୍ଡ ଓ ସେନିଗାଲ ସମେତ ଅନ୍ୟ ଦେଶମାନଙ୍କରେ ଏହି ଦିବସ ପାଳନ କରାଯାଉଛି ।

ଗୃହହୀନ ଲୋକଙ୍କ ସମସ୍ୟା, ଦ୍ରୁତ ସହରୀକରଣର ଗରିବ ଲୋକଙ୍କ ଉପରେ ପ୍ରଭାବ ଆକଳନ କରିବା ଉଦ୍ଦେଶ୍ୟରେ ଏହା ପାଳନ କରାଯାଉଛି । ୨୦୧୨ରେ ପାକିସ୍ତାନର ଇସ୍‌ଲାମବାଦରେ ଆୟୋଜିତ ବିଶ୍ୱ ଆବାସ ଦିବସ ସମାରୋହରେ ପର୍ଯ୍ୟାପ୍ତ ପାଣି, ଆଶ୍ରୟ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ଅନ୍ୟ ସୁବିଧା ପହଂଚାଇବା ସହ ଉତ୍ତମ ଶିକ୍ଷା, ନିଯୁକ୍ତି ସୁଯୋଗ ଆଦି ଉପଲବ୍ଧ କରାଇବା ଲାଗି ଯୋଜନା କରାଯାଇଥିଲା । ଜାତିସଂଘର ଆକଳନ ମୁତାବକ ଏବେ ବିଶ୍ୱରେ ଆବାସ ସଙ୍କଟ ଦେଖାଯାଉଛି । ୧.୬ ବିଲିୟନ (୧୬୦ କୋଟି) ଲୋକ ଖସ୍ତା ଆବାସ ଯୋଜନାରେ ସବ୍‌ଷ୍ଟାଣ୍ଡର୍ଡ ଘରେ ରହିଆସୁଛନ୍ତି । ପାଖାପାଖି ୧୦୦ ମିଲିୟନ (୧୦ କୋଟି) ଲୋକଙ୍କର ରହିବା ପାଇଁ ଘରଟିଏ ବି ନାହିଁ । ଭାରତରେ ଏମାନଙ୍କ ସଂଖ୍ୟା ୧.୭୭ ମିଲିଅନ । ଏହି କାରଣରୁ ସହରରେ ସ୍ଲମ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇବାରେ ଲାଗିଛି । ଏଣୁ ବିଶ୍ୱରେ ଏଭଳି ସମସ୍ୟାକୁ ଟାଳିବା ଲାଗି ବିଭିନ୍ନ ଦେଶର ସରକାର କିଭଳି ଲୋକମାନଙ୍କୁ ପର୍ଯ୍ୟାପ୍ତ ଘର ଯୋଗାଇ ଦେବେ ସେଥିପ୍ରତି ଏହି ଦିବସରେ ଧ୍ୟାନ ଆକର୍ଷଣ କରାଯାଏ । ଏବେକାର ତଥା ଆଗାମୀ ପିଢ଼ୀ ପାଇଁ ସାମଗ୍ରିକ ଦାୟିତ୍ୱ ସମ୍ବନ୍ଧରେ ବିଶ୍ୱରେ ସଚେତନତା ଆଣିବାରେ ବିଶ୍ୱ ଆବାସ ଦିବସର ଗୁରୁତ୍ୱ ମଧ୍ୟ ରହିଛି । ଗରିବ ଲୋକଙ୍କ ଲାଗି ଯେଉଁମାନେ ଘର ନିର୍ମାଣ କରୁଛନ୍ତି ସେମାନଙ୍କ ନୀତି ଓ ଦୃଷ୍ଟିକୋଣରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଉପରେ ଏହି ଦିବସରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ୧୯୮୬ରେ ଏହି ଦିବସର ସ୍ଲୋଗାନ ଥିଲା 'ଆଶ୍ରୟ ମୋର ଅଧିକାର' । ୨୦୨୫ରେ ଏହି ଦିବସର ସ୍ଲୋଗାନ 'ବର୍ଜ୍ୟକୁ ସମ୍ପତିରେ ପରିବର୍ତ୍ତନ କରିବାକୁ ବୈଷୟିକ ଜ୍ଞାନକୌଶଳ ଏକ ଅଭିନବ ଉପକରଣ' ବୋଲି ରଖାଯାଇଥିବାବେଳେ ଚଳିତ ବର୍ଷର ବାର୍ତ୍ତା ରହିଛି 'ଆଗାମୀ ସକାଳ, ସୁରକ୍ଷିତ ଘର' ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ସ୍ୱାମୀ ହେବ କେତେ ଦିନ ପାଇଁ

॥ ଦିପ୍ତିମୟୀ ନାୟକ ॥

ଜଣେ ଝିଅ ଯେତେବେଳେ ବାପାଙ୍କ ଘରେ ଥାଏ ସେତେବେଳେ ତା'ର ପୃଥିବୀଟି କେବଳ ହସ ଓ ଆଲୋକରେ ଭରାଥାଏ । ସେ କେବେବି କଳ୍ପନା କରିନଥାଏ ଯେ ଜୀବନର ସବୁଠାରୁ ବଡ଼ ପରିବର୍ତ୍ତନ ବିବାହ ତା' ଜୀବନରେ ଏକ ଅନ୍ଧକାର ଅଧ୍ୟାୟ ଆଣିବ । ବାପା-ମାଆ ଯେଉଁ ଝିଅକୁ ଖୁବ୍ ଯତ୍ନରେ ବଡ଼ କରିଥା'ନ୍ତି ଶାଶୁଘରେ ପାଦ ଦେବା ମାତ୍ରେ ତା'ର ସେହି ସ୍ନେହ ଓ ଆଦର କେଉଁଆଡ଼େ ମଉଳିଯାଏ ।ଘରର ଚାରିକାନ୍ଥ ଭିତରେ ତାକୁ ଯୌତୁକର ଏକ ତାଲିକା ଭାବେ ଦଖଲ କରାଯିବ । ତୁମ ବାପା କ'ଣ ଦେଇଛନ୍ତି ? ଏହି ଗୋଟିଏ ପ୍ରଶ୍ନ ଝିଅଟିର ସମସ୍ତ ଯୋଗ୍ୟତା, ଶିକ୍ଷା ଏବଂ ସ୍ୱପ୍ନକୁ ମାଟିରେ ମିଶାଇ ମିଶାଇଦେବ ।ଶାଶୁଘରର ପ୍ରତ୍ୟେକଟି କଥା, ପ୍ରତ୍ୟେକଟି କଟୁକ୍ତି ଝିଅଟିର ମନକୁ ପ୍ରତିଦିନ ତିଳ ତିଳ କରି ମାରିଦେବ ।ଯେତେବେଳେ ଖାଦ୍ୟ ଥାଳିରେ ଅସନ୍ତୋଷ ପ୍ରକାଶ ପାଇବ ସେତେବେଳେ ଯୌତୁକର ଅଭାବ କଥା ମନେପକାଇ ଦିଆଯିବ ।ଯେତେବେଳେ ସେ ନିଜର ମତ ରଖିବାକୁ ଚେଷ୍ଟା କରିବ ତା'ର ମୁହଁକୁ ଚୁପ୍ କରାଇ ଦିଆଯିବ ।ସେ ଦିନସାରା କାମ କରିବ ସମସ୍ତଙ୍କୁ ଖୁସି ରଖିବାକୁ ଚେଷ୍ଟା କରିବ କିନ୍ତୁ ବଦଳରେ କେବଳ ଅପମାନ ପାଇବ । ସେ ନିଜର ଏହି ଦୁଃଖ କାହାକୁ କହିପାରେ ନାହିଁ । ଯଦି ସେ ନିଜ ସାଙ୍ଗସାଥୀ କିମ୍ବା ପରିବାରକୁ କହେ ତେବେ ସେମାନଙ୍କ ମନରେ କଷ୍ଟ ହେବ ଭାବି ସେ ସବୁକିଛି ନିଜ ଭିତରେ ଚାପି ରଖିବ ।ଝିଅଟି ଯେତେବେଳେ ଫୋନ୍‌ରେ ମାଆ ବା ବାପାଙ୍କ ସହ କଥା ହେବ ସେତେବେଳେ ସେ ନିଜର ସମସ୍ତ କାନ୍ଦକୁ ଲୁଚାଇ ବାହାରୁ ହସିବାର ଅଭିନୟ କରିବ ।ମାଆ ଜାଣିବାକୁ ଚାହେଁ ତା' ଝିଅ ଖୁସିରେ ଅଛି କି ନାହିଁ । ବାପା ନିଜର ସଂଚୟ ଟଙ୍କା ଖର୍ଚ୍ଚ କରି ବିବାହ ଦେଇଥିବାରୁ ମନରେ ଏକ ଅଜଣା ଭୟ ରଖିଥା'ନ୍ତି ଯେ ତାଙ୍କ ଝିଅକୁ କେହି କଷ୍ଟ ଦେଉନଥିବ ତ ?

ଝିଅଟି ସେମାନଙ୍କର ଏହି ଭୟକୁ ଆହୁରି ବଢ଼ାଇବାକୁ ଚାହେଁ ନାହିଁ । ତେଣୁ ସେ ନିଜ ଆଖିର ଲୁହକୁ ଲୁଚାଇ କହେ ମୁଁ ବହୁତ ଭଲରେ ଅଛି ବାପା ମୋ ପାଇଁ ଆଉ ଚିନ୍ତା କରନ୍ତୁ ନାହିଁ । କିନ୍ତୁ ସେହି ମିଛ ଭିତରେ ତା'ର ଅନ୍ତରାତ୍ମା କାନ୍ଦୁଥିବ ।ଏ ସବୁ ଅନ୍ୟାୟ ଭିତରେ ଯେତେବେଳେ ସ୍ୱାମୀ ଆଖି ଆଗରେ ସବୁ ଦେଖି ମଧ୍ୟ ନିରବ ରହେ ସେତେବେଳେ ସବୁଠାରୁ ବଡ଼ ଆଘାତ ଲାଗିଥାଏ । ସ୍ତ୍ରୀ ଭାବେ ଯିଏ ମୋର ଜୀବନସାଥୀ ହେବାକୁ କଥା ଦେଇଥିଲା ସେ ଆଜି ମୋର ଏ ଅବସ୍ଥା ଦେଖି କାହିଁକି ଚୁପ୍? ସେହି ନୀରବତା କେବଳ ମୌନତା ନୁହେଁ କି ଏହା ସ୍ୱାମୀର ଅସହାୟତା ନୁହେଁ ବରଂ ଏହା ଉଦାସୀନତାର ପ୍ରମାଣ ଦେଇଥାଏ । ଯେଉଁ ହାତ ସାହାଯ୍ୟର ହାତ ହେବା କଥା ସେହି ହାତଗୁଡ଼ିକ ନୀରବ ରହି ଅନ୍ୟାୟକୁ ସମର୍ଥନ କରେ । ଏହାଠାରୁ ବଡ଼ ଦୁଃଖ ଜଣେ ନାରୀ ପାଇଁ ଆଉ କ'ଣ ହୋଇପାରେ?

ସେଥିପାଇଁ ବୋଧେ ଆଜିର ସମାଜରେ ପ୍ରାୟ ଝିଅଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି ସ୍ୱାମୀ ହେବ କେତେ ଦିନ ପାଇଁ ? ସତ କୁହ କାରଣ ତୁମେ ବି ଯୌତୁକ ଲୁଇରେ ଗୋଟେ ଝିଅକୁ ମାରିଦେବନି ତ ?ଏହା କେବଳ ଜଣେ ଝିଅର ପ୍ରଶ୍ନ ନୁହେଁ । ଏହା ଆମ ସମାଜକୁ ଜଣେ ଝିଅର ନୀରବ ଚିତ୍କାର । ଏହା ସେହି ଝିଅର ପ୍ରଶ୍ନ ଯିଏ ବାପାଙ୍କ ଘରେ ରାଜକୁମାରୀ ହୋଇ ବଢ଼ିଥିଲା କିନ୍ତୁ ବିବାହ ପରେ ଅନ୍ୟ ଘରେ ନିଜର ଅସ୍ତିତ୍ୱ ପାଇଁ ଲଢ଼ିବାକୁ ପଡ଼ିଲା ।ଝିଅଟି ଯେତେବେଳେ ଛୋଟ ଥିଲା ତା'ର ବାପା ତାକୁ କୋଳରେ ଧରି କହିଥିଲେ ତୁ ମୋ ଘରର ଲକ୍ଷ୍ମୀ । ମାଆ ତା'ର କେଶ ସଜାଇ ଦେଇ କହିଥିଲେ ତୁ ଯେଉଁ ଘରକୁ ଯିବୁ ସେ ଘରକୁ ହସରେ ଭରିଦେବୁ ।ସେ ମଧ୍ୟ ସ୍ୱପ୍ନ ଦେଖିଥିଲା ।ସେ ଭାବିଥିଲା ଦିନେ ତା'ର ମଧ୍ୟ ଜଣେ ଜୀବନସାଥୀ ହେବ । ଯିଏ ତା'ର ହାତ ଧରି କହିବ ତୁ ଏକା ନୁହଁ ମୁଁ ଅଛି ।ସେ ଭାବିଥିଲା ବିବାହ ମାନେ ଦୁଇଟି ମନର ସମ୍ପର୍କ । ଦୁଇଟି ପରିବାରର ମିଳନ । ଦୁଇ ଜଣଙ୍କ ମଧ୍ୟରେ ବିଶ୍ୱାସ, ସମ୍ମାନ ଓ ଭଲପାଇବା କିନ୍ତୁ ସେ ଜାଣିନଥିଲା କେତେକ ଘରେ ବିବାହ ପରେ ଝିଅର ନାଁ ବଦଳିଯାଏ ନାହିଁ କିନ୍ତୁ ତା'ର ମୂଲ୍ୟ ବଦଳିଯାଏ ।ବିବାହ ପୂର୍ବରୁ ସେ ବୋହୂ ନୁହେଁ ଝିଅ ଥିଲା । ବିବାହ ପରେ ହଠାତ୍ ତା'ର ଉପରେ ଅନେକ ଆଶା ଓ ଦାବି ରଖାଯାଏ । ଏତିକି ଯୌତୁକ ଆଣିଛି ? ଗାଡ଼ି ଦେଲେ ନାହିଁ? ସୁନା ଆଉ କିଛି ଅଧିକ ହେବା ଦରକାର ଥିଲା ।ତୁମ ବାପାଙ୍କ ଘରୁ ଆଉ କିଛି ଟଙ୍କା ଆଣିପାରିବୁ ନାହିଁ? ପ୍ରଥମେ ସେ ଏସବୁ କଥା ଶୁଣି ଚୁପ୍ ରହେ ।କାରଣ ତାକୁ ଛୋଟବେଳୁ ଶିଖାଯାଇଥାଏ ଶାଶୁଘରେ ମୁହଁ ଖୋଲିବୁ ନାହିଁ । ସବୁ ସହିଯିବୁ । ସେଇ ତ ଝିଅର ଘର କିନ୍ତୁ ମନ ଭିତରେ ଗୋଟିଏ ପ୍ରଶ୍ନ ଧୀରେ ଧୀରେ ଜନ୍ମ ନିଏ ମୁଁ କଣ ସତରେ ଏହି ଘରର ଝିଅ ନୁହେଁ? ଦିନ ଗଡ଼େ, ତା'ର ହସ କମିଯାଏ, କଥା କମିଯାଏ । ଆଖିର ଲୁହ ବଢ଼ିଯାଏ ।ସେ ତଥାପି ଆଶା କରେ ତା'ର ସ୍ୱାମୀ ଦିନେ ତା'ର ଦୁଃଖ ବୁଝିବ ।କାରଣ ସେ ଭାବେ ଶାଶୁ-ଶ୍ୱଶୁରଙ୍କ ସହିତ ତା'ର ଯେତେ ଅଭିଯୋଗ ଥାଉ ତା'ର ସ୍ୱାମୀ ତ ତା'ର ନିଜର । ସେ ରାତିରେ ଚୁପ୍‌ଚାପ୍ ପଚାରେ ତୁମେ ମୋ ସାଙ୍ଗରେ ଅଛ ତ ସ୍ୱାମୀ କିଛି କୁହେ ନାହିଁ ।ସେ ପୁଣି ପଚାରେ ମୁଁ ତୁମ ପାଇଁ କେବଳ ଯୌତୁକ ଆଣିଥିବା ଜଣେ ଝିଅ ନା, ନା ମୁଁ ତୁମ ଜୀବନସାଥୀ ? କିଛି ଉତ୍ତର ମିଳେ ନାହିଁ ।ସେହି ନୀରବତା ତା' ପାଇଁ ହଜାରଟି ଶବ୍ଦଠାରୁ ଅଧିକ ଯନ୍ତ୍ରଣାଦାୟକ ହୋଇଯାଏ । ସେ ଭାବେ ଯେଉଁ ମଣିଷ ମୋ ହାତ ଧରି ମୋତେ ନିଜ ଘରକୁ ଆଣିଥିଲା ସେହି ମଣିଷ ଆଜି ମୋ ଲୁହ ଦେଖି କାହିଁକି ଚୁପ୍? ସେ ନିଜ ବାପାଙ୍କୁ କିଛି କହିପାରେ ନାହିଁ ।କାରଣ ବାପା ଝିଅର ବିବାହ ପାଇଁ ନିଜର ସଂଚୟ ଖର୍ଚ୍ଚ କରିଦେଇଛନ୍ତି ।ମାଆ ନିଜର ଗହଣା ବିକି ଝିଅକୁ ଶାଶୁଘରକୁ ପଠାଇଛନ୍ତି ।ବାପା ଯଦି ପଚାରନ୍ତି ଝିଅ ତୁ ଖୁସିରେ ଅଛୁ ତ ?ସେ ଲୁହ ପୋଛି ହସି କହେ ହଁ ବାପା, ମୁଁ ଭଲରେ ଅଛି ।କେତେ ବଡ଼ ମିଛ ଜଣେ ଝିଅ ନିଜ ଯନ୍ତ୍ରଣାକୁ ଲୁଚାଇବା ପାଇଁ ବାପାଙ୍କୁ ମିଛ କହିବାକୁ ବାଧ୍ୟ ହୁଏ ।କାରଣ ସେ ଜାଣେ ତା'ର ବାପା ଯଦି ତା'ର ଦୁଃଖ ଜାଣିବେ ତେବେ ନିଜକୁ ଦୋଷ ଦେବେ ।ମୁଁ ମୋ ଝିଅକୁ ସେହି ଘରକୁ କାହିଁକି ପଠାଇଲି ?ଏହି ପ୍ରଶ୍ନ ବାପାଙ୍କୁ ଭିତରୁ ଭାଙ୍ଗିଦେବ ।ଝିଅଟି ତେଣୁ ଚୁପ୍ ରହେ କିନ୍ତୁ ଚୁପ୍ ରହିଲେ କଣ ଦୁଃଖ କମିଯାଏ? ନା ନୀରବତା ମଧ୍ୟ କେତେବେଳେ ଚିତ୍କାର କରେ । ତା'ର ଆଖିର ଲୁହ କହେ ମୁଁ ଯୌତୁକ ନୁହେଁ ।ମୁଁ କାହାର ସମ୍ପତି ନୁହେଁ ।ମୋ ବାପାଙ୍କ ସାମର୍ଥ୍ୟ ମୋ ମୂଲ୍ୟ ନୁହେଁ ।ମୋ ଦେହ, ମୋ ଜୀବନ, ମୋ ସ୍ୱପ୍ନ କୌଣସି ଟଙ୍କାରେ ମାପିହେବ ନାହିଁ ।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ସ୍ୱାମୀ କିଏ ?କେବଳ ବିବାହ ମଣ୍ଡପରେ ସିନ୍ଦୂର ପିନ୍ଧାଇଦେଇଥିବା ମଣିଷ ?

ନା ଜୀବନର ଭଲମନ୍ଦ ସମୟରେ ସାଥୀ ହୋଇ ଠିଆ ହେଉଥିବା ମଣିଷ ଯଦି ସ୍ୱାମୀ ହେବାର ଅର୍ଥ କେବଳ ଜଣେ ଝିଅକୁ ନିଜ ଘରକୁ ନେଇଆସିବା ତେବେ ସେହି ସମ୍ପର୍କର ଅର୍ଥ କ'ଣ ?

ଯଦି ଜଣେ ସ୍ୱାମୀ ନିଜ ସ୍ତ୍ରୀକୁ ଯୌତୁକ ପାଇଁ ଅପମାନିତ ହେଉଥିବା ଦେଖି ଚୁପ୍ ରହେ ତେବେ ସେ ଚୁପ୍ ରହିବା କେବଳ ନୀରବତା ନୁହେଁ ଏହା ତା'ର ଦାୟିତ୍ୱ ପ୍ରତି ପ୍ରଶ୍ନ ।

ତେବେ ଜଣେ ଝିଅ ବିବାହ କରି ସ୍ୱାମୀ ଘରକୁ ଯାଏ ଭଲପାଇବା ଓ ସମ୍ମାନ ପାଇବା ପାଇଁ ବାପାଙ୍କ ଘରର ସମ୍ପତି ନେଇ ନୂଆ ଘରକୁ ପ୍ରବେଶ କରିବା ପାଇଁ ନୁହେଁ ।ଯୌତୁକ ନାମରେ ଜଣେ ଝିଅର ବାପାଙ୍କ ଉପରେ ଆର୍ଥିକ ଚାପ ପକାଇବା ମାନେ କେବଳ ଟଙ୍କା ମାଗିବା ନୁହେଁ । ଏହା ଗୋଟିଏ ପରିବାରର ସ୍ୱପ୍ନକୁ ଭାଙ୍ଗିବା ।ଜଣେ ବାପାଙ୍କ ଆଖିରୁ ଘୁମ ଛଡ଼ାଇବା ।ଜଣେ ମାଆଙ୍କ ମନରେ ଭୟ ସୃଷ୍ଟି କରିବା ଏବଂ ଜଣେ ଝିଅକୁ ତା'ର ନିଜ ଜୀବନରେ ଅପରାଧୀ ଭଳି ଅନୁଭବ କରାଇବା । ଏହା କେମିତି ସମାଜ ?ଯେଉଁ ସମାଜରେ ଝିଅ ଜନ୍ମ ହେଲେ କେତେକ ଲୋକ ତା'ର ଭବିଷ୍ୟତ ପାଇଁ ସଂଚୟ କରନ୍ତି କିନ୍ତୁ ସେହି ସଂଚୟକୁ ଝିଅର ଶିକ୍ଷା ଓ ସ୍ୱାଧୀନତା ପାଇଁ ନୁହେଁ ଯୌତୁକ ପାଇଁ ଭାବନ୍ତି ?ଝିଅର ଶିକ୍ଷା ଅପେକ୍ଷା ବିବାହର ଖର୍ଚ୍ଚକୁ ବଡ଼ କରି ଦେଖୁଥିବା ମନୋଭାବ କେବେ ବଦଳିବ ?ଝିଅକୁ ପର ଘରର ଧନ ବୋଲି ଦେଖିବା କେବେ ବନ୍ଦ ହେବ ?ଝିଅ କାହାର ପର ନୁହେଁ ।ସେ ମଧ୍ୟ ଜଣେ ସ୍ୱପ୍ନ ଦେଖୁଥିବା ମଣିଷ ।ତା'ର ମଧ୍ୟ ନିଜର ଇଚ୍ଛା ଅଛି ।ତା'ର ମଧ୍ୟ ନିଜର ମତ ଅଛି ।ତା'ର ମଧ୍ୟ ନିଜ ଜୀବନ ବାଛିବାର ଅଧିକାର ଅଛି ।ବିବାହ ତା'ର ଜୀବନର ଶେଷ ଲକ୍ଷ୍ୟ ନୁହେଁ ।ବିବାହ ତା'ର ଜୀବନର ଏକ ଅଂଶ ଏବଂ ସେହି ଅଂଶଟି ଭଲପାଇବା, ସମ୍ମାନ ଓ ବିଶ୍ୱାସରେ ଗଢ଼ା ହେବା ଦରକାର ।ଯୌତୁକ ଲୁଇରେ ଆଉ କୌଣସି ଝିଅର ସ୍ୱପ୍ନ ଜଳିଯିବା ଉଚିତ ନୁହେଁ । ଆଉ କୌଣସି ମାଆ ନିଜ ଝିଅର ଫଟୋକୁ ଧରି କାନ୍ଦିବା ଉଚିତ ନୁହେଁ ।ଆଉ କୌଣସି ବାପା ନିଜକୁ ପଚାରିବା ଉଚିତ ନୁହେଁ । ମୁଁ ମୋ ଝିଅର କ'ଣ ଦୋଷ କଲି ?

ଦୋଷ ଝିଅର ନୁହେଁ ।ଦୋଷ ସେହି ମନୋଭାବର ଯେଉଁଠାରେ ମଣିଷର ମୂଲ୍ୟ ଟଙ୍କାରେ ମପାଯାଏ ।ଦୋଷ ସେହି ପ୍ରଥାର ଯେଉଁଠାରେ ବିବାହକୁ ସମ୍ପର୍କ ନୁହେଁ ଆର୍ଥିକ ଲେନଦେନ ଭାବେ ଦେଖାଯାଏ ।ଦୋଷ ସେହି ନୀରବତାର ଯେଉଁ ନୀରବତା ଅନ୍ୟାୟ ଦେଖି ମଧ୍ୟ ଚୁପ୍ ରହେ ।ଜଣେ ସ୍ୱାମୀଙ୍କ ପାଇଁ ତା'ର ସ୍ତ୍ରୀର ହାତରେ ଥିବା ଚୁଡ଼ିଠାରୁ ତା'ର ଆଖିର ଲୁହ ଅଧିକ ମୂଲ୍ୟବାନ ହେବା ଦରକାର ।ତା'ର ବାପାଙ୍କ ଦେଇଥିବା ଟଙ୍କାଠାରୁ ତା'ର ହାତ ଧରିଥିବା ବିଶ୍ୱାସ ଅଧିକ ମୂଲ୍ୟବାନ ହେବା ଦରକାର ।କାରଣ ସ୍ୱାମୀ ହେବା ଏକ ସମ୍ପର୍କର ନାଁ ନୁହେଁ ଏହା ଏକ ଦାୟିତ୍ୱ ।ସ୍ୱାମୀ ହେବାର ଅର୍ଥ ହେଉଛି ତୁମେ ଯେତେବେଳେ କାନ୍ଦିବ ମୁଁ ତୁମ ଲୁହ ପୋଛିବି ।ତୁମେ ଯେତେବେଳେ ଭାଙ୍ଗିପଡ଼ିବ ମୁଁ ତୁମକୁ ଧରିବି ।ତୁମ ଉପରେ ଅନ୍ୟାୟ ହେଲେ ମୁଁ ତୁମ ପାଖରେ ଠିଆ ହେବି । ତୁମ ବାପାଙ୍କ ଘରୁ କିଛି ନ ଆସିଲେ ମଧ୍ୟ ତୁମ ପ୍ରତି ମୋ ସମ୍ମାନ କମିବ ନାହିଁ ।ଏହି ହେଉଛି ସତ ସମ୍ପର୍କ । ଏ ହେଉଛି ବିବାହର ଅର୍ଥ ।ତେଣୁ ଆଜି ଏହି ପ୍ରଶ୍ନଟି କେବଳ ଝିଅର ନୁହେଁ ।ପ୍ରଶ୍ନଟି ପ୍ରତ୍ୟେକ ସ୍ୱାମୀଙ୍କ ପାଇଁ ସ୍ୱାମୀ ହେବ କେତେ ଦିନ ପାଇଁ? ବିବାହ ଦିନଠାରୁ ଜୀବନର ଶେଷ ଦିନ ପର୍ଯ୍ୟନ୍ତ ? ନା ଯୌତୁକର ଦାବି ଆସିବା ପର୍ଯ୍ୟନ୍ତ ? ଯଦି ଭଲପାଇବା ଟଙ୍କାଠାରୁ ଛୋଟ ହୋଇଯାଏ ତେବେ ସେହି ସମ୍ପର୍କର ଅର୍ଥ କ'ଣ ?

ଯଦି ଜଣେ ଝିଅର ଜୀବନ ଯୌତୁକର ଅଭାବରେ ନରକ ହୋଇଯାଏ ତେବେ ଆମେ କେଉଁ ସମାଜରେ ବଂଚୁଛୁ ?

କୌଣସି ଝିଅ ଚାହେଁ ନାହିଁ ତା'ର ସ୍ୱାମୀ ଧନୀ ହେଉ ।ସେ କେବଳ ଏତିକି ଚାହେଁ । ତା'ର ସ୍ୱାମୀ ମଣିଷ ହେଉ । ତା'ର ଦୁଃଖ ବୁଝୁ ।ତା'ର ସମ୍ମାନକୁ ନିଜ ସମ୍ମାନ ଭାବୁ ।ତା'ର ବାପାଙ୍କ ଦେଇଥିବା ଯୌତୁକ ନୁହେଁ ତା'ର ହାତରେ ଥିବା ବିଶ୍ୱାସକୁ ଗ୍ରହଣ କରୁ । କାରଣ ଝିଅଟି ଯୌତୁକ ନୁହେଁ । ସେ ଜଣେ ମଣିଷ ।ସେ ଜଣେ ଝିଅ ।ସେ କାହାର ଭଉଣୀ ।ସେ କାହାର ଝିଅ । ସେ ଦିନେ କାହାର ସ୍ତ୍ରୀ ହୁଏ କିନ୍ତୁ ସେ ସବୁଠାରୁ ପ୍ରଥମେ ଏବଂ ସବୁଠାରୁ ଶେଷରେ ଜଣେ ସ୍ୱାଧୀନ ମଣିଷ । ତା'ର ଜୀବନର ମୂଲ୍ୟ କୌଣସି ଯୌତୁକର ତାଲିକାରେ ଲେଖାଯାଇପାରିବ ନାହିଁ । ତେଣୁ ଆସନ୍ତୁ, ଆମେ ବଦଳାଇବା ଆମର ଚିନ୍ତାଧାରା ।ବିବାହକୁ ବ୍ୟବସାୟ ନୁହେଁ ସମ୍ପର୍କ କରିବା ।ଝିଅକୁ ଭାର ନୁହେଁ ସମାନ ମଣିଷ ଭାବେ ଦେଖିବା । ଯୌତୁକକୁ ପରମ୍ପରା ନୁହେଁ ଅନ୍ୟାୟ ଭାବେ ବୁଝିବା ଏବଂ ପ୍ରତ୍ୟେକ ସ୍ୱାମୀ ନିଜ ସ୍ତ୍ରୀକୁ ଏତିକି ନିଶ୍ଚିତତା ଦେବା ।ତୁମ ବାପାଙ୍କ ଘରୁ କିଛି ଆସୁ କି ନ ଆସୁ ତୁମେ ମୋ ଘରକୁ ଆସିଛ ମୋର ଜୀବନସାଥୀ ହୋଇ । ତୁମ ମୂଲ୍ୟ କୌଣସି ଟଙ୍କାରେ ନୁହେଁ । ଯେଉଁଦିନ ତୁମେ ମୋ ପାଇଁ ମଣିଷ, ମୋ ସାଥୀ, ମୋର ସମ୍ମାନ ବୋଲି କହିବା । ସେଦିନ ବୋଧହୁଏ କୌଣସି ଝିଅକୁ ଆଉ ଲୁହ ଲୁଚାଇ କହିବାକୁ ପଡ଼ିବ ନାହିଁ । ଝିଅଟିଏ ମଧ୍ୟ ନିର୍ଭୟରେ କହିପାରିବ ମୋ ସ୍ୱାମୀ ମୋ ସହିତ ଅଛନ୍ତି ଯୌତୁକ ପାଇଁ ନୁହେଁ ମୋ ପାଇଁ ।

ଯୁବ ସାମ୍ବାଦିକା, ଅଣାରୁଆ, ଭୁବନେଶ୍ୱର, ମୋ : ୯୦୯୦୬୬୧୫୮୬

ସେଇଠୁ ଆରମ୍ଭ
SEITHO ARAMBHA

ଜଳଭଣ୍ଡାର ଥାଇ ବି ପାଣି ପାଇଁ ହାହାକାର

ସପ୍ତାହେ ହେଲା ପିଇବା ପାଣିରୁ ବଂଚିତ କୋଲାବ ନଗରବାସୀ

କୋରାପୁଟ, ୦୪/୧୦ (ଆ.ପ୍ର) : ନିକଟରେ ବିଶାଳ ଜଳଭଣ୍ଡାର ଥାଇ ମଧ୍ୟ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି କୋଲାବ ନଗରବାସୀ । 'ଦୀପ ତଳେ ଅନ୍ଧାର' ଭଳି ପରିସ୍ଥିତିରେ ଟୋପାଏ ପିଇବା ପାଣି ପାଇଁ ଲୋକଙ୍କୁ ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି । ପ୍ରାୟ ସପ୍ତାହେ ହେଲା ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରହିଥିବାରୁ ସମସ୍ୟା ଗମ୍ଭୀର ହୋଇଛି । କୋଲାବ ନଗରରେ ପ୍ରାୟ ୫ ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ନିୟମିତ ଜଳ ଯୋଗାଣ ବନ୍ଦ ହୋଇଯିବାରୁ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି । ଜଳ ସଂଗ୍ରହ ପାଇଁ ନଳକୂପ ନିକଟରେ ସକାଳୁ ଲୋକଙ୍କ ଲମ୍ବା ଧାଡ଼ି ଲାଗୁଛି । ତେବେ କେତେକ ନଳକୂପରୁ ମଧ୍ୟ ଆବଶ୍ୟକ ପରିମାଣର ପାଣି ମିଳୁନଥିବା ଅଭିଯୋଗ ହୋଇଛି । ଫଳରେ ମହିଳାମାନେ ଭୋରୁ ଉଠି ପାଣି ସଂଗ୍ରହ ପାଇଁ ଦୂରଦୂରାନ୍ତକୁ ଯାଉଥିବା କହିଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପାନୀୟ ଜଳ ଯୋଗାଣ ପାଇଁ ନିର୍ଭର କରାଯାଉଥିବା ପାଣି ମୋଟର ଖରାପ ହୋଇଯିବା ପରେ ଏହି ସମସ୍ୟା ଦେଖାଦେଇଛି । ଦୀର୍ଘଦିନ ଧରି ସମସ୍ୟା ରହିଥିଲେ ମଧ୍ୟ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରାଯାଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାମ କିଶୋର ବେହେରାଙ୍କ କହିବା ଅନୁସାରେ, ମୋଟର ଖରାପ ହୋଇଯାଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି । ସ୍ଥାନୀୟ ଭାବେ ଦକ୍ଷ କାରିଗର କିମ୍ବା ଇଲେକ୍ଟ୍ରିସିଆନ ନଥିବାରୁ ମୋଟରକୁ ଜୟପୁର ନେଇ ମରାମତି କରାଯିବ । ମରାମତି ପରେ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ, ଶୀଘ୍ର ମୋଟର ମରାମତି କରି ନିୟମିତ ପାନୀୟ ଜଳ ଯୋଗାଣ କରିବାକୁ ମହିଳା, ବରିଷ୍ଠ ନାଗରିକଙ୍କ ସମେତ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ତୁରନ୍ତ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ କରିବା ସହ କାର୍ଯ୍ୟାଳୟ ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି । ଜଳଭଣ୍ଡାର ନିକଟରେ ଥିବା ସତ୍ତ୍ୱେ ନଗରବାସୀଙ୍କୁ ପାଣି ପାଇଁ ଏଭଳି ସଂଘର୍ଷ କରିବାକୁ ପଡୁଥିବା ଘଟଣା ପ୍ରଶାସନର ତ୍ୱରିତ ପଦକ୍ଷେପ ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠାଇଛି ।

୫୦ ବର୍ଷରେ ପାଦ ଥାପିବ ନରୁଆ ଦୂର୍ଗା ପୂଜା

ତିର୍ତ୍ତୋଲ, ୦୪/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଂଚାୟତର ନରୁଆ ଛକ ଠାରେ ଚଳିତ ବର୍ଷ ୫୦ ବର୍ଷରେ ପାଦ ଥାପିବାକୁ ଯାଉଛି ଏହି ନରୁଆ ଛକ ଦୂର୍ଗା ଦେବୀ ମା'ଙ୍କ ପୂଜା । ଏହି ପୂଜାକୁ ଆରମ୍ଭ କରିଥିବା ବହୁ ଲୋକ ଏବେ ଆଉ ନାହାଁନ୍ତି, କିଏ ଆର ପାରିକୁ ଚାଲି ଗଲେଣି ତ ଆଉ କିଏ ଦୂର ଦୂରାନ୍ତରେ ରହୁଛନ୍ତି । କିନ୍ତୁ ପୂଜା କୁ ନୂଆ ଅଧ୍ୟାୟ ଭଳି ଆଖି ପାଖର ଗ୍ରାମ ବାସୀ ମାନଙ୍କ ସହଯୋଗ ରେ ବାନ୍ଧି ରଖିଛନ୍ତି ନୂତନ ଓ ସ୍ଥାନୀୟ ଯୁବ ଗୋଷ୍ଠି । କଥାରେ ଅଛି ଏହି ଠାରେ ଚଳନ୍ତି ପ୍ରତିମା ମାଦେବୀ ଦୂର୍ଗା ତାର ଭକ୍ତ ମାନଙ୍କ ଉପରେ ଏକ ଆଶୀର୍ବାଦ ଯୁଗ ଯୁଗରୁ ରହି ଆସିଛି । ସ୍ଥାନୀୟ ଅଂଚଳବାସୀଙ୍କ କହିବା କଥା ଏଠାରେ ଯିଏ ଯାହା ମାଗିଛି କେବେ ନିରାଶ ହୋଇନି କିମ୍ବା ଖାଲି ହାତରେ ଫେରିନି, ଦେବୀ ମା ଦୁର୍ଗା ଗତ କିଛି ବର୍ଷ ହେଲା ଏକ ମନ୍ଦିର ରେ ପୂଜା ପାଉଛନ୍ତି । ବର୍ଷ ତମାମ ଏହି ମନ୍ଦିର ରେ ଭକ୍ତ ମାନେ ଯୋଡ଼ିହୋଇ ରହିଥାନ୍ତି । ଏହି ନରୁଆ ଛକ ଦୂର୍ଗା ମା ଙ୍କ ମନ୍ଦିର ରେ ଜଗତ ଜନନୀ ଝଙ୍କଡ ବାସିନୀ ମା ଶାରଳାଙ୍କ ନୀତି କ୍ରାନ୍ତି ଅନୁଯାୟୀ ଷୋଳ ପୂଜା ଅନୁଷ୍ଠିତ ହୁଏ । ସେହିପରି ଚଳିତ ବର୍ଷ ମୃନ୍ମୟୀ ଦେବୀଙ୍କ ୫୦ ତମ ପୂଜା ଅନୁଷ୍ଠିତ ଅନୁଷ୍ଠିତ ହେଉ ଥିବାରୁ, ସୁସଜ୍ଜିତ ତୋରଣ, ଭଜନ ପରିବେଷଣ ଓ ଏହି ୫୦ ବର୍ଷ ଭିତରେ ଜଡ଼ିତ ଥିବା ସମସ୍ତ ଗୁରୁଜନ ମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କୁ ପୁଷ୍ପ ଗୁଚ୍ଛ ଦିଆଯିବା ସହିତ ଆହୁରି ଆଗକୁ କିଭଳି ପୂଜା ସରସ ସୁନ୍ଦର ହୋଇପାରିବ ସେହି ବାବଦରେ ଆଲୋଚନା କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ମନୋରଞ୍ଜନ ବାରିକ୍ ମତପ୍ରକାଶ କରିଛନ୍ତି ।

ସପ୍ତାଦିନାତ୍ମକ ଶ୍ରୀମଦ୍ଭାଗବତ ପାରାୟଣ ଜ୍ଞାନଯଜ୍ଞ ଉଦ୍ଯାପିତ



ପୁରୀ, ୦୪/୧୦ (ଆ.ପ୍ର) : ଶ୍ରୀକ୍ଷେତ୍ର ଭାଗବତ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ସପ୍ତାଦିନାତ୍ମକ ଶ୍ରୀମଦ୍ଭାଗବତ ପାରାୟଣର ଭକ୍ତିମୟ ପରିବେଶରେ ଉଦ୍ଯାପନ ହୋଇଯାଇଛି । ସାତଦିନ ଧରି ଚାଲିଥିବା ଏହି ପବିତ୍ର କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଭାଗବତ କଥା ଶ୍ରବଣ କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବରିଷ୍ଠ ସିଂହାରୀ ସେବକ ନୀଳାଦ୍ରି ମୋହନ ସିଂହାରୀ ମହାପ୍ରଭୁଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଉଦଯାପନୀ ସମାପନ କରିଥିଲେ । ଉଦ୍ଯାପନୀ ଦିବସରେ ପୂଜାର୍ଚ୍ଚନା, ଭାଗବତ ପାଠ, ହୋମଯଜ୍ଞ ଓ ନାମସଙ୍କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭକ୍ତମାନଙ୍କ ଦ୍ୱାରା ହରିନାମ ସଙ୍କୀର୍ତ୍ତନରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା । ଏହି ଅବସରରେ କଥା ବ୍ୟାସ ଶ୍ୟାମାନନ୍ଦ ଦାସଜୀ ମହାରାଜ ପ୍ରବଚନ ମାଧ୍ୟମରେ ଶ୍ରୋତାଙ୍କ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । କାର୍ଯ୍ୟକ୍ରମରେ ପୁରୀର ମଠାଧୀଶ, ମହାପ୍ରଭୁଙ୍କ ସେବକ, ସମାଜସେବୀଙ୍କ ସମେତ ଅନେକ ମାନ୍ୟ ଗଣ ବ୍ୟକ୍ତି ଅତିଥି ଭାବେ ଯୋଗଦାନ କରିଥିଲେ । ଅତିଥି ମାନେ କହିଥିଲେ ଯେ, ଭାଗବତ କେବଳ ଧାର୍ମିକ ଗ୍ରନ୍ଥ ନୁହେଁ, ଏହା ମାନବ ସମାଜକୁ ନୀତି, ଭକ୍ତି, ସଦାଚାର ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରେ । ଓଡ଼ିଆ ଭାଗବତର ପରମ୍ପରା ଓଡ଼ିଆ ସମାଜରେ ଦୀର୍ଘଦିନ ଧରି ଆଧ୍ୟାତ୍ମିକ ଓ ସାମାଜିକ ଏକତାର ମାଧ୍ୟମ ହୋଇଆସିଛି । ଉଦ୍ଯାପନୀ ଅବସରରେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ପ୍ରସାଦ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଟ୍ରଷ୍ଟ ର ସଦସ୍ୟ ଧନଞ୍ଜୟ ମହାନ୍ତି, ଅଭୟ ପାଢ଼ୀ, ରାକେଶ ବାରିକ,ବନମାଳୀ ପ୍ରଧାନ, ଶିବଶଙ୍କର ସାହୁ, ଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଆୟୋଜକ ଶ୍ରୀକ୍ଷେତ୍ର ଭାଗବତ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସିଂହାରୀ ସେବକ ସତ୍ୟନାରାୟଣ ସିଂହାରୀ, ସମ୍ପାଦକ ଅନିଲ କୁମାର ସ୍ୱାଇଁ, ସଦସ୍ୟ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସ୍ୱାସ୍ଥ୍ୟକର୍ମୀ ଜିତେନ୍ଦ୍ର ମଲ୍ଲିକଙ୍କ ଅକାଳ ବିୟୋଗରେ ଶୋକ

ଜଗତସିଂହପୁର, ୦୪/୧୦ (ଆ.ପ୍ର) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ଗତ କାଲି ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି । ଶ୍ରୀ ମଲ୍ଲିକ ଜଣେ କର୍ମ ନିଷ୍ଠ ବ୍ୟକ୍ତି ଥିଲେ । ତାଙ୍କର ସେବା ରେଢୁଆ ଅଂଚଳ ପାଇଁ ସ୍ମରଣୀୟ ହୋଇ ରହିବ । ସେ ଅତ୍ୟନ୍ତ ଧୈର୍ଯ୍ୟଶୀଳ ମିଷ୍ଟଭାଷୀ ମେଳାପି ପରୋପକାରୀ ବିରଳ ବ୍ୟକ୍ତି ଭାବେ ଜଣାଶୁଣା ବ୍ୟକ୍ତିତ୍ୱ । ଖୁବ୍ କମ୍ ବୟସରେ ତାଙ୍କର ମୃତ୍ୟୁ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଂଚଳ ବାସୀ ପାଇଁ ମର୍ମନ୍ତୁଦ ଘଟଣା । ତାଙ୍କର ମର ଶରୀର ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚିବା ପରେ ସମସ୍ତ ଡ଼ାକ୍ତର ସୁକୁମାର ଦାଶ, ଡ଼ା ନୀତିଶ କୁମାର ସ୍ୱାଇଁ ଡ଼ା ସୁମିତ୍ ସେନାପତି ଡ଼ା ଅସଫାର ପରଭେଜ୍ ପରଭେଜ୍ ଡ଼ା ଅବଦୁଲ ତସିଙ୍କ ଫାର୍ମାସିଷ୍ଟ ଅମିତ୍ କୁମାର ମୁର୍ମୁ କର୍ମଚାରୀ ପ୍ରଶାନ୍ତ ନାୟକ, ଅର୍ଦ୍ଦିକଙ୍କ ସହ ଅନ୍ୟ କର୍ମଚାରିମାନେ ଅଂଚଳର ବିଶିଷ୍ଟ ବ୍ୟକ୍ତିଗଣ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗୋବିନ୍ଦ ଓଝା, ସୁବାସ ବାରିକ, ପୂର୍ବତନ ସରପଂଚ ସୁନୀଲ କୁମାର ଜେନା, ତପନ କୁମାର ମଲ୍ଲିକ, ସରପଂଚ କିଶୋର ଚନ୍ଦ୍ର ବେହେରା, ପୂର୍ବତନ ସମିତସଭ୍ୟ ସ୍ନେହାଂଶୁ ଜେନା, ଜିଲ୍ଲା ସାମ୍ବାଦିକ ରମେଶ ଚନ୍ଦ୍ର ରାଉତ, ସାମ୍ବାଦିକ ଉମାକାନ୍ତ ଦାସ, ଉଲ୍ଲାସ ଗୋଛାୟତ, ଶରତ ଚନ୍ଦ୍ର ଓଝା, ଶରତ ବାରିକ, ବିଜୟ କୁମାର ସ୍ୱାଇଁ, ପୂର୍ବତନ ସରପଂଚ ବିଜନ କୁମାର ମହାପାତ୍ର, ସ୍ୱାସ୍ଥ୍ୟ କର୍ମୀ ରମେଶ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକବ୍ୟକ୍ତ କରିଛନ୍ତି । ଈଶ୍ୱର ତାଙ୍କ ପରିବାରକୁ ଏଭଳି ଦୁଃଖଦ ସମୟରେ ଧୈର୍ଯ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି ।

ଗଜପତି ଜିଲ୍ଲା ରାଜ୍ୟ ବିଦ୍ୟାଳୟସ୍ତରୀୟ ବକ୍ସିଂ ଚମ୍ପିୟାନ

ପାରଳାଖେମୁଣ୍ଡି, ୦୪/୧୦ (ଆ.ପ୍ର) : ବ୍ରହ୍ମପୁରର ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ହୋଇଥିବା ରାଜ୍ୟ ବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଗଜପତି ଜିଲ୍ଲା ଚମ୍ପିୟାନ ହୋଇଛି । ୧୪ ବର୍ଷରୁ କମ୍ ଏହି ପ୍ରତିଯୋଗୀତାରେ ପାରଳାଖେମୁଣ୍ଡିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦିବ୍ୟା ବେଣିଆ (୪୮କିଲୋ), ପିଏମଶ୍ରୀ ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟର ଆଉରୋହିତ (୪୬କିଲୋ), ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁରର ସାଗର ମଣ୍ଡଳ (୫୦କିଲୋ), ଏସକେସିଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁରାଣ୍ଡିର ଚନ୍ଦନ ଗୟା (୫୪କିଲୋ) ଓ ଜଗନ ବେଣିଆ (୫୭କିଲୋ), ପିଏମଶ୍ରୀ ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟର ଗଗନ ବେଣିଆ (୭୫ କିଲୋ) ବିଜୟ ହାସଲ କରିଛନ୍ତି । ଏହି ବିରଳ କୃତିତ୍ୱ ପାଇଁ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ , ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ , ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କ୍ରୀଡା ଦାୟିତ୍ୱରେ ଥିବା ସୁରେନ୍ଦ୍ର ପାତ୍ର ଶୁଭେଚ୍ଛା ଜଣାଇଛନ୍ତି । ଏହାସହ ସେମାନଙ୍କର ଏହି କୃତିତ୍ୱ ପାଇଁ ତାଲିମଦାତା ରାମକୃଷ୍ଣ ବେଣିଆ ଓ ମ୍ୟାନେଜର ଦିଲ୍ଲେଶ୍ୱର ଟୁନାଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । ଏହିଭଳି ଉଦ୍ୟମ ଜାରି ରଖି ଆଗକୁ ଆହୁରି ଅଧିକ ଗୌରବ ପ୍ରତିଷ୍ଠା ଲାଭ କରିବାକୁ ପରାମର୍ଶ ଦେଇଛନ୍ତି ।

ବାଇକ୍ ଦୁର୍ଘଟଣା: ଯୁବକ ଗୁରୁତର

ଦଶପଲ୍ଲା, ୦୪/୧୦ (ଆ.ପ୍ର) : ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ରଙ୍ଗମାଟିଆ ସଂନିକଟରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଯୁବକଜଣକ ପଂଚାୟତ ଦୁଦ୍ରୀବିଲ ଗ୍ରାମର ହେଲେ ସରିଗଣ୍ଡା ସାଳିଆଗୋଛା ନିକଟସ୍ଥ ପ୍ରକାଶ ମଳିକ (୨୨) ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ପ୍ରକାଶ ଟାକେରାରୁ ନିଜ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରଙ୍ଗମାଟିଆ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଏନ୍ ଏଚ୍ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି ।

ଦୁର୍ଦ୍ଧାନ୍ତକୁ ତଂଟି କାଟି ହତ୍ୟା, ଅଭିଯୁକ୍ତ ଗିରଫ

କୁକୁଡ଼ାଖଣ୍ଡି, ୦୪/୧୦ (ଆ.ପ୍ର) : ପାର୍ବଣ ଆରମ୍ଭ ହେଉ ହେଉ ରକ୍ତରଞ୍ଜିତ ହୋଇଛି ନିମଖଣ୍ଡି ଥାନା ଅଂଚଳ । ସାମାନ୍ୟ ପାଟିତୁଣ୍ଡକୁ କେନ୍ଦ୍ର କରି ଜଣେ ଦୁର୍ଦ୍ଧାନ୍ତକୁ ତଂଟି କାଟି ହତ୍ୟା କରିଛି ତାର ସାଙ୍ଗ । ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟ ନିକଟରେ ଘଟିଥିବା ଏହି ହତ୍ୟାକାଣ୍ଡରେ ଟୁନା ନାୟକ ନାମକ ଜଣେ ଯୁବକର ମୃତ୍ୟୁ ଘଟିଛି । ଏହି ଘଟଣାରେ ପୁଲିସ ତାର ସାଙ୍ଗ ରାଘବ ସାହୁ ଅରଫ ବିଟୁଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ ଶନିବାର ବିଳମ୍ବିତ ରାତିରେ ଟୁନା, ବିଟୁଙ୍କ ସମେତ ୪ ଜଣ ଯୁବକ ଏକତ୍ରିତ ହୋଇ ମଦ୍ୟପାନ କରୁଥିଲେ । କିନ୍ତୁ କୌଣସି କାରଣକୁ ନେଇ ଟୁନା ଓ ବିଟୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଟୁନା ପ୍ରଥମେ ବିଟୁଙ୍କୁ ଚାପୁଡ଼ା ମାରିଥିଲା, ପରେ ବିଟୁ ଉତ୍ୟକ୍ତ ହୋଇ ନିଜ ସ୍କୁଟିରେ ରଖିଥିବା ଛୁରୀରେ ଟୁନାଙ୍କ ବେକକୁ ଆକ୍ରମଣ କରିଥିବା ପୁଲିସର ତଦନ୍ତରୁ ଜଣାପଡ଼ିଛି । ରକ୍ତାକ୍ତ ଅବସ୍ଥାରେ ଟୁନା ନିଜ ସମ୍ପର୍କୀୟଙ୍କ ଘରେ ପହଂଚି କବାଟ ବାଡେଇଥିଲେ ମଧ୍ୟ କେହି ଖୋଲିନଥିଲେ । ପରେ ତାର ପରିବାର ଲୋକେ ଆସି ଟୁନାକୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇଥିଲେ କିନ୍ତୁ ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଅନ୍ୟପଟେ ପାର୍ବଣ ପାଇଁ ଚାଲିଥିବା ସହରରେ ନାକା ଯାଂଚ ବେଳେ ପୁଲିସ ବିଟୁଙ୍କୁ କାବୁକରିଥିଲା । ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଘଟଣାସ୍ଥଳରେ ପହଂଚି ହତ୍ୟାରେ ବ୍ୟବହୃତ ଦୁଇଟି ଛୁରୀ ଜବତ କରିଛି ପୁଲିସ । ମୃତ ଟୁନାଙ୍କ ନାମରେ ନିମଖଣ୍ଡି ଥାନାରେ ୨ଟି ଓ ସଦର ଥାନାରେ ୬ଟି ସହ ମୋଟ ୮ଟି ଅପରାଧିକ ମାମଲା ରହିଥିବା ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକାର ସୂଚନା ଦେଇଥିବା ବେଳେ ଏସପି ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଘଟଣାକୁ ନେଇ ନିମଖଣ୍ଡି ପୁଲିସର ଅଧିକ ତଦନ୍ତ ଜାରି ରହିଛି ।

ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

କୁକୁଡ଼ାଖଣ୍ଡି, ୦୪/୧୦ (ଆ.ପ୍ର) : ସଦର ଥାନା ଅନ୍ତର୍ଗତ ପଦରବାଲି ଠାରେ ଏକ ସେଲୁନ୍‌ରେ ପଶି ଯୁବକଙ୍କୁ ଆକ୍ରମଣ କରିବା ସହ ବୋମା ପିଙ୍ଗି ହତ୍ୟା କରିବାକୁ ଧମକ ଦେବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଲେ ହିଂଜିଳିକାଟୁ ନୂଆଁଗଡ଼ ବଡ଼ସାହିର ଅଲେଖ ଗୌଡ଼ (୨୨) । ଗିରଫ ପରେ ତାଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ପଦରବାଲି ଗ୍ରାମର ରୂପେଶ ବେହେରା (୧୯) ଗତ ୨୪ ତାରିଖ ଦିନ ପ୍ରାୟ ୧ଟା ସମୟରେ ସ୍ଥାନୀୟ ଲକି ସେଲୁନ୍‌ରେ କାମ କରୁଥିଲେ । ଏହି ସମୟରେ ପୂର୍ବ ଝଗଡ଼ାକୁ ନେଇ ଅଲେଖ ଗୌଡ଼ଙ୍କ ସମେତ କିଛି ଯୁବକ ହଠାତ୍ ସେଲୁନ୍‌ରେ ପଶି ରୂପେଶଙ୍କୁ ମୁଥ ଓ ଚାପୁଡ଼ା ମାରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସେଲୁନ୍‌ର ସୁଶାନ୍ତ ଡାକୁଆ ଓ ସନାତନ ଡାକୁଆ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ବୋମା ପିଙ୍ଗି ସେଠାରେ ଥିବା ଲୋକଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ରୂପେଶ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ସଦର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଲେଖ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ଭୂମିକା ନେଇ ପୁଲିସ ତଦନ୍ତ ଜାରି ରଖିଥିବା ନେଇ ଥାନା ଅଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି ।

ସେବାସଂକଳ୍ପ ଅଭିଯାନ ୨୦୨୬ ଅବସରରେ ୧୩୨ ୟୁନିଟ ରକ୍ତ ସଂଗ୍ରହ

କଲା ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ସାନବଜାର ମଣ୍ଡଳ ଯୁବମୋର୍ଚ୍ଚା

ବ୍ରହ୍ମପୁର, ୦୪/୧୦ (ଆ.ପ୍ର) : ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସୁଶାସନ ଓ ନିରନ୍ତର ଭାବେ ଦେଶ ସେବା କରିବା ସହ ଭାରତ ବର୍ଷକୁ ଯଶସ୍ୱୀ କରିବାର ସ୍ୱପ୍ନକୁ ନେଇ ଭାରତୀୟ ଜନତା ପାର୍ଟି ଦ୍ୱାରା ପାଳିତ ହେଉଥିବା 'ସେବା ସଂକଳ୍ପ ଅଭିଯାନ' ଅବସରରେ ଆଜି ସେବା ଭାରତୀ ଓ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ସାନ ବଜାର ମଣ୍ଡଳ ଯୁବମୋର୍ଚ୍ଚା ପକ୍ଷରୁ ଏକ 'ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର' ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଅମର ସାହୁଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସିଟି ହାଇସ୍କୁଲ ରୋଡ଼ ସ୍ଥିତ ରୋଟାରି କ୍ଲବ ଠାରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଏହି ଶିବିରର ଉଦଘାଟନ କରିଥିଲେ । ମାନବ ସେବା ହିଁ ମାଧବ ସେବା । ସମାଜ କଲ୍ୟାଣ ତଥା ରକ୍ତଦାନ ପରି ମହତ କାର୍ଯ୍ୟରେ ସାମିଲ ହୋଇଥିବା ସମସ୍ତ ଯୁବ ସାଥୀ ଓ ସ୍ୱେଚ୍ଛାସେବୀଙ୍କ ଉତ୍ସାହ ପ୍ରଶଂସନୀୟ । ସେବା, ସମର୍ପଣ ଓ ମାନବିକତାର ଏହି ମହତ୍ୱପୂର୍ଣ୍ଣ ପ୍ରୟାସ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ସମାଜ ପ୍ରତି ଥିବା କର୍ତ୍ତବ୍ୟବୋଧ ଓ ଜନସେବା ପ୍ରତିବଦ୍ଧତାର ପ୍ରତିଫଳନ । ଏହି ମହତ ପ୍ରୟାସକୁ ସଫଳ କରିବା ପାଇଁ ସହଯୋଗ ଦେଇଥିବା ରକ୍ତଦାତା, ଚିକିତ୍ସକ ଏବଂ ପରିଶେଷରେ ଆୟୋଜକ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଏହି ଶିବିରରେ ମୋଟ ୧୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୩୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ଛତ୍ରପୁର ମାନ୍ୟବର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବରିଷ୍ଠ ନେତା ସୁନିଲ କୁମାର ସାହୁ, ବିଜେପି ନେତା ତଥା ବରିଷ୍ଠ ଆଇନଜୀବି ଅଜିତ ସାହୁ,ପ୍ରାକ୍ତନ ପ୍ରଧାପକ କେ.ଶେଷଗିରି ରାଓ,ବରିଷ୍ଠ ଅଧିବକ୍ତା ନାରାୟଣ ପଣ୍ଡା, ରୋଟେରିଅନ୍ ଅଜିତ ରାବ୍ଲୁ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ତୁତୁନ୍ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବି.ସମୋନଥ ପାତ୍ର,ଜିଲ୍ଲା ବିଜେପି ଉପସଭାପତି ପ୍ରବୀର ପାତ୍ର,ପ୍ରଭାତ କିରଣ ଷଡ଼ଙ୍ଗୀ,ଜିଲ୍ଲା ସମ୍ପାଦକ ଶିବଶଙ୍କର ନାୟକ,ସଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା,ପୂର୍ବତନ ମଣ୍ଡଳ ବିଜେପି ସଭାପତି ସରୋଜ ପାତ୍ର,ଏସ୍ ଶ୍ରୀନିବାସ,ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଏସ୍ ରାଣୀ,ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ବି. ରବି ରାଓ,ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଗୋପୀନାଥ ମହାରଣା,କୃଷ୍ଣଚନ୍ଦ୍ର ପୋଲାଇ,ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ସୁମନ ରାଉତ, ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତି ପଟ୍ଟନାୟକ, ଶୀତଲ ଜେନା, ସିଡିଡି ବିକ୍ରମ, ରାହୁଲ ସାହୁ, ଜଗନ ମହାପାତ୍ର, ସୁନୀଲ ଦୋରା, କମଲ ପାତ୍ର, ଆକାଶ ଗୌଡ଼, ମନୋଜ ପାଣିଗ୍ରାହୀ, ଆଶୁତୋଷ ଗୌଡ଼, ଲୋକନାଥ ସାହୁ,ଅର୍ଜୁନ ଦାସ, ତୁଷାର ସାମଲ,ତୋଫାନ ସେଠୀ, ଅଜୟ ଦାସ, ଶୁଭମ ବିଶୋୟୀ, ବିନୁ ଡାକୁଆ, ଗଜେନ୍ଦ୍ର ଚୌଧୁରୀ, ସନ୍ତୋଷ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ ପ୍ରମୁଖଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଡିଜାବଲ ରିଲିଫ ଅର୍ଗାନାଇଜେସନର ପ୍ରତିଷ୍ଠା ଦିବସ

ଦଶପଲ୍ଲା, ୦୪/୧୦ (ଆ.ପ୍ର) : ଦଶପଲ୍ଲାରେ ଡିଜାବଲ ରିଲିଫ ଅର୍ଗାନାଇଜେସନର ପ୍ରତିଷ୍ଠା ଦିବସ ଡା. ପ୍ରଫୁଲ୍ଲ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଅନୁଷ୍ଠାନ ପାଇଁ ଜମି ଓ ଗୃହ ଯୋଗାଇଦେବା ସହ ପ୍ରତିବର୍ଷ ନିଜସ୍ୱ ଖର୍ଚ୍ଚରେ ଦୁଇଟି ବ୍ୟାଟେରି ସ୍କୁଟି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।ମୁଖ୍ୟବକ୍ତା ଅଧ୍ୟାପିକା ସୁକୃତି ମହାପାତ୍ର କହିଥିଲେ ଯେ, ଭିନ୍ନକ୍ଷମ ବ୍ୟକ୍ତିମାନେ ଆଜି ଶିକ୍ଷା, ନୃତ୍ୟ, ସଙ୍ଗୀତ ଓ କ୍ରୀଡ଼ା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରୁଛନ୍ତି । ଶାରୀରିକ ପ୍ରତିବନ୍ଧକତା ସତ୍ତ୍ୱେ ନିଜର ଅନ୍ୟ କ୍ଷମତାକୁ ଉପଯୋଗ କରି ସେମାନେ ସମାଜ ପାଇଁ ପ୍ରେରଣା ପାଲଟିଛନ୍ତି ।ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରତିଷ୍ଠା ଦିବସ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଶିକ୍ଷାବିତ ବିଷ୍ଣୁ ନାରାୟଣ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ତମ ସେବା ପାଇଁ ମମିତା ଗୋଛାୟତ, କୁନି ମଞ୍ଜରୀ ଭଞ୍ଜ, ସରୋଜିନୀ ପରିଡ଼ା, ଅନିରୁଦ୍ଧ ମୁଦୁଲି, ରବୀନ୍ଦ୍ର ମହାରଣା ଓ ଜିତେନ୍ଦ୍ର ସ୍ୱାଇଁଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।ସଭାରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀଙ୍କ ସମେତ ବହୁ ଶିକ୍ଷାବିତ ଉପସ୍ଥିତ ଥିଲେ । ଉପସଭାପତି ସୁମନ୍ତ ସାଥୁଆ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ୨୪ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ଶ୍ରବଣ ଯନ୍ତ୍ର, ଧଳା ବାଡ଼ି ଆଦି ସହାୟକ ଉପକରଣ ବଂଟନ କରାଯାଇଥିଲା ।

ଖଣ୍ଡପଡ଼ାରେ ଶ୍ରୀ ହନୁମାନ କାଠି ଦିଅ ପୂଜା ପାଳିତ

ଖଣ୍ଡପଡ଼ା, ୦୪/୧୦ (ଆ.ପ୍ର) : ଗଡ଼ଜାତ ଖଣ୍ଡପଡ଼ାରେ ଶ୍ରୀ ହନୁମାନ କାଠି ଦିଅଁଙ୍କ ପୂଜା ପର୍ବ ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଅଂଚଳରେ ଏକ ନିଆରା ପର୍ବ ଭାବେ ପାଳିତ ଏହି ପରମ୍ପରା ଗତ ୩୦୦ ବର୍ଷ ଧରି ରାଜରାଜୁଡ଼ା ଅମଳରୁ ପ୍ରଚଳିତ ହୋଇ ଆସୁଥିବା ଜଣାପଡିଛି । ଏ ଅବସରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉଜାଗର ରହି ହନୁମାନ କାଠି ଦିଅଁଙ୍କୁ ଦର୍ଶନ କରିବା ସହ ପରିବାରର ମଙ୍ଗଳ ମନାସି ପୂଜାର୍ଚ୍ଚନା କରିଥିଲେ । ପରମ୍ପରା ଅନୁସାରେ ଦ୍ୱିତୀୟା ଓଷା ତିଥିରେ ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ପୂଜା ପାଉଥିବା କାଠି ଦିଅଁଙ୍କୁ ସ୍ଥାନୀୟ ଗଡ଼ ଭିତରସାହିର ସେବାସୀମାନେ ନିକଟସ୍ଥ ଖଳିସାହି ପ୍ରଭୁ ତୋଟା ହନୁମାନଙ୍କ ପୀଠକୁ ସଂନ୍ଧ୍ୟା ସମୟରେ ନେବା ପରେ ସେଠାରେ ଷୋଡ଼ଶ ଉପଚାରରେ ଶ୍ରୀହନୁମାନ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବିଗ୍ରହଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତି ହେବା ପରେ ସେବାସୀମାନେ ମନ୍ଦିର ପରିସରରୁ ଏକ ବିରାଟ ପାଟ ପାଟ୍‌ଆରରେ କାଠି ଦିଅଁଙ୍କୁ ଧରି ଖଳିସାହି, ଭଣ୍ଡାପୁର ଓ ବରଡାବାରୀ ଗ୍ରାମ ଦେଇ ଖଣ୍ଡପଡ଼ା ସହରର ଜେଲଖାନା ଛକରେ ପହଂଚିବା ପରେ ସହର ପରିକ୍ରମା କରି ପ୍ରତ୍ୟେକ ସାମନ୍ତ ପରିବାରଙ୍କ ଦ୍ୱାରରେ ଭୋଗ ଲାଗି ହୋଇଥାନ୍ତି । ପରେ ଖଣ୍ଡପଡ଼ା ରାଜବାଟୀ ପରିସରରେ କାଠି ଦିଅଁ ପହଂଚିବା ପରେ ରାଜ ପରିବାରର ସଦସ୍ୟମାନେ କାଠି ଦିଅଁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥାନ୍ତି । ପର୍ବ ଘରେ ହନୁମାନ କାଠି ଦିଅଁ ଓ ମା' ବାଉରୀ ଠାକୁରାଣୀ ପବିତ୍ର ଦଶହରା ପର୍ଯ୍ୟନ୍ତ ଅବସ୍ଥାନ କରି ପୂଜା ପାଇଥାନ୍ତି । ଏହି ଠାରୁ ଷୋଳ ପୂଜା ଆରମ୍ଭ ହୋଇଥାଏ । ଦଶହରା ପର୍ବରେ ମା' ବାଉରୀ ଠାକୁରାଣୀଙ୍କୁ ପୂଜାସ୍ଥଳୀକୁ ବିଜେ କରା ଯାଇଥାଏ । ସେହିଦିନ ପର୍ବ ଘରେ ବଳି ପଡ଼ିବା ପରମ୍ପରା ପ୍ରଚଳିତ ହୋଇ ଆସୁଛି । ତେବେ ହନୁମାନ କାଠି ପର୍ବର ପରମ୍ପରା ସମ୍ପର୍କରେ ପ୍ରବୀଣ ଲୋକମାନଙ୍କ ଠାରୁ ଶୁଣିବାକୁ ମିଳେ, ଏକଦା ପର୍ବ ମାସରେ କୋଟେଇଶୁଣୀ ବୋଲି ଜଣେ ଦୁଷ୍ଟ ଠାକୁରାଣୀ ଗ୍ରାମ ପରିକ୍ରମା କରି ଛୋଟ ଛୋଟ ପିଲାମାନଙ୍କୁ ମାରି ଦେଉଥିଲା । ଏଭଳି ଅନେକ ପିଲା ମରିଯିବା ପରେ ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିଲା, ଯେ ପର୍ବ ମାସର ପ୍ରାରମ୍ଭରେ ହନୁମାନ କାଠି ଦିଅଁ ଗ୍ରାମରେ ବିଜେ ହେଲେ ଦୁଷ୍ଟ ଠାକୁରାଣୀ କୋଟେଇଶୁଣୀ ଆଉ ତା'ର ଦୌରାତ୍ମ୍ୟ ଦେଖାଇପାରିବ ନାହିଁ, ଫଳରେ ଛୋଟ ପିଲାମାନେ ଆଉ ମରିବେ ନାହିଁ ବୋଲି । ଏହି ସ୍ୱପ୍ନାଦେଶକୁ ଆଧାର କରି ଖଣ୍ଡପଡ଼ାର ତତ୍କାଳୀନ ରାଜା ସେହିଦିନ ଠାରୁ ହନୁମାନ କାଠି ଦିଅଁଙ୍କୁ ଗ୍ରାମକୁ ବିଜେ କରିବାର ପରମ୍ପରା ପାଳନ ହୋଇ ଆସୁଛି । ହନୁମାନ କାଠି ଦିଅଁ ଗ୍ରାମ ପରିକ୍ରମା କରିବା ପର ଠାରୁ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀଙ୍କ ଦୌରାତ୍ମ୍ୟ ଶେଷ ହେବା ସହ ଗ୍ରାମରେ ଶାନ୍ତି ଫେରିଥିଲା । ସେହିଦିନ ଠାରୁ ଖଳିସାହିସ୍ଥିତ ପ୍ରଭୁ ତୋଟା ହନୁମାନ ବିଗ୍ରହଙ୍କ ପାଦ ତଳେ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀ ଏକ ଲୁହା ଶିକୁଳିରେ ବନ୍ଧା ହୋଇ ପଡିଥିବା ଦୃଶ୍ୟ ନଜରକୁ ଆସୁଛି । ହନୁମାନ କାଠି ଦିଅଁଙ୍କ ବିଜେ ପରମ୍ପରା ସହ ଖଳିସାହି ତୋଟା ହନୁମାନଙ୍କ ମନ୍ଦିର ଓ ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବଘରର ନୀତିକାନ୍ତି ରାଜରାଜୁଡା ଅମଳରୁ ପ୍ରଚଳିତ ହୋଇ ଆସୁଛି ।

ବିକଶିତ ଓ ଦାଦନମୁକ୍ତ କନ୍ଧମାଳ ପାଇଁ ସାରଙ୍ଗଡରେ ବ୍ଲକସ୍ତରୀୟ ବୈଠକ

ଟିକାବାଲି, ୦୪/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାକୁ ଦାଦନମୁକ୍ତ କରିବା ସହ ସ୍ଥାନୀୟ ଅଂଚଳରେ ରୋଜଗାର ଓ ଜୀବିକାର ସୁଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ ସାରଙ୍ଗଡ଼ ବ୍ଲକ ସମାଜ ସଭା ଗୃହ ପରିସରରେ ଏକ ବ୍ଲକସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ସୋସିଆଲ ୱର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ସ୍ୱାକ) ପକ୍ଷରୁ ଆୟୋଜିତ ଏହି ବୈଠକରେ ଦାଦନ ସମସ୍ୟାର କାରଣ, ପ୍ରଭାବ ଓ ଏହାର ଦୀର୍ଘମିଆଦି ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ୱାକ ସଭାପତି ଆମନ ଚନ୍ଦ୍ର ନାୟକ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ସଦସ୍ୟ-ସମ୍ପାଦକ ହୃଷୀକେଶ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ବୈଠକରେ ସ୍ଥାନୀୟ ଅଂଚଳରେ ନିରନ୍ତର ରୋଜଗାର ସୃଷ୍ଟି, ଯୁବପିଢ଼ିଙ୍କୁ ଆତ୍ମନିଯୁକ୍ତି ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ତାଲିମ, ପ୍ରୋତ୍ସାହନ ଏବଂ ବଜାର ସୁଯୋଗ ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଅଂଚଳରେ ଅଧିକ ରୋଜଗାର ସୃଷ୍ଟି କରିବା ସହ ଯେଉଁ କାର୍ଯ୍ୟଗୁଡ଼ିକ ଯାନ୍ତ୍ରିକ ମାଧ୍ୟମରେ କରାଯାଉଛି, ସେଥିରେ ସମ୍ଭବ ସ୍ଥଳେ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରି କାମର ସୁଯୋଗ ସୃଷ୍ଟି କରିବା ନେଇ ମତ ପ୍ରକାଶ ପାଇଥିଲା । ବାହାର ରାଜ୍ୟକୁ କାମ ପାଇଁ ଯାଇଥିବା ଶ୍ରମିକମାନଙ୍କ ନିମନ୍ତେ ସରକାରୀସ୍ତରରେ ଉଚିତ ପଦକ୍ଷେପ ନେବା ସହ ସ୍ଥାନୀୟ ଅଂଚଳରେ ଉପଲବ୍ଧ ରୋଜଗାର ଓ ଜୀବିକା ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ହୋଇଥିଲା । ସ୍ଥାନୀୟ ସମ୍ବଳର ସଠିକ୍ ବ୍ୟବହାର, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି, କ୍ଷୁଦ୍ର ଓ ଗୃହଭିତ୍ତିକ ଉଦ୍ୟୋଗ ସ୍ଥାପନ ଏବଂ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସାରଙ୍ଗଡ ସରପଂଚ ବରୁଣ କହଁରଙ୍କ ସମେତ ରାଜୀବ ପ୍ରଧାନ, ଯୁବରାଜ ମଲ୍ଲିକ, ଅରୁଣ କୁମାର ନାୟକ, ଗଜେନ୍ଦ୍ର ପ୍ରଧାନ, ବିଜୟ ଚନ୍ଦ୍ର ପ୍ରଧାନ, ତ୍ରିନାଥ ପ୍ରଧାନଙ୍କ ସମେତ ବିଭିନ୍ନ ପଂଚାୟତର ସାମାଜିକ କର୍ମୀ, ସମାଜସେବୀ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଯୋଗଦେଇଥିଲେ । ସ୍ୱାକ ସଦସ୍ୟା ସସ୍ମିତା ମଲ୍ଲିକ ଓ ମୀନାକ୍ଷୀ ପ୍ରଧାନ, ସଦସ୍ୟ ବିବେକାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଓ ପରମାନନ୍ଦ ପ୍ରଧାନ ବୈଠକ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସ୍ୱାକ ସଦସ୍ୟ ସନ୍ତୋଷ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ହଷ୍ଟେଲରେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଦଶପଲ୍ଲା, ୦୪/୧୦ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରା ହାଇସ୍କୁଲ ହଷ୍ଟେଲରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଖବର ମିଳିଛି । ମୃତ ଛାତ୍ରଜଣକ ହେଲେ ଦୁମାଣ୍ଡି ପଂଚାୟତ ବୋଇପାଳୁ ଗ୍ରାମର କୁମର ମଳିକଙ୍କ ୧୫ ବର୍ଷୀୟ ପୁଅ ଚନ୍ଦନ ମଳିକ । ସେ ଉକ୍ତ ସ୍କୁଲ ହଷ୍ଟେଲରେ ରହି ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ଛାତ୍ରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳ ତଥା ପରିବାରରେ ଗଭୀର ଶୋକର ଛାୟା ଖେଳି ଯାଇଛି । ତେବେ ଏହି ଘଟଣାକୁ ନେଇ ପରିବାର ଲୋକେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି । ହଷ୍ଟେଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଦେଖାରଖାରେ ଚରମ ଅବହେଳା କରାଯାଉଥିବା ଯୋଗୁଁ ଚନ୍ଦନଙ୍କ ଅକାଳ ବିୟୋଗ ଘଟିଥିବା ପରିବାର ପକ୍ଷରୁ ଦାବି କରାଯାଇଛି । ହଷ୍ଟେଲ କର୍ତ୍ତୃପକ୍ଷଙ୍କ କହିବାନୁସାରେ ଖେଳୁଥିବା ସମୟରେ ପଡିଯାଇଥିଲା । ପରେ ଏଭଳି ଘଟଣା ଘଟିଥିଲା । ଅନ୍ୟପକ୍ଷରେ, ଘଟଣାର ଖବର ପାଇ ଦଶପଲ୍ଲା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ, ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଥା ପୋଲିସର ନିରପେକ୍ଷ ତଦନ୍ତ ପରେ ହିଁ ମୃତ୍ୟୁ ପଛର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି ।

ଗଜାନନ କମିଟି ତରଫରୁ ରକ୍ତଦାନ ଶିବିର ଓ ସାଂସ୍କୃତିକ ମହୋତ୍ସବ ଉଦଘାଟିତ

ଭଦ୍ରକ, ୦୪/୧୦ (ଆ.ପ୍ର) : ରକ୍ତଦାନ ହେଉଛି ମାନବ ସମାଜ ପ୍ରତି ସର୍ବଶ୍ରେଷ୍ଠ ଅବଦାନ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ମଣିଷର ରକ୍ତର ରଙ୍ଗ ଲାଲ୍ । ତେଣୁ ରକ୍ତଦାନ ମାଧ୍ୟମରେ ଆମେ ଭାତୃଭାବ ଓ ଏକତାର ବାର୍ତ୍ତା ବାଂଟି ପାରିବା । ରକ୍ତଦାନ କେବଳ ଗ୍ରହୀତା ପାଇଁ ନୁହେଁ, ଦାତାଙ୍କ ପାଇଁ ମଧ୍ୟ ଲାଭଦାୟକ ବୋଲି ମୁଖ୍ୟ ଅତିଥି ଭାବେ ଏସ୍‌ପି ମନୋଜ ରାଉତ ଯୋଗଦେଇ କହିଛନ୍ତି । ଏହା ଶରୀରରେ ନୂତନ ରକ୍ତକଣିକା ସୃଷ୍ଟି କରିବାରେ ସାହାଯ୍ୟ କରେ । ନିୟମିତ ରକ୍ତଦାନ କଲେ ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗର ଆଶଙ୍କା କମିଥାଏ ବୋଲି ଅତିଥି ମାନେ କହିଥିଲେ ସାମ୍ବାଦିକ ତଥା ଗଜାନନ କମିଟି ର ମାର୍ଗ ଦର୍ଶକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି । ସମାଜସେବୀ ତଥା ବିଧାୟକଙ୍କ ପ୍ରତିନିଧି ଶେଖର ମହାପାତ୍ର ଉତ୍ସବକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସମ୍ମାନୀତ ଅତିଥି ଭାବେ ଅଧିବକ୍ତା ସୁରଜିତ ପାଲ, ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ବୁଢା ଗଣେଶ ମୁଖ୍ୟ ବିଦ୍ୟାଧର ସାହୁ, ଯାଦବ ନେତା ହରେକୃଷ୍ଣ ପଲେଇ, ସାମ୍ବାଦିକ ସୁଭାଶିଷ ଦ୍ୱିବେଦୀ, କବି ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ । ଶକ୍ତି ସ୍ୱରୂପ ମହିଳା ସଂଗଠନର ସଭାପତି ଶଶିକଳା ମିଶ୍ର ସଙ୍ଗୀତ ଗାନ କରିଥିଲେ । ଉପସଭାପତି ଅନିତା ରାୟ, ସଦସ୍ୟା ସୀମା ରାଉତ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ କରିଥିଲେ । କମିଟିର ସଭାପତି ସନିଆ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶିବା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେଶ ନାୟକ, ବଂଟି ନାୟକ, କାଳନ୍ଦୀ ନାୟକ ପ୍ରମୁଖ ସଭା ପରିଚାଳନା କରିଥିଲେ ।

ଚୌଦ୍ୱାର ପୌରପାଳିକାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର, ୦୪/୧୦ (ଆ.ପ୍ର) : ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସ୍ଥାନୀୟ ୯ ନମ୍ବର ୱାର୍ଡ଼ରେ ଅନୁଷ୍ଠିତ ହୋଇଯାଇଛି । ଏହି ୱାର୍ଡ଼ରେ ଥିବା ଶଙ୍ଖାରୀ ପୋଖରୀ ଏବଂ ଏହାର ଆଖପାଖ ଅଂଚଳରେ ସାମୂହିକ ସଫେଇ ଅଭିଯାନ କରାଯାଇଥିଲା । ସ୍ୱଚ୍ଛତାରେ ସହଭାଗ, ସ୍ୱଚ୍ଛ ଭାରତ ବିକଶିତ ଭାରତକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଖରୀର ସଫେଇ ସହିତ ଏହାର ପୁନରୁଦ୍ଧାର ଓ ସୁରକ୍ଷା ଖୁବ୍ ଶୀଘ୍ର କରାଯିବ ବୋଲି ନିର୍ବାହୀ ଅଧିକାରୀ ସୌମ୍ୟରଂଜନ ମିଶ୍ର କହିଛନ୍ତି । ଚୌଦ୍ୱାର ପୌରପାଳିକାର ସ୍ୱଚ୍ଛ ଭାରତ ମିଶନ୍ ନୋଡ଼ାଲ ଅଫିସର ପିୟୁଷ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ରଙ୍କ ସହିତ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ଅର୍ଚ୍ଚନା ବେହେରା, ଅଜୟ ବେହେରା, ଆଶୁତୋଷ ଦାସ, ଚଂଚୁଳତା ଦାସ, ସୁଜାତା ସାହୁ ଓ ପୌରପାଳିକାର ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରୀ ସୁପରଭାଇଜର ଓ ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ । ପୌରପାଳିକାର ଏହି କାର୍ଯ୍ୟକ୍ରମକୁ ସହଯୋଗ କରିବା ପାଇଁ ଚୌଦ୍ୱାରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ୍‌ର ସଦସ୍ୟମାନଙ୍କୁ ନେଇ ଅଧ୍ୟକ୍ଷ ନରୋତ୍ତମ ଦାସ ସଫେଇ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ ।

ପ୍ୟାର୍ ସେ ବୋଲୋ ସାଇ ଭଜନ ଉନ୍ମୋଚନ

ବ୍ରହ୍ମପୁର, ୦୪/୧୦ (ଆ.ପ୍ର) : ଚ୍ୟାନେଲ ଡିପି କ୍ରିଏସନ ତରଫରୁ ବ୍ୟାଙ୍କ କଲୋନୀସ୍ଥିତ ଶିରିଡ଼ି ସାଇବାବାଙ୍କ ମନ୍ଦିରରେ ଶିରିଡ଼ି ସାଇ ବାବାଙ୍କ ଏକ ଭଜନ ସଙ୍ଗୀତ ପ୍ୟାର୍ ସେ ବୋଲୋ ସାଇ ନାମରେ ଉନ୍ମୋଚନ ହୋଇଯାଇଛି । ଏହି ଭଜନରେ ପ୍ରକାଶ ଚନ୍ଦ୍ର ସାହୁ ଓ ରାକେଶ କୁମାର ପ୍ରଧାନ କଣ୍ଠ ଦାନ କରିଥିବା ବେଳେ ରଚନା ଓ ସଙ୍ଗୀତ ସଂଯୋଜନାରେ ଉମାଶଙ୍କର ମିଶ୍ର ସହଯୋଗ କରିଛନ୍ତି । ଭଜନ ସଙ୍ଗୀତ ଉନ୍ମୋଚନ ଅବସରରେ ଅତିଥି ରୂପେ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଗଣେଶ ପଟ୍ଟନାୟକ, କଣ୍ଠଶିଳ୍ପୀ ମନୋଜ ପାଣିଗ୍ରାହୀ ବରିଷ୍ଠ ସାମ୍ବାଦିକ ଓ କଣ୍ଠଶିଳ୍ପୀ ସୁଦୀପ କୁମାର୍ ସାହୁ ଓ ତିରୁପତି ନାୟକ ପ୍ରମୁଖଙ୍କ ସମେତ ସାଇମନ୍ଦିର କମିଟିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଠାରେ ଉପସ୍ଥିତ ଥିଲେ । ଏହି ଭଜନଟି ହିନ୍ଦୀରେ କରାଯାଇଛି ଏହା ଭକ୍ତ ମାନଙ୍କ ମନକୁ ଛୁଇଁବ ବୋଲି କୁହାଯାଇଛି । ଏହାର ଭିଡିଓ ଏଡିଟିଙ୍ଗ ରାଜ ଷ୍ଟୁଡିଓରେ କରାଯାଇଛି ବୋଲି କଳାପ୍ରେମୀ ରାଜ କହିଛନ୍ତି । ଲିଲି ମହାରଣାଙ୍କ ଷ୍ଟୁଡିଓ ବିଦ୍ୟାଗୁପାରେ ଏହାର ରେକର୍ଡିଙ୍ଗ କରାଯାଇଛି ।

ମା' ଦୁର୍ଗାଙ୍କ ପୀଠରେ ପାର୍ବଣ ପୂଜା ଆରମ୍ଭ

ତିର୍ତୋଲ, ୦୪/୧୦ (ଆ.ପ୍ର) : ଆଉ କେଇଟା ଦିନପରେ ଧରା ପୃଷ୍ଠ କୁ ଅବତରଣ କରିବେ ଜଗତ ଜନନୀ ମହିଷା ମର୍ଦ୍ଦିନୀ ମା ଦୁର୍ଗା । ଏଥିପାଇଁ ଗାଁ ଗହଳି ଠାରୁ ଆରମ୍ଭ ହୋଇ ସହର ପର୍ଯ୍ୟନ୍ତ ସବୁଠାରେ ସଜେଇ ହେଉଛି । ମା'ଙ୍କ ଆଗମନ ପାଇଁ ହୋଇଯାଇଛି ଅଶ୍ୱିନୀ ମାସ ମୂଳାଷ୍ଟମୀ ନରୁଆ ଛକ ଦେବୀ ଠାରୁ ପୀଠ ଦେବୀ ସମାରୋହରେ ଗତକାଲି



ଗତକାଲି ଠାରୁ ଆରମ୍ଭ ଆବାହନ । ଗତକାଲି ଠାରୁ ତିଥିରୁ ତିର୍ତୋଲ ବ୍ଲକ ସ୍ଥିତ ଦୁର୍ଗାଙ୍କ ପୀଠ ରେ ମୂଳାଷ୍ଟମୀ ଦୁର୍ଗାଙ୍କ ଷୋଡ଼ଶ ପୂଜା ମହା ଠାରୁ ଆରମ୍ଭ ହୋଇଯାଇଛି । ପ୍ରତେକ ଦିନ ପୀଠରେ ସୂର୍ଯ୍ୟ ପୂଜା, ଷୋଡଶ ଉପଚାର ପୂଜା, ଦ୍ୱାରପାଳ ପୂଜା, ଚଣ୍ଡୀପାଠ, ସ୍ୱସ୍ତିପାଠ, ହୋମ ଆଦି କାର୍ଯ୍ୟ ସମ୍ପାଦିତ ହେଉଅଛି । ମନ୍ଦିର ସିଂହ ଦ୍ୱାର ମନ୍ଦିର ବେଢ଼ା ଓ ମନ୍ଦିର ଚାରିପଟେ ସୁନ୍ଦର ଆଲୋକ ମାଳା ରେ ସୁସଜ୍ଜିତ ହୋଇଛି । ଆଜି ଠାରୁ ଦଶହରା ପର୍ଯ୍ୟନ୍ତ ଷୋଡ଼ଶ ପୂଜା ଦେଖିବାପାଇଁ ଆଖପାଖ ଅଂଚଳର ଭକ୍ତଙ୍କ ସମାଗମ ମନ୍ଦିର ପରିସରରେ ଦେଖିବାକୁ ମିଳିଛି । ସେହିପରି ଆଖପାଖର ବହୁ ମନ୍ଦିର ମା ଶାରଦାଙ୍କ ନୀତି କ୍ରାନ୍ତି ଅନୁଯାୟୀ ପୂଜାପାଠ କରାଯାଏ ।

ଶ୍ରମିକ ଚାଲାଣ ମାମଲାରେ ଆଉ ଜଣେ ଗିରଫ
୩ଟି ଗାଡ଼ି ଜବତ, ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ

ସିନାପାଲି, ୦୪/୧୦ (ଆ.ପ୍ର) : ବାହାର ରାଜ୍ୟକୁ ଶ୍ରମିକ ଚାଲାଣ ସମ୍ପର୍କିତ ଏକ ମାମଲାରେ ସିନାପାଲି ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ଅଦାଲତକୁ ଫରୱାର୍ଡ କରିଛି । ଗିରଫ ଅଭିଯୁକ୍ତ ହେଲେ ବୋଡେନ ଥାନା ଲିଟିସର୍ଗି ଗ୍ରାମର ପିତାମ୍ବର ବନ୍ଦିଛୋର (୩୬) । ସେ ସର୍ଦ୍ଦାର ମହମ୍ମଦ ରେହମାନଙ୍କ ଏଜେଂଟ ଭାବେ କାର୍ଯ୍ୟ କରୁଥିବା ପୁଲିସ ପକ୍ଷରୁ କୁହାଯାଇଛି ।



ସୂଚନା ଅନୁଯାୟୀ, ଗତ ୨୬ ସେପ୍ଟେମ୍ବରରେ ସିନାପାଲି ଥାନା ଏଏସ୍‌ଆଇ ନେତ୍ରାନନ୍ଦ ସେନାପତି ପାଟ୍ରୋଲିଂରେ ଥିବା ସମୟରେ ଗୋଡାଲ ଛକ ନିକଟରୁ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ନେଉଯାଉଥିବା ସମ୍ପର୍କରେ ସୂଚନା ପାଇଥିଲେ । ପୁଲିସ ସେଠାରେ ପହଂଚି ଛଅ ଜଣ ଶ୍ରମିକଙ୍କୁ ବିଜୟୱାଡା ଅଂଚଳକୁ ଶ୍ରମ କାର୍ଯ୍ୟ ପାଇଁ ନେଇଯାଉଥିବା ଜାଣିଥିଲା । ପ୍ରାଥମିକ ତଦନ୍ତରେ ଏହି ଶ୍ରମିକମାନଙ୍କୁ ଏଜେଂଟ ନରେଶ ସାହୁ ଓ ଭେତୁ ବିନ୍ଧାଙ୍କ ମାଧ୍ୟମରେ ନେଉଯାଉଥିବା ଏବଂ ସେମାନେ ସର୍ଦ୍ଦାର ନରେନ୍ଦ୍ର ସୁନାନୀ ଓ ସର୍ଦ୍ଦାର ମହମ୍ମଦ ରେହମାନଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା । ଶ୍ରମିକମାନଙ୍କୁ ଆବଶ୍ୟକୀୟ ଲାଇସେନ୍ସ, ମୁଭମେଂଟ ଅର୍ଡର, ପାସବୁକ୍ କିମ୍ବା ପରିଚୟପତ୍ର ଦିଆଯାଇନଥିବା ସହ ନିର୍ଦ୍ଧାରିତ ବିସ୍ଥାପନ ଓ ଯାତ୍ରା ଭତା ମଧ୍ୟ ପ୍ରଦାନ କରାଯାଇନଥିବା ପୁଲିସ ତଦନ୍ତରେ ଜଣାପଡ଼ିଥିଲା । ଏହାକୁ ନେଇ ସିନାପାଲି ଥାନାରେ Sinapali PS Case No. ୩୩୩/୨୦୨୬ ରୁଜୁ କରାଯାଇ ଭଘଝ ଧାରା ୧୪୩(୩)/୩୧୮(୨) ସହିତ Inter-State Migrant Workmen (Regulation of Employment and Conditions of Service) Act, ୧୯୭୯ର ଧାରା ୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ଉଦ୍ଧାର ହୋଇଥିବା ଛଅ ଜଣ ଶ୍ରମିକଙ୍କୁ ଆବଶ୍ୟକ ଯାଂଚ ପରେ ସୁରକ୍ଷିତ ଭାବେ ନିଜ ନିଜ ଘରକୁ ପଠାଇ ଦିଆଯାଇଥିଲା । ମାମଲାରେ ପୂର୍ବରୁ ଏଜେଂଟ ନରେଶ ସାହୁ (୨୭) ଓ ଭେତୁ ବିନ୍ଧା (୪୦)ଙ୍କୁ ୨୭ ସେପ୍ଟେମ୍ବରରେ ଗିରଫ କରାଯାଇ ଅଦାଲତକୁ ଫରୱାର୍ଡ କରାଯାଇଥିଲା । ପରବର୍ତ୍ତୀ ତଦନ୍ତ ସମୟରେ ପୁଲିସ ଚଢ଼ାଉ କରି ପିତାମ୍ବର ବନ୍ଦିଛୋରଙ୍କୁ ଗିରଫ କରିଥିଲା । ତାଙ୍କ ନିକଟରୁ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ନେବାରେ ବ୍ୟବହୃତ ତିନିଟି ଗାଡ଼ି ଜବତ କରାଯାଇଛି । ସେଗୁଡ଼ିକ ହେଲା—ପିକ୍‌ଅପ୍ ଭ୍ୟାନ୍ OD-୨୬-F-୫୧୫୦, ବୋଲେରୋ OR-୨୬-A-୩୭୩୮ ଏବଂ ସ୍କର୍ପିଓ OD-୨୬-୫୭୮୬ । ଆଜି ପିତାମ୍ବର ବନ୍ଦିଛୋରଙ୍କୁ ଆଇନାନୁଗତ ପ୍ରକ୍ରିୟା ଅନୁସରଣ କରି ମାନ୍ୟବର ଅଦାଲତକୁ ଫରୱାର୍ଡ କରାଯାଇଛି । ମାମଲାରେ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ପୁଲିସର ତଦନ୍ତ ଜାରି ରହିଛି ।

ଧର୍ମଗଡ଼ ବ୍ଲକ ଯାଦବ ମହାସଭା ନୂଆଖାଇ ଭେଟଘାଟ

ଧର୍ମଗଡ, ୦୪/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଯାଦବ ମହାସଭା ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ତରାପୁର ଠାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଂଚଳର ଯାଦବ ମାନେ ଏକତ୍ରିତ ହୋଇଥିଲେ । ସଂଗଠିତ ହେଲେ ସାମାଜିକ କ୍ଷେତ୍ରରେ ଉନ୍ନତି ବୃଦ୍ଧି ପାଇବା ସହିତ ଅର୍ଥନୀତି ସୁଦୃଢ଼ ହୋଇ ପାରିବ । ଆଜିର ଦିନରେ ଏକତା ଓ ସଂଗଠିତ ହେବାର ଆବଶ୍ୟକ ରହିଛି । ଏକତା ରହିଲେ ସମାଜ ଉନ୍ନତିକରଣ ହେବାସହ ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱ ରହିବ ବୋଲି ସମ୍ମିଳନୀରେ ଉପସ୍ଥିତ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଯାଦବ ପୂର୍ବତନ ସଭାପତି ଡମ୍ବରୁଧର ଲହଳକ, ଟିକଚନ ନାଗ, ବିଶିଷ୍ଟ କବି, ଲେଖକ ସୀମାଂଚଳ ନାଗ, ଧର୍ମଗଡ଼ ଯାଦବ ଜିଲ୍ଲା ସଭାପତି ଅରୁପାନନ୍ଦ ନାଗ, ସଂପାଦକ କିଶୋର ହଂସ, ସା.ସଂପାଦକ ସଦାନନ୍ଦ ଚନ୍ଦନ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ହଂସ, ଉପସଭାପତି ଅନିରୁଦ୍ଧ ଲହଳକ, ପ୍ରେମାନନ୍ଦ ଘି, ଅଭିମନ୍ୟୁ ବାଗ, ଜୁନାଗଡ଼ ବ୍ଲକ ସଭାପତି ଗୌରହରି ବାଗ, ଉପସଭାପତି ଈଶ୍ୱର ଗୋପାଳ, ସଂପାଦକ ଚନ୍ଦ୍ର ଶେଖର ବାଗ, ଜୟପାଟଣା କିଶୋର ରାଉତ, ଜିଲ୍ଲା ମହିଳା ସଭାନେତ୍ରୀ ନିବେଦିତା ହଂସ, ସଂପାଦିକା ସଂଗୀତା ଖରସେଲ, ଅଂଚଳ ସଭାପତି ଗୌରାଙ୍ଗ ଭଇଁସାଳ, ସୁରେଶ ଭଇଁସାଳ, ଶତ୍ରୁଘ୍ନ ଲହଳକ, ପରକ୍ଷିତ ବାଗ, ଅଧିକ ଜାଲ, କାର୍ତ୍ତିକ ଛାତ୍ରୀଆ, ବୋଡ଼େନ ସଂପାଦକ ସୌମ୍ୟ ରଂଜନ ଖଡିକାର ପ୍ରମୁଖ ଯୋଗଦାନ କରିଥିଲେ । ଧର୍ମଗଡ଼ ବ୍ଲକ ଯାଦବ ନୂତନ କମିଟି ଗଠନ କରିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଆଗତ କରି ନୂତନ କମିଟି ଗଠନ କରିଥିଲେ । ଧର୍ମଗଡ଼ ବ୍ଲକ ଯାଦବ ମହାସଭା ନୂତନ କମିଟି ସଭାପତି ଏକାଦଶୀ ଗୋପାଳ, କାର୍ଯ୍ୟକାରୀ ସଭାପତି ଜଗଦୀଶ ନାଗ, ସଂପାଦକ ଗୌରଚନ୍ଦ୍ର ବାଗ, ସହ ସଂପାଦକ ବଦ୍ରିନାଥ ଗୋପାଳ, କୋଷାଧ୍ୟକ୍ଷ ଅଭିରାମ ଗୋପାଳ, ଉପସଭାପତି ବୈବସ୍ୱତ ଭଇଁସାଳ, ସୁରେଶ ଭଇଁସାଳ ଏବଂ ଧର୍ମଗଡ଼ ଯାଦବ ଜିଲ୍ଲା ଯୁବ ସଭାପତି ପ୍ରଣବ ଭଇଁସାଳ, ସଂପାଦକ ନିର୍ମଳ ଗୋପାଳ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଉପଦେଷ୍ଟା ଭାବେ ଜମେଶ୍ୱର ନାଏକ, ରାଜେନ୍ଦ୍ର ଗୋପାଳ, କନ୍ଦର୍ପ ବାଗ, ଟିକମନ ଯାଦବ, ବରୁଣ ଭଇଁସାଳ, ଭକ୍ତରାମ କାଟ, ବସିଷ୍ଠ ବରିହା, କୈସିକ ରାଉତ, ପ୍ରସାଦ ହଂସ, ଗୋବିନ୍ଦ ଲହଳକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇ ଥିଲା । ଯାଦବ ସମାଜର ଯୁବବର୍ଗ କିପରି ନିଜ ଜାତିର ଭାଷା, ପ୍ରଥା ଓ ପରମ୍ପରାକୁ ସୁରକ୍ଷା ଦେଇ ଗତିଶୀଳ କରାଇବେ ଏବଂ ନିଜକୁ ଶିକ୍ଷା, ବ୍ୟବସାୟ, ଚାକିରି କ୍ଷେତ୍ରରେ ଅଗ୍ରଣୀ କରି ଏକ ଶୈକ୍ଷିକ ଆର୍ଥିକ ସୁଦୃଢ଼ ସମାଜ ଗଠନରେ ଭାଗିଦାରୀ ହେବେ, ସେ ଦିଗରେ ଯୁବଗୋଷ୍ଠୀକୁ ଅଭିପ୍ରେରିତ କରିବା ହେଉଛି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବରିଷ୍ଠ ଯାଦବ ନେତୃ ମଣ୍ଡଳୀ ବକ୍ତବ୍ୟ ରଖିଥିଲେ ।

ପଣ୍ଡିତ ନାରାୟଣଙ୍କ ଜେଲ୍ ଜୀବନ ଖୋରଧାରୁ ହିଁ ଆରମ୍ଭ ହୋଇଥିଲା

ଖୋର୍ଦ୍ଧା, ୦୪/୧୦ (ଆ.ପ୍ର) : ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜେଲ୍ ଜୀବନ ଚାଳିଶି ଦଶକରେ ପ୍ରଥମ ଥର ପାଇଁ ଖୋରଧାରୁ ହିଁ ଆରମ୍ଭ ହୋଇଥିଲା ହୋଇଥିଲା ବୋଲି ଜେଲ୍ ସୁପରିଂଟେଣ୍ଡେଂଟ ରାଜୀବକୁମାର ଦାସ ମତବ୍ୟକ୍ତ କରିଛନ୍ତି । ଜେଲ୍ ସଂସ୍କାର ଯୋଜନା ପରିପ୍ରେକ୍ଷୀରେ ୮୬ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୨ ମସିହାରେ ଖୋରଧା କାରାଗାରରେ ଜେଲ୍ ଜୀବନ ବିତାଇଥିବା ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ତୈଳଚିତ୍ର ଏହି କାରାଗାର ପରିସରରେ ଶନିବାର ଅନାବରଣ କରାଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି ପଣ୍ଡିତ ମିଶ୍ରଙ୍କ ତ୍ୟାଗ ଏବଂ ତିତୀକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମେଜର ମହାନ୍ତି ପଣ୍ଡିତ ମିଶ୍ରଙ୍କ ଭଳି ବରପୁତ୍ରଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଉତର ପିଢ଼ିଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ରୂପେ ଖୋରଧା ବାର୍ ଆସୋସିଏସନର ତତ୍କାଳୀନ ସଭାପତି ନୃସିଂହପ୍ରସାଦ ମିଶ୍ର ଯୋଗଦେଇ ବିଳମ୍ବରେ ହେଉ ପଛେ କାରାଗାର କର୍ତ୍ତୃପକ୍ଷ ପଣ୍ଡିତ ମିଶ୍ରଙ୍କ ଜେଲ୍ ଜୀବନ ସ୍ମୃତିକୁ ଜନମାନସରେ ଉଦ୍‌ଭାସିତ କରାଇଛନ୍ତି ବୋଲି କହିଥିଲେ । ଶ୍ରୀ ଜଗନ୍ନାଥ ସଂସ୍କୃତିର ମହାନ୍ ପ୍ରବକ୍ତା ଶକ୍ତିଶଙ୍କର ମିଶ୍ର 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରିବା ଯୋଗୁଁ ପଣ୍ଡିତ ମିଶ୍ର ଗୋରା ସରକାରଙ୍କ ଆକ୍ରୋଶର ଶିକାର ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ଗିରଫ ହୋଇ ଏହି କାରାଗାରରେ ବନ୍ଦୀ ଜୀବନ ବିତାଇଥିଲେ ବୋଲି କହିଥିଲେ । ବରିଷ୍ଠ ସମାଜସେବୀ ତଥା ମା' ମଙ୍ଗଳା ଆଦିବାସୀ ମହିଳା ସମିତି ସମ୍ପାଦିକା ସୁକାନ୍ତି ପଟ୍ଟନାୟକ ଏଥିରେ ଯୋଗଦେଇ ଅଖାଡପଲ୍ଲୀ ବାଜପୁରରେ ଜନ୍ମିତ ପଣ୍ଡିତ ମିଶ୍ର ବାସ୍ତବରେ ଜଣେ ସଚ୍ଚା ସଂଗ୍ରାମୀ ଥିବାବେଳେ ବ୍ରିଟିଶ ସରକାରଙ୍କ ନଜର ଏଡ଼ାଇବା ପାଇଁ ଚିନ୍ତାମଣି ମିଶ୍ର, ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ସହ ମିଶି ବରୁଣେଇରେ ଆତ୍ମଗୋପନ କରିଥିଲେ ବୋଲି କହିଥିଲେ । ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ 'ଚିଲିକା ଦର୍ଶନ', 'ପୁଣ୍ୟଶ୍ଳୋକ', 'ଭୋଟରଭାବନା' ଓ 'ଦଶଦିଗ' ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ବେଳେ ନବ ଦିଗନ୍ତ ସୃଷ୍ଟି କରିଛି ବୋଲି ତାଙ୍କ ପୁତ୍ରବଧୂ ତଥା ବରିଷ୍ଠ ଶିକ୍ଷୟିତ୍ରୀ ମନୋରମା ନନ୍ଦ (ମିଶ୍ର) କହିଥିଲେ । । ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଡ଼. ଧୀରେନ୍ଦ୍ର ନନ୍ଦ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ର ପାଇକ କୂଳରେ ଜନ୍ମ ନହୋଇ ମଧ୍ୟ ଜନ୍ମମାଟି ପାଇଁ ଲଢ଼େଇ କରିଥିବା ଦର୍ଶାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ରାଜୀବଲୋଚନ ଷଡ଼ଙ୍ଗୀ, ପୂର୍ବତନ ପ୍ରଧାନ ଶିକ୍ଷକ ଡ଼.ପ୍ରଫୁଲ୍ଲକୁମାର ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ପ୍ରଦୀପକୁମାର ଲେଙ୍କା, ଆମଗି ସତ୍ୟର ପ୍ରତିଷ୍ଠାତା ଡ଼.ପ୍ରମୋଦଚନ୍ଦ୍ର ଦାଶ, ଶକ୍ତିପ୍ରସନ୍ନ ପଟ୍ଟନାୟକ, ସୁବାସଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ପଣ୍ଡିତ ମିଶ୍ରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ୧୯୪୦ରେ ଖୋରଧା ଜିଲା ଅନ୍ତର୍ଗତ ବାଜପୁର ଗ୍ରାମରେ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରି ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିଆସୁଥିଲେ । ଏଥିପାଇଁ ତାଙ୍କୁ ୧୯୪୨ରେ ଗିରଫ କରାଯାଇ ଖୋରଧା ଜେଲରେ କଏଦୀ ଭଳି ରଖାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜେଲ୍ ସଂସ୍କାର ଆଇନ ପରିପ୍ରେକ୍ଷୀରେ ଜେଲ ବିଭାଗ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ତୈଳ ଚିତ୍ର ଖୋରଧା ଜେଲ୍ ପରିସରରେ ଅନାବରଣ କରାଯାଇଛି ।

ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ



ଜଗତସିଂହପୁର, ୪/୧୦(ଆପ୍ର): ସାହିତ୍ୟିକ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ପଳାଶୋଳ ୟୁଥ ହେଲପିଙ୍ଗ ଚାରିଟେବୁଲ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦର ସଭାପତି ରମାରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ମେନକା ଦାସ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ଓ ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ବରିଷ୍ଠ ନାଗରିକ ସର୍ବେଶ୍ୱର ପଣ୍ଡା, ସମାଜସେବୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ସାହୁ ଓ ଅବସରପ୍ରାପ୍ତ ଅଧିକାରୀ ତଥା ସାହିତ୍ୟିକ ଭବତୋଷ ସାମନ୍ତରାୟଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପରିଷଦର ଯୁଗ୍ମ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଷଦର ସମ୍ପାଦକ ତଥା ସମାଜସେବୀ ଅକ୍ଷୟ କୁମାର ମହାନ୍ତି (କାଳିଆ ସାରେ) ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବେତାର କଣ୍ଠ ଶିଳ୍ପୀ ଅଦୈତ ଚରଣ ପାତ୍ର, ରମେଶ ସ୍ୱାଇଁ, ଅରୁଣ କୁମାର ରାଉତରାୟ,ଉପ ସଭାପତି ତପନ ରାଉତରାୟ, ତରୁଣ କୁମାର ରାଉତରାୟ, ଅଜୟ ସ୍ୱାଇଁ, ରତୁରାଜ ମହାନ୍ତି, ମାନସ ମହାନ୍ତି, ବାନାମ୍ବର ବେହେରା, କାବୁଲା ନାୟକ, ରାମଚନ୍ଦ୍ର ସାହୁ, ୱାର୍ଡ ସଭ୍ୟା ରୁକ୍ମଣୀ ଭୋଇ, କଳ୍ୟାଣ ପଟ୍ଟନାୟକ, ସୁରଜ ବେହେରା, ଜ୍ୟାଇଁ ଅମୀୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସାହିତ୍ୟିକ ସ୍ୱର୍ଗତ ବିଶ୍ୱାଳ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ । ଶେଷରେ ସୁପୁତ୍ର ପ୍ରଦୀପ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପୁତ୍ର ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ନାତି ସୂର୍ଯ୍ୟାସ୍ମିତ ମହାନ୍ତି, ନାତି ପ୍ରତ୍ୟୁଷ କୁମାର ବିଶ୍ୱାଳ,ଅଣ ନାତି ସ୍ନେହାଶିଷ ମହାନ୍ତି (ନିତାଇ) ପ୍ରମୁଖ ସହଯୋଗ କରିଥିଲେ ।

ମାନବ ସେବା ହିଁ ମାଧବ ସେବାକୁ ଆପଣାଇ ଉଦାହରଣ ସ୍ୱରୂପ ସାଜିଲେ ରାମଚନ୍ଦ୍ର ବେହେରା

ବାସୁଦେବପୁର, ୦୪/୧୦ (ଆ.ପ୍ର) : ମାନବ ସେବା ହିଁ ମାଧବ ସେବା ଏହି ମହତ୍ ଚିନ୍ତାଧାରାକୁ ପାଥେୟ କରି ଦୀର୍ଘଦିନ ଧରି ଜନସେବା ଜାରି ରଖିଛନ୍ତି ଭଦ୍ରକର ବିଶିଷ୍ଟସମାଜସେବୀ ରାମଚନ୍ଦ୍ର ବେହେରା । ସ୍ୱର୍ଗତ ପତ୍ନୀ କିରଣବାଳା ବେହେରାଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀକୁ ଏକ ନିଆରା ଢଙ୍ଗରେ ସ୍ମରଣ କରିବା ସହ ଲୋକଙ୍କ ସେବାରେ ଆୟୋଜିତ ହୋଇଛି ସ୍ୱାସ୍ଥ୍ୟ ସଚେତନତା ଶିବିର ।ସେବାରେ ହିଁ ସ୍ମୃତି ମାନବିକତାରେ ହିଁ ମହତ୍ୱ ସ୍ୱର୍ଗତ ପତ୍ନୀ କିରଣବାଳା ବେହେରାଙ୍କ ସ୍ମୃତିକୁ ଲୋକସେବା ମାଧ୍ୟମରେ ଅମର କରିବାର ଏକ ନିଆରା ପ୍ରୟାସ । ଭଦ୍ରକ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଂଚାୟତରେ ଆୟୋଜିତ ହୋଇଥିଲା ସ୍ୱାସ୍ଥ୍ୟ ସଚେତନତା ଶିବିର । ଅଂଚଳର ଶତାଧିକ ଲୋକ ଏହି ଶିବିରରେ ସାମିଲ ହୋଇ ଅଭିଜ୍ଞ ଡାକ୍ତରଙ୍କଠାରୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ନେଇଥିଲେ । ଆବଶ୍ୟକତା ଅନୁଯାୟୀ ଲୋକଙ୍କୁ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା ।ବୟସ୍କ ହୁଅନ୍ତୁ କି ଯୁବକ ମହିଳା ହୁଅନ୍ତୁ କି ଅସହାୟ ସ୍ୱାସ୍ଥ୍ୟ ହିଁ ସମସ୍ତଙ୍କ ଅଧିକାର । ଆଉ ଏହି ଅଧିକାରକୁ ନେଇ ଲୋକଙ୍କ ପାଖରେ ପହଂଚିଛି ଏହି ସେବା ଶିବିର । "ରାମଚନ୍ଦ୍ର ବେହେରାଙ୍କ ଏଭଳି ଜନସେବା ନିଶ୍ଚିତ ଭାବେ ପ୍ରଶଂସନୀୟ । ଗରିବ ଓ ଅସହାୟ ଲୋକମାନେ ଏଥିରୁ ବହୁତ ଉପକୃତ ହେଉଛନ୍ତି ।"କେବଳ ଗୋଟିଏ ଦିନର ସେବା ନୁହେଁ ବର୍ଷ ବର୍ଷ ଧରି ଜନସେବାକୁ ନିଜ ଜୀବନର ଏକ ଅଂଶ କରିଛନ୍ତି ରାମଚନ୍ଦ୍ର ବେହେରା । ଖରାଦିନେ ଜଳଛତ୍ର ଖୋଲି ତୃଷାର୍ତ୍ତଙ୍କୁ ଜଳସେବା ବନ୍ୟା ଆସିଲେ ଅସହାୟଙ୍କ ପାଖରେ ଶୁଖିଲା ଖାଦ୍ୟ ବାତ୍ୟା ସମୟରେ ଆବଶ୍ୟକୀୟ ସାମଗ୍ରୀ ଶାଢ଼ି ଓ ଲୁଙ୍ଗି ବଂଟନ କରି ଅସହାୟ ଲୋକଙ୍କୁ ସହାୟତା ଯୋଗାଇ ଆସୁଛନ୍ତି ସେ ।ପତ୍ନୀଙ୍କୁ ହରାଇବାର ଦୁଃଖକୁ କେବଳ ସ୍ମୃତିରେ ସୀମିତ ନରଖି ତାଙ୍କ ସ୍ମୃତିକୁ ମାନବ ସେବାରେ ପରିଣତ କରିଛନ୍ତି ରାମଚନ୍ଦ୍ର । ତାଙ୍କ ଏହି ପ୍ରୟାସ ଆଜି ଅନେକଙ୍କ ମୁହଁରେ ହସ ଆଣିବାର ମାଧ୍ୟମ ପାଲଟିଛି । ଏଭଳି ସେବା କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଜାରି ରହୁ । ତାଙ୍କ ସ୍ୱର୍ଗତ ପତ୍ନୀଙ୍କ ସ୍ମୃତିରେ ଲୋକଙ୍କ ପାଇଁ ଯେଉଁ ସେବା କରାଯାଉଛି, ତାହା ଅଂଚଳ ପାଇଁ ଏକ ଭଲ ଉଦାହରଣ ।

ପ୍ରାଚୀ ଉପତ୍ୟକାର ଶକ୍ତିପୀଠ ମାନଙ୍କରେ ଶାରଦୀୟ ପାର୍ବଣପୂଜା ଆରମ୍ଭ

ନିମାପଡ଼ା, ୦୪/୧୦ (ଆ.ପ୍ର) : ଆଜି ଆଶ୍ୱିନ ମାସର ମୂଳାଷ୍ଟମୀ ତିଥି । ପାରମ୍ପରିକ ପ୍ରଥାନୁସାରେ ପୁଣ୍ୟତୋୟା ପ୍ରାଚୀ ନଦୀ ଉପତ୍ୟକା ର ବିଭିନ୍ନ ପ୍ରସିଦ୍ଧ ଶକ୍ତି ପୀଠ ମାନଙ୍କରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା । ପ୍ରାଚୀ ଉପତ୍ୟକା କେନ୍ଦୁବିଲ୍ୱର ଚଣ୍ଡି ମନ୍ଦିର, ଦେଉଳଧରପୁର ର ଗଡଚଣ୍ଡି ମନ୍ଦିର, ଆମଣାକୁଦର ବାରଭୂଜି ଠାକୁରାଣୀ ମନ୍ଦିର, ନିଆଳୀର ଚଣ୍ଡଘଂଟା ମନ୍ଦିର, ନରିଶୋର ରାମଚଣ୍ଡୀ ମନ୍ଦିର, ବିଶିମାତ୍ରାର ହରଚଣ୍ଡୀ ମନ୍ଦିର, ମୋଟିଆଁ ନୂଆସାତଙ୍କର ନାରାୟଣୀ ଦୁର୍ଗା ମନ୍ଦିର, ଚଉରାଶି ର ବାରାହୀ ମନ୍ଦିର ଓ ଜାଗୁଳାଇ ମନ୍ଦିର, ତୁଳସୀପୁରର କନକଦୁର୍ଗା ମନ୍ଦିର, ପିତାପଡାର ଦୁର୍ଗା ମନ୍ଦିର, ଅମରେଶ୍ୱରର ଚର୍ଚ୍ଚିକା ମନ୍ଦିର, ଦୂର୍ଗେଶ୍ୱର ଗଡ଼ର ଦୂର୍ଗା ମନ୍ଦିର, ଆମ୍ବପଡାର ଉଗ୍ରତାରିକା ମନ୍ଦିର, ତିନ୍ତ୍ରେଶ୍ୱରିର ତିନ୍ତ୍ରେଶ୍ୱରୀ ମନ୍ଦିର, କାକଟପୁରର ମା' ମଙ୍ଗଳାଙ୍କ ମନ୍ଦିର, ଓସିଆଁର ଅମ୍ବିକା ମନ୍ଦିର, ସୁନ୍ଦରର ଗଙ୍ଗାଦେବୀ ମନ୍ଦିର, ନୂଆଗଡର ବାସୁଳେଇ ମନ୍ଦିର, ଜିଉଳର ଭଗବତୀ ମନ୍ଦିର, ଅସ୍ତରଙ୍ଗ ଗ୍ରାମ ଦେବତୀ ମନ୍ଦିର, ଲତାହରଣ ଗ୍ରାମେଶ୍ୱର ମନ୍ଦିର ପରିସରର ଦୁର୍ଗା ମନ୍ଦିର, ନୟାହାଟ ସାମନ୍ତ ବଜାରର ମା' ବିଶେଶ୍ୱରୀଙ୍କ ମନ୍ଦିର, ମଙ୍ଗଳପୁରର ଚଣ୍ଡୀ ମନ୍ଦିରମାନଙ୍କରେ ଆଜି ଠାରୁ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହୋଇଛି । ପବିତ୍ର ଶୁଦ୍ଧ ଜଳ ଅଣାଯାଇ ଦେବୀମାନଙ୍କୁ ସ୍ନାନ କରାଯିବା ସହିତ ମନ୍ଦିର ଗର୍ଭ ଗୃହରେ ଅଖଣ୍ଡ ଦୀପ ଓ କଳସ ସ୍ଥାପନ କରାଯାଇ ମା' ମାନଙ୍କୁ ଷୋଡ଼ଶ ଉପଚାର ପୂଜା ପଦ୍ଧତିରେ ପୂଜା କରାଯାଉଛି । ଏହି ଶାରଦୀୟ ପାର୍ବଣ ପୂଜା ସମୟରେ ମହାଷ୍ଟମୀ ପର୍ଯ୍ୟନ୍ତ ମା' ଙ୍କ ନିକଟରେ ଆମିଷ ଭୋଗ ଲାଗି କରାଯିବ ବୋଲି କହିଛନ୍ତି ମା' ଉଗ୍ରତାରିକା ମନ୍ଦିର ର ପୂଜକ ଦେବେନ୍ଦ୍ର ଦିକ୍ଷୀତ । ଏହି ସମୟ ରେ ମା ଙ୍କ ପୀଠରେ ଚଣ୍ଡୀପାଠ, ସିଂହ ପୂଜା, ମନ୍ତ୍ରଜପ, କଳସ ପୂଜା, ଦ୍ୱାରପାଳ ପୂଜା ଭଳି ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ ବୋଲି କହିଛନ୍ତି ମା' ଚାଟଖାଇଙ୍କ ମନ୍ଦିର ପୂଜକ ଗୌରାଙ୍ଗ ଚରଣ ଦିକ୍ଷୀତ । ଶାରଦୀୟ ପାର୍ବଣ ପୂଜା ପାଇଁ ପ୍ରାଚୀ ଉପତ୍ୟକାର ସମସ୍ତ ଶକ୍ତି ପୀଠ ଉତ୍ସବ ମୁଖର ହୋଇଉଠିଛି ।

ଅମୃତବେଳାରେ ରାଜାଙ୍କ ନଅରକୁ ଗଲା ପର୍ବ ଅନୁକୂଳ ଗୁଆପଇତା ମା' ଭଗବତୀଙ୍କ ପୀଠରେ ବାଜିଲା ଶୁଭାରମ୍ଭ ଶଙ୍ଖ କାହାଳୀ

ବାଣପୁର, ୦୪/୧୦(ଆ.ପ୍ର) : ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥି, ମୂଳାଷ୍ଟମୀରେ ଶୟନରୁ ଉଠିବେ ମା' ଭଗବତୀ । ଆରମ୍ଭ ହେବ ବାଣପୁରର ପ୍ରାଚୀନ ଶକ୍ତିପୀଠରେ ପବିତ୍ର ଶାରଦୀୟ ପର୍ବ । ସହରସାରା ଚଳଚଂଚଳ । ସପ୍ତମୀରେ ରାଜା ସନ୍ତୋଷ କୁମାରମାନସିଂ ମର୍ଦ୍ଦରାଜ ହରିଚନ୍ଦନଙ୍କ ନଅରକୁ ଗଲା ପାରମ୍ପରିକ ଗୁଆପଇତା । ରାଜା ଆଜି ମନ୍ଦିରର ଶାରଦୀୟ ଷୋଳପୂଜା ନିମନ୍ତେ ଗୁଆପଇତା ଛୁଇଁ ବ୍ରାହ୍ମଣବରଣୀ କଲେ । କାର୍ଯ୍ୟାଳୟର କର୍ମଚାରୀ ଅକ୍ଷୟ ମିଶ୍ର, ସୁରେନ୍ଦ୍ର ସାହୁଙ୍କ ସହଯୋଗରେ ମନ୍ଦିର ପୁରୋହିତ ଶାରଦା ମହାପାତ୍ର, ପୂଜକ ନିରଞ୍ଜନ ମହାପାତ୍ର, ପ୍ରକାଶ ଚନ୍ଦ୍ର ମହାପାତ୍ର ଙ୍କୁ ବରଣୀ କରି ମଠା ବନ୍ଧାଇଲେ ରାଜା । ମା'ଙ୍କ ଶ୍ରୀଅଙ୍ଗଭୂଷଣ ପାଇଁ କାଠିନାହାକ ପବିତ୍ରନାୟକ, ପ୍ରତିନିଧି ଗଣେଶ ନାୟକଙ୍କ ହାତରେ ପାଟ, ଓଢ଼ଣୀ, ସିନ୍ଦୁର, କଜ୍ଜଳ, ଶଙ୍ଖା, ଚୁଡ଼ି ଶାଢ଼ି, ଅଳତା ପୁଷ୍ପମାଲ୍ୟ ପଠାଇଲେ ରାଜା । ଶୟନରୁ ଉଠି ଶହସ୍ର କୁମ୍ଭାଭିଷେକ ପରେ ୧୦୮ ସୁବାସିତ ଜଳରେ ଅଙ୍ଗରାଗ ମାଜଣା ପରେ ରଜାଘର ପାଟଶାଢ଼ିଚୁଡ଼ି ପିନ୍ଧି ମଣ୍ଡଣୀ ହୋଇ ସଂଧ୍ୟାରେ ଆଟ ପଟୁଆରରେ ସାତଦିନ ପାଇଁ ଭିତରପର୍ବ ଗୃହକୁ ବିଜେ କରିବେ ମା' ଭଗବତୀ ସ୍ତମ୍ଭେଶ୍ୱରୀ କାଠିଠାକୁରାଣୀ । ସାଥିରେ ଥିବେ ରାଜାଙ୍କ ଇଷ୍ଟଦେବୀ ମା' ନଳଦୁର୍ଗା । ସେଥିପାଇଁ ପିତ୍ରାଳୟଦକ୍ଷ ପ୍ରଜାପତି ମନ୍ଦିରଠାରୁ ମାଭଗବତୀଙ୍କ ମନ୍ଦିର ବେଢ଼ା ଭିତର ପର୍ବ ଗୃହପର୍ଯ୍ୟନ୍ତ ସବୁଠି ଚାଲିଛି ପ୍ରସ୍ତୁତି । କେଉଁଠି କେଉଁଠି ଆଲୋକର ସୁଉଚ୍ଚ ତୋରଣ ତ ରାସ୍ତାର ଉଭୟ ପାର୍ଶ୍ୱରେ ଝିଲିମିଲି ଆଲୁଅର ମନଲୋଭା ଦୃଶ୍ୟ । ପରିମଳ ବ୍ୟବସ୍ଥା ସହିତ ମନ୍ଦିରଚର୍ତୁପାର୍ଶ୍ୱରେ ନାଲି ହଳଦିଆ ଗେଣ୍ଡୁ ଫୁଲର ଆକର୍ଷଣୀୟ ସାଜସଜ୍ଜା । ଦେବୀ ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀଙ୍କ ତାଣ୍ଡବ ନୃତ୍ୟ ଦେଖିବାକୁ ସମଗ୍ରବାଣପୁର ଅଂଚଳ ଅପେକ୍ଷାରତ । ଘଂଟା ଘଂଟ ମାଦଳର ତାଳେତାଳେ ଛତ୍ର ଚାମର ଦ୍ୱାମର ମଶାଲ ସହିତ ମା' ଙ୍କଜୟଜୟକାର ଧ୍ୱନୀ, ଶଙ୍ଖ ହୁଳହୁଳି ଶବ୍ଦରେ ବାଣପୁର ବଡ଼ଦାଣ୍ଡ ଉଛୁଳି ପଡ଼ିବ । ସେବାୟତ ମାନେ ବନଦୁର୍ଗା ବେଶରେ ମା'ଙ୍କୁ ନ ବେ଼ଇ ନବେ଼ଇ ବଡ଼ଦାଣ୍ଡରେ ପବିତ୍ର ପର୍ବଗୃହକୁ ନେଲା ବେଳେ ସାଥିରେ ରହିବେ ଆଦ୍ୟ ସେବକ ନରବଳୀର ପ୍ରତୀକ ବଳିଜେନା, ନିଯୋଗୀ ସେବାୟତଙ୍କ ଗହଣରେ ଅନନ୍ୟ ପରମ୍ପରା କ୍ରମେ ଏହି ବଳିଜେନା ନୃତ୍ୟ ଅତ୍ୟନ୍ତ ବିଚିତ୍ର ମୟ । ମୂଳାଷ୍ଟମୀ ଠାରୁ କୃଷ୍ଣଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତି ସଂଧ୍ୟାରେ ମା'ଙ୍କ ଦେବୀ ନୃତ୍ୟ ପରେ ମହାଳୟା ଭେଟ ଅମାବାସ୍ୟାରେ ସାତ ଭଉଣୀଙ୍କ ଭେଟଘାଟରୁ ସାତବଖରା ଘରେ ଆରମ୍ଭ ହେବ ସପ୍ତମାତୃକା ପୂଜା । ମା' ଭଗବତୀଙ୍କ ସହିତ ଭଉଣୀ ବିରଜାଇ, ନାରାୟଣୀ, କାଳିଜାଇ, ଶିଦ୍ଧେଶ୍ୱରୀ, କନକଦୁର୍ଗା, ବୁଢ଼ି ଠାକୁରାଣୀ ସାତ ଭଉଣୀଙ୍କୁ ଗୋଟିଏସ୍ଥାନରେ ସାତ ବଖରା ପର୍ବଗୃହରେ ଦର୍ଶନ କରିବାର ସୌଭାଗ୍ୟ ଲାଭ କରି ମା'ଙ୍କ ଅଶେଷ କରୁଣା ପାଇବାକୁ ଅଗଣିତ ଶ୍ରଦ୍ଧାଳୁଙ୍କ ସୁଅଛୁଟିବ । ମା'ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ କର୍ମଚାରୀମାନଙ୍କ ସହଯୋଗରେ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଥିବା କଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କଠାରୁ ପ୍ରକାଶ ।

ଭୁଲ ବୁଝିବା ଦ୍ୱାରା ଚାଉଳ ହେରଫେର ଅଭିଯୋଗ ହେଇଥିଲା ପିଜେପି ନେତା କହିଲେ ସରକାରକୁ ଜାଣିଶୁଣି ବଦନାମ କରିବାକୁ ଉଦ୍ୟମ



ତୁମୁଡିବନ୍ଧ, ୦୪/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଲଙ୍କା ଗଡ଼ ଗ୍ରାମପଂଚାୟତରେ ପିଡ଼ିଏସ ଚାଉଳ ଯୋଗାଣ ସହାୟକ ସତ୍ୟ ସୁବର୍ଣ୍ଣ ବଡ଼ ସେଟ ହେର ଫେର କରିଥିବା ଘଟଣା ଗତ କିଛି ଦିନ ହେବ କିଛି ଗଣମାଧ୍ୟମରେ ପ୍ରକାଶ ହେଇଥିଲା । ଲଙ୍କାଗଡ଼ ପଂଚାୟତ ହାତୀ ମୁଣ୍ଡାର ଗ୍ରାମବାସିଙ୍କ କହିବା କଥା ଅନୁଯାଇ ଓଡ଼ିଶା ସରକାରଙ୍କ ଓ କେନ୍ଦ୍ର ସରକାରଙ୍କ ଦୁଇଟି କାର୍ଡ଼ରୁ ଆମେ ଚାଉଳ ପାଉଥୁ କିନ୍ତୁ ଆମେ ବୁଝି ନ ଥିବାରୁ ଆମେ ଯୋଗାଣ ସହାୟକଙ୍କୁ ଭୁଲ ବୁଝିଥିଲୁ କିନ୍ତୁ ସେମିତି କିଛି ହେରଫେର ଆମ ପଂଚାୟତରେ ହେଇନି ବୋଲି କହିଛନ୍ତି । ଗ୍ରାମବାସି ଓ ନିଜେ ଅଭିଯୋଗ ଆଣିଥିବା ଲଙ୍କାଗଡ଼ ସମିତି ସଭ୍ୟ ବିଭିଷଣ ପାତ୍ର ଶ୍ରୀ ପାତ୍ର, ପୂର୍ବତନ ସରପଂଚ ହର ପାତ୍ର କହିଛନ୍ତି ଆମେ ଭାବୁଥିଲୁ ମୁଣ୍ଡ ପିଛା ଦଶକିଲ ବୋଲି କିନ୍ତୁ ମୁଣ୍ଡ ପିଛା ପାଂଚ କିଲ ଆମେ ବୁଝିପାରିଲୁ । ଘଟଣାକୁ ପୁରା ଖଣ୍ଡ ନ କରି କହିଛନ୍ତି ଯୋଗାଣ ସହାୟକ । ବିଜେପିର ଯୁବ ନେତା ଚିନ୍ମୟ ମାଝୀ ଓ ନିଜେ ଲଙ୍କାଗଡ଼ ସରପଂଚଙ୍କୁ ଘଟଣା ବିଷୟରେ ପଚାରି ବାରୁ ସରକାରଙ୍କୁ ଓ ସରପଂଚଙ୍କୁ ବଦନାମ କରିବାକୁ ଏହା ଏକ ବିରୋଧିଙ୍କ ଷଡଯନ୍ତ୍ର ବୋଲି ସୂଚନା ଦେଇଛନ୍ତି । ସରପଂଚ କହିଛନ୍ତି ଆମେ ଯେବେ ଜାଣିଲୁ ବା ସୂଚନା ପାଇଲୁ କିଛି ଆମ ପଂଚାୟତରେ ଯୋଗାଣ ସହାୟକ ସତ୍ୟ ସୁବର୍ଣ୍ଣ ବଡ଼ସେଟ ପିଡ଼ିଏସ ଚାଉଳ ହେର ଫେର କରିଛନ୍ତି ଆମେ ପଂଚାୟତରେ ମିଟିଙ୍ଗ କରି ସମିତି ସଭ୍ୟ, ନାଏବ ସରପଂଚ ଓ କିଛି କର୍ମଚାରୀ ଘଟଣାର ସତ୍ୟ ସତଜାଣିବାକୁ ପଚାରି ବାରୁ ସେ ବୁଝେଇ ଦେଲେ ବୋଲି ଲଙ୍କାଗଡ଼ ସରପଂଚ ମନ୍ତବ୍ୟ ଫୋନ ମାଧ୍ୟମରେ ଦେଇଛନ୍ତି । ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ଆମେ ତଦନ୍ତ କରିଛୁ ଚାଉଳ ଠିକ୍‌ରେ ଦିଆ ହେଉଚି କିନ୍ତୁ ଲୋକେ ବୁଝି ନ ଥିଲେ । ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବି ସମାନ କଥା କହିଛନ୍ତି ଲୋକେ ମୁଣ୍ଡ ପିଛା ପାଂଚ କିଲ ପାଉଛନ୍ତି କିନ୍ତୁଗୁଜବ ଥିଲା ମୁଣ୍ଡ ପିଛା ଗୋଟେ ମାସର ଦଶକିଲ ପାଇବୁ ବୋଲି ବୁଝିଲା ପରେ ଅଭିଯୋଗ କରିଥିବା ଲୋକଙ୍କୁ ବୁଝେଇଥିବା କହିଛନ୍ତି । ତେବେ ଉକ୍ତ ଘଟଣାଟି ଜନସାଧାରଣ ଦୁଇଟି କାର୍ଡ଼କୁ ନେଇ ଦ୍ୱନ୍ଦ୍ୱ ଥିଲେ କିନ୍ତୁ ବୁଝିବା ପରେ ସେମିତି କିଛି ପିଡ଼ିଏସ ହେର ଫେର ହେଇନ ଥିବା ଲଙ୍କାଗଡ଼ ଆଦିବାସୀ ନେତା ଟୁଟୁ ମାଝୀ, ସୁବାଷ ମାଝୀ, ଅଜୟର ମାଝୀ କିଖରୀୟ ହଜାରୀ ନାୟକ, ଉମେଶ ପାତ୍ର ପ୍ରତିକ୍ରିୟା ରଖିଛନ୍ତି । ଆବଶ୍ୟକ ହେଲେ ଅଂଚଳର ଅନେକ ଲୋକେ କନ୍ଧମାଳ ଜିଲ୍ଲା ପାଳ ନିକଟରେ ପିଡ଼ିଏସ ହେର ଫେର ହେଇନ ଥିବା ସମ୍ବନ୍ଧରେ ଜଣେଇବାକୁ ଯିବୁ ବୋଲି କହିଛନ୍ତି ।

ସେବା ସଂକଳ୍ପ ସଚେତନତା ପଥପ୍ରାନ୍ତ ନାଟକ ଅନୁଷ୍ଠିତ

ଟିକାବାଲି, ୦୪/୧୦ (ଆ.ପ୍ର) : ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ଭୁବନେଶ୍ୱର ଆୟୋଜନ ସହାୟତା ଏବଂ କନ୍ଧମାଳ ଜିଲ୍ଲା ସଂସ୍କୃତି ଆୟୋଜନ କ୍ରମେ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ପଂଚାୟତ ଅଂଚଳରେ ସେବା ସଂକଳ୍ପ ଅଭିଯାନ ଜନ ସଚେତନତା ପଥପ୍ରାନ୍ତ ନାଟକ ପରିବେଷଣ ହେଉଥିବା ଦେଖିବାକୁ ମିଳିଛିଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ୨୫ ବର୍ଷର ଶାସନ କାଳରେ ଯେଉଁ ସବୁ ଜନକଲ୍ୟାଣ ଯୋଜନା କରିଛନ୍ତି ତାହା ପ୍ରସାର ପ୍ରଚାର କରୁଥିବା ଜଣାପଡିଛି ଯେମିତିକି, ଉଜ୍ଜ୍ୱଳାଯୋଜନା, ପ୍ରଧାନମନ୍ତ୍ରୀ ଧନ ଜନ ଯୋଜନା, ସୁଭଦ୍ରା ଯୋଜନା, ନକ୍ସଲ ଦମନ, ସନ୍ତ୍ରାସ ବାଦୀ ମୂଳପଛ, ସେଟଲାଇଟି, ଡିଜିଟାଲ ସେବା, ବିକସିତ ଭାରତ,ଆୟୁଷ୍ମାନ ଯୋଜନା, ୟୁପିଆଇ, ରାମମନ୍ଦିର ନିର୍ମାଣ, ଜ୍ୟୋତି ଗ୍ରାମ ଯୋଜନା, ଏହିପରି ଅନେକ ଜନ କଲ୍ୟାଣ ଯୋଜନା କରିଥିଲେ ଯେ, 'ଦୃଢ଼ ଭାରତ ବାସି ସୁରକ୍ଷିତ ଏବଂ ସୁବିଧାରେ ଜୀବନ ଯାପନ କରୁଛନ୍ତି । କନ୍ଧମାଳ ଜିଲ୍ଲାରେ ଅନେକ ସାଂସ୍କୃତିକ ଦଳ ଏହି ସଚେତନ ବାର୍ତ୍ତା ଲୋକଙ୍କ ନିକଟରେ ପହଂଚାଉ ଥିବା ବେଳେ ଟିକାବାଲି ବ୍ଲକରେ ମଧ୍ୟ କ୍ରିଷ୍ଣ ଚନ୍ଦ୍ର ଡିଗାଲଙ୍କ ନେତୃତ୍ୱରେ ଏକ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବନବାସୀ କଳା ସାଂସ୍କୃତିକ ପରିଷଦ, ଟିକାବାଲି, ଯେଡ଼ିନାନ୍ଦ୍ର ତରଫରୁ ଅତି ସୁନ୍ଦର ଭାବରେ କୁଇ ଏବଂ ଓଡ଼ିଆ ଭାଷାରେ ନାଟକୀୟ ଢଙ୍ଗରେ ଅଭିନୟ ଏବଂ ନୃତ୍ୟ ମାଧ୍ୟମରେ ସେବା ସଂକଳ୍ପ ଅଭିଯାନ -୨୦୨୬ ର ବାର୍ତ୍ତା ପ୍ରଦାନ କରିଥିବା ଦେଖିବାକୁ ମିଳିଛି ।

ନୂଆପଡାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଅନୁଷ୍ଠିତ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା

ନୂଆପଡ଼ା, ୦୪/୧୦ (ଆ.ପ୍ର) : ନୂଆପଡା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଉତ୍କଳ ବାଳାଶ୍ରମ, ଖଡ଼ିଆଳଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଏବଂ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା । ଜିଲ୍ଲାର ଦୁଇଟି ଶିଶୁ ଯତ୍ନ ଅନୁଷ୍ଠାନ – ଉତ୍କଳ ବାଳାଶ୍ରମ, ଖଡ଼ିଆଳ ଏବଂ ନବପ୍ରଭାତ ଓପନ୍ ସେଲ୍ଟର, ଖଡ଼ିଆଳରୁ ମୋଟ ୭୫ ଜଣ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଓ କନିଷ୍ଠ ବିଭାଗରେ କୁଇଜ୍, ଚିତ୍ରାଙ୍କନ, ବକ୍ତୃତା, ଏକକ ସଙ୍ଗୀତ ଏବଂ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ମହାଭଟିଙ୍କ ତତ୍ୱାବଧାନରେ ମହୋତ୍ସବର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଡ. ଫଣିନ୍ଦମ୍ ସିଂ ଦେଓ, ସମାଜସେବୀ ମହେନ୍ଦ୍ର ଯୋଶୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ବିକାଶ ଲରେନ୍ସ ଏବଂ ଖଡ଼ିଆଳ ସିଡ଼ିପିଓ ଲତା ଡିଗାଲ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ରାଜ୍ୟସ୍ତରୀୟ 'ଉତ୍ସାହ' ଓ 'ମହକ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । କାର୍ଯ୍ୟକ୍ରମରେ ସେଂଟ୍ ଜାଭିଅର୍ ପବ୍ଲିକ୍ ସ୍କୁଲ, ଖଡ଼ିଆଳର ଶିକ୍ଷୟିତ୍ରୀ ଚାନ୍ଦିନୀ ମୁଣ୍ଡ ଓ ହରିପ୍ରିୟା ସିଂ ବିଚାରକ ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ପ୍ରିୟଦର୍ଶିନୀ ଠାକୁର ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଶ୍ରୀନିବାସ ବେହେରା, ବିକାଶ ପାତ୍ରଙ୍କ ସମେତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଅର୍ଚ୍ଚନା ପାଢ଼ୀ, ଦେବାଶିଷ ତାଣ୍ଡି, ଚନ୍ଦ୍ରମଣି ମହାନନ୍ଦ, ମାଳା ଶବର, ସୁସ୍ମିତା ବିଭାର, ପୂର୍ଣ୍ଣମୀ ପଟେଲ, ସୁନୀତା ହୋତା, ବ୍ରହ୍ମାନନ୍ଦ ବନଛୋର, ମାନରଞ୍ଜନ ସାହୁ, ଦେବଦତ କଟା, ସନାତନ ବର୍ଗ୍ଗ, ତରିଆ ନାୟକ, ଆକାଂକ୍ଷା ଦୁବେ, ମୋନାଲିସା ମହାନନ୍ଦ, କମଳା ବିବି, କେଶବ ପଟ୍ଟନାୟକ ଓ ଭାରତୀ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଟ୍ରାକ୍ଟର ଧକାରେ ମୋଟର ସାଇକଲ ଚାଳକ ଗୁରୁତର

ଚନ୍ଦାହାଣ୍ଡି,୦୪/୧୦ (ଆ.ପ୍ର) : ଚନ୍ଦାହାଣ୍ଡି ବ୍ଲକ, ଚନ୍ଦାହାଣ୍ଡି ଗ୍ରାମପଂଚାୟତ ଅନ୍ତର୍ଗତ ଝରାବାହାଲ ଛକ ନିକଟସ୍ଥ ମାଲଗାଁ ରାସ୍ତାରେ ମୋଟର ସାଇକେଲର ପଛ ପଟୁ ଟ୍ରାକ୍ଟର ଲାଗିଯିବା ଫଳରେ, ମୋଟର ସାଇକେଲ ଆରୋହୀ ତଳେ ପଡିଯାଇ ଗୁରୁତର ଆହତ ହୋଇ ଥିଲେ, ଚନ୍ଦାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ (ଏମଏଚୟୁ) ଡିଉଟି ଯାଉଥିବା ବେଳେ ହଟାତ ଦେଖି ଆହତ ଚାଳକ ଚାଳକଙ୍କୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଚନ୍ଦାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ, ଏମଏଚୟୁ ସ୍ୱାସ୍ଥ୍ୟ ଟିମର ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ, ଫାର୍ମାସିଷ୍ଟ ଉମେଶ ଦାଶ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଆନ୍ତର୍ଯ୍ୟାମୀ ବାଘ, ପ୍ରମୁଖ ଉପସ୍ଥିତ ଥିଲେ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଏପରି ସେବା କାର୍ଯ୍ୟକୁ ଅଂଚଳ ବାସି ପ୍ରଶଂସା କରିଛନ୍ତି ।

ବାରଖମା ହାତେ ଏକ ଦିବସୀୟ କବାଡି ଟ୍ରଫି : ଫାଇନାଲରେ ଚାମ୍ପିଅନ୍ ହେଲା ସ୍ପୋର୍ଟ୍ସ କ୍ଲବ ବାରଖମା

ବାଲିଗୁଡ଼ା, ୦୪/୧୦ (ଆ.ପ୍ର) : କ୍ରୀଡ଼ା ପ୍ରତିଭାର ବିକାଶ ସହ ଯୁବପିଢ଼ିଙ୍କ ମଧ୍ୟରେ କବାଡି ପ୍ରତି ଆଗ୍ରହ ବଢ଼ାଇବା ଲକ୍ଷ୍ୟରେ ବାଲିଗୁଡ଼ା ଉପଖଣ୍ଡ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଏକଦିବସୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ରବିବାର ସନ୍ଧ୍ୟା ରେ ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବାଲିଗୁଡ଼ା ସମେତ ଆଖପାଖ ଅଂଚଳର ୧୨ଟି କବାଡି ଦଳ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସଂଘର ଉପସଭାପତି ସତ୍ୟନାରାୟଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାର ଉଦ୍ ?ଘାଟନ କରିଥିଲେ । ଦିନତମାମ ବିଭିନ୍ନ ଦଳ ମଧ୍ୟରେ ରୋମାଂଚକର ମୁକାବିଲା ଦେଖିବାକୁ ମିଳିଥିଲା । ଫାଇନାଲ ମ୍ୟାଚ୍‌ରେ ବାଲିଗୁଡ଼ା ଉପଖଣ୍ଡ କ୍ରୀଡ଼ା ସଂଘ ଓ ସ୍ପୋର୍ଟ୍ସ କ୍ଲବ ବାରଖମା ମଧ୍ୟରେ କଡ଼ା ଟକ୍କର ହୋଇଥିଲା । ଶେଷରେ ବାରଖମା ୩୩-୨୯ ଗୋଲରେ ବାଲିଗୁଡ଼ାକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା । ବିଜେତା ବାରଖମା ଦଳକୁ ଟ୍ରଫି ସହ ୫୦୦୧ ଟଙ୍କା ଏବଂ ଉପବିଜେତା ବାଲିଗୁଡ଼ା ଦଳକୁ ଟ୍ରଫି ସହ ୩୦୦୧ ଟଙ୍କା ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ । ଏଥିସହ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସଂଘର ଉପଦେଷ୍ଟା ଶେଖ୍ ସାଦିକ୍, ସୁରେନ୍ଦ୍ର କୁମାର ପାତ୍ର, ସାଧାରଣ ସମ୍ପାଦକ ଡ. ସୁଶାନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରଞ୍ଜିତ କୁମାର ମହାନ୍ତି, କ୍ରୀଡ଼ା ଆୟୋଜକ ଉପଦେଷ୍ଟା ମଣ୍ଡଳର ଏଲିୟାସ୍ ଡିଗାଳ, କ୍ରୀଡ଼ା ସମ୍ପାଦକ ଶିବାନନ୍ଦ ପଟ୍ଟନାୟକ, ଏ. ଶ୍ରୀନିବାସ ଦୋରାଙ୍କ ସମେତ ପ୍ରଶାନ୍ତ କୁମାର ସାହୁ, ଗଙ୍ଗାଧର ପଣ୍ଡା, ଭଗବାନ ପଣ୍ଡା, ସୂର୍ଯ୍ୟନାରାୟଣ ସୁଆର, ସୁଜିତ କୁମାର ପାଢ଼, ରଞ୍ଜନ କୁମାର ନାୟକ, ଦିବାକର ବେହେରା, ସମୀର କୁମାର ପଟ୍ଟନାୟକ, ସୌମ୍ୟରଞ୍ଜନ ନାୟକ, ରୂପକ କୁମାର ନାୟକ, ଦେବୀରଞ୍ଜନ ନାୟକ ନିଶାନ ସିଂଦେଓ, ହେମନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାର ସୁପରିଚାଳନାରେ ସହଯୋଗ କରିଥିଲେ ।

ଘୁଗୁଡ଼ିପଡ଼ା ପଂଚାୟତ କଳାକାର ମହାସଂଘ ବୈଠକ

ଦଶପଲ୍ଲା, ୦୪/୧୦ (ଆ.ପ୍ର) : ଦଶପଲ୍ଲା ବ୍ଲକ ଘୁଗୁଡ଼ିପଡ଼ା ପଂଚାୟତ କଳାକାର ମହାସଂଘର ଏକ ସାଧାରଣ ବୈଠକ ରବିବାର ବିମ୍ବାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କଳାକାର ମହାସଂଘ ସଂଯୋଜକ କିଶୋର ଚନ୍ଦ୍ର ଦଳବେହେରା ଯୋଗଦେଇ କଳାକାରମାନଙ୍କୁ 'ସେବା ସଂକଳ୍ପ ଅଭିଯାନ' ମାଧ୍ୟମରେ ବୃକ୍ଷରୋପଣ, ସ୍ୱଚ୍ଛତା ଓ ପଲିଥିନ ବର୍ଜନ ଭଳି ସାମାଜିକ କାର୍ଯ୍ୟରେ ଭାଗ ନେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ କେତନ ଶତପଥୀ, ବୃନ୍ଦାବନ ପ୍ରଧାନ, ଯୁଗଳ କିଶୋର ଦଳବେହେରା, ସୁଶାନ୍ତ ପ୍ରଧାନ ଓ ସଞ୍ଜୟ ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ଦଣ୍ଡନାଚ, ଘୁଡୁକି, ଦଶକାଠିଆ, ପାଲା ଓ ନାଟକ ଆଦି ବିଭିନ୍ନ ଲୋକକଳାର ଶତାଧିକ କଳାକାର ଉପସ୍ଥିତ ରହି କଳାକାର ଭତା, ବାଦ୍ୟଯନ୍ତ୍ର ସହାୟତା, ଭାଗବତ ଟୁଙ୍ଗି ନିର୍ମାଣ ଓ ବିକେଏସଏସ ଯୋଜନାରେ ସାମିଲ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ । ଶେଷରେ ଯୁଗଳ କିଶୋର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ମହାନଦୀ ବନ୍ୟା ପାଣିରେ ଉଜୁଡିଗଲା ଧାନ ଫସଲ, ସରକାରୀ ସହାୟତା ପ୍ରଦାନ ଦାବିରେ ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀଙ୍କ ଧମକ

ଖଣ୍ଡପଡ଼ା, ୦୪/୧୦ (ଆ.ପ୍ର) : ଲଗାଣ ବର୍ଷାର ପ୍ରଭାବ ସାଙ୍ଗକୁ ମହାନଦୀରେ ବନ୍ୟା ପରିସ୍ଥିତି ଯୋଗୁଁ ସିଧାମୂଳା ଓ ବାଣପୁର ଅଂଚଳର ଚାଷୀମାନଙ୍କ ମେରୁଦଣ୍ଡ ଦୋହଲି ଯାଇଛି । ବନ୍ୟାପାଣି ମହାନଦୀ ମାଳବନ୍ଧର ବିପଦଶଙ୍କୁଳ ସ୍ଲୁଇସ ଫାଟକ ଦେଇ ପ୍ରବାହିତ ହୋଇ ମାଳବନ୍ଧ ପାର୍ଶ୍ୱସ୍ଥ ହେକ୍ଟର ହେକ୍ଟର ଧାନ ଚାଷ ଜମିରେ ମାଡି ଯିବା ଯୋଗୁଁ ଶହଶହ ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ବର୍ଷା ଛାଡିବାର ୧୦ ଦିନ ପରେ ବି ଧାନ ଚାଷ ଜମିରେ ପାଣି ନିଷ୍କାସିତ ହୋଇ ପାରୁ ନଥିବାରୁ ଧାନ ଗଛ ଗୁଡିକ ଏବେ ଜମିରେ ପଚି ନଷ୍ଟ ହେବାକୁ ବସିଲାଣି । ଉଜୁଡା ଧାନ ଚାଷକୁ ଦେଖି ଚାଷୀମାନଙ୍କ ଆଖିରୁ ଲୁହ ଶୁଖୁ ନଥିବା ବେଳେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାରେ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷ ଓ କୃଷି ବିଭାଗ ଅଧିକାରୀଙ୍କ ଅବହେଳାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ଫସଲ କ୍ଷୟକ୍ଷତିର ଆକଳନ ନିମନ୍ତେ ରାଜସ୍ୱ ନିରୀକ୍ଷକ ନତୁବା କୃଷି ବିଭାଗ କର୍ମଚାରୀମାନେ ଅଦ୍ୟାବଧି କ୍ଷେତ୍ର ପରିଦର୍ଶନରେ ଆସି ନଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧାନ ଫସଲ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ନଚେତ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ହରତାଳ କରିବେ ବୋଲି ବଡବାଣପୁର, ରତନପୁର, ଘଣାଶାଳିଆ, ଡିପିସାହି, ସିଧାମୂଳା ପ୍ରଭୃତି ଗ୍ରାମର ଚାଷୀମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ସେଥିଉ
ଆରମ୍ଭ
SEITHO ARAMBHA
ସୋମବାର, ୦୫ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଭାରତ ପୁଣି ଏସିଆ କ୍ରୀଡ଼ାରେ ଚତୁର୍ଥ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ଭାରତୀୟ ପୁରୁଷ ହକି ଦଳ ଚଳିତ ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଦେଶ ପାଇଁ ଶେଷ ପଦକ ଜିତିଥିଲା । ରବିବାର ପ୍ରତିଯୋଗିତା ଶେଷ ପରେ ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ ପଦକ ପାଇଛି । ଗତ ହାଙ୍ଗଝୋ ସଂସ୍କରଣରେ ଭାରତ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୦ କାଂସ୍ୟ ସହ ମୋଟ ୧୦୬ ପଦକ ଜିତି ଚତୁର୍ଥ ସ୍ଥାନରେ ରହିଥିଲା । ଏଥର ଏହାଠୁ ୨୧ କମ୍ ପଦକ ପାଇଥିଲେ ମଧ୍ୟ ଭାରତ ସେହି ଚତୁର୍ଥ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି । ଉଜ୍ବେକିସ୍ତାନ ୨୧ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ଅଧିକ ରୌପ୍ୟ ଥିବାରୁ ଭାରତ ଆଗରେ ରହିଛି । ଏସୀୟ କ୍ରୀଡ଼ାରେ ଭାରତର ଏହା ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ । ଏହି ମହାଦେଶୀୟ କ୍ରୀଡ଼ାରେ ପୂର୍ବ ପରି ଚୀନ୍‌ର ଦବ୍‌ଦବା ଜାରି ରହିଛି । ଚୀନ୍ ୧୬୯ ସ୍ୱର୍ଣ୍ଣ ସହ ୩୪୧ ପଦକ ପାଇଁ ଶୀର୍ଷରେ ଥିଲା ବେଳେ ଆୟୋଜକ ଜାପାନ ୮୩ ସ୍ୱର୍ଣ୍ଣ ସହ ୨୬୯ ଏବଂ ଦକ୍ଷିଣ କୋରିଆ ୩୯ ସ୍ୱର୍ଣ୍ଣ ସହ ୧୬୯ ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ଚଳିତ

ପ୍ରତିଯୋଗିତାରେ ଭାରତକୁ ସର୍ବାଧିକ ପଦକ ୨୪ ଦୌଡ଼କୁଦ (୧ ସ୍ୱର୍ଣ୍ଣ, ୯ ରୌପ୍ୟ, ୧୪ କାଂସ୍ୟ)ରୁ ମିଳିଥିଲା । ତେବେ ସବୁଠୁ ଅଧିକ ସ୍ୱର୍ଣ୍ଣ ୫ଟି ତୀରନ୍ଦାଜି (୨ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ୯ ପଦକ)ରୁ ଆସିଥିଲା । ବନ୍ଧୁକଚାଳକମାନେ ୩ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୪ କାଂସ୍ୟ ସହ ମୋଟ ୧୫ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହା ପଛକୁ ମୁଷ୍ଟିଯୁଦ୍ଧ ୬ (୩ ସ୍ୱର୍ଣ୍ଣ, ୩ କାଂସ୍ୟ), କୁସ୍ତି ୬ (୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୨ କାଂସ୍ୟ), ସ୍କ୍ୱାସ୍ ୫ (୨ ରୌପ୍ୟ, ୩ କାଂସ୍ୟ) ରହିଛନ୍ତି । କବାଡ଼ି, କ୍ରିକେଟ୍ ଓ ହକିରୁ ୨ ଲେଖାଏଁ ସ୍ୱର୍ଣ୍ଣ ଆସିଥିଲା ବେଳେ ଗଲ୍‌ଫରୁ ଗୋଟିଏ ସ୍ୱର୍ଣ୍ଣ ଓ ରୌପ୍ୟ ମିଳିଥିଲା । ସେଲିଂରୁ ୧ ରୌପ୍ୟ ୨ କାଂସ୍ୟ ଏବଂ ଭାରୋତୋଳନ ଓ ଉଶୁରୁ ଗୋଟିଏ ଲେଖାଏଁ ରୌପ୍ୟ ମିଳିଛି । ବ୍ୟାଡ଼ମିଂଟନ, କୁରାଶ, ମିଶ୍ରିତ ସମରକଳା, ରୋଲିଂ, ସିପକଟାକ୍ର, ସଫ୍ଟ ଟେନିସ ଓ ଟେବୁଲ ଟେନିସରୁ ଗୋଟିଏ ଲେଖାଏଁ କାଂସ୍ୟ ପଦକ ଆସିଥିଲା । ଏହି ପ୍ରତିଯୋଗିତାରେ ଭାରତରୁ ୨୬୪ ପୁରୁଷ ଓ ୨୩୧ ମହିଳାଙ୍କ ସହ ମୋଟ ୪୯୫ ଜଣ ଖେଳାଳି ୩୬ଟି ଖେଳରେ ଅଂଶଗ୍ରହଣ କରିଥିଲେ । ତେବେ ୨୦ଟି ଖେଳରୁ ଭାରତକୁ ପଦକ ମିଳିଥିଲା ବେଳେ ୧୬ଟି କ୍ରୀଡ଼ା (କାନୋଇଂ, ସାଇକ୍ଲିଂ, ଅଶ୍ୱାରୋହଣ, ଇସ୍ପୋର୍ଟସ, ଅସିଚାଳନା, ଜିମ୍ନାଷ୍ଟିକ୍ସ, ଜୁଡୋ, କରାଟେ, ରଗ୍‌ବି ସେଭେନ୍, ସନ୍ତରଣ, ସ୍ପୋର୍ଟ କ୍ଲାଇମ୍ବିଂ, ସର୍ଫିଂ, ଟାଏକୋଣ୍ଡୋ, ଟେନିସ, ଟେକ୍‌ବଲ୍, ଭଲିବଲ୍)ର ଆଥ୍ଲେଟ୍‌ମାନେ ଖାଲି ହାତରେ ଫେରିଛନ୍ତି ।

ସ୍ୱର୍ଣ୍ଣ ବିଜେତା ପୁରୁଷ ହକି ଟିମ ପାଇଁ ପୁରସ୍କାର ଘୋଷଣା କଲେ ଓଡ଼ିଶା ସରକାର

ଭୁବନେଶ୍ୱର, ୪/୧୦ (ଆ.ପ୍ର): ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳ ପାଇଁ ପୁରସ୍କାର ଘୋଷଣା କରିଛନ୍ତି ଓଡ଼ିଶା ସରକାର । ପ୍ରତି ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କୋଚ୍ ଓ ଅନ୍ୟ ସପୋର୍ଟ ଷ୍ଟାଫଙ୍କ ପାଇଁ ୫.୫ ଲକ୍ଷ ଟଙ୍କା ଲେଖାଏ ଘୋଷଣା କରାଯାଇଛି । ଗତକାଲି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳ ପାଇଁ ମଧ୍ୟ ରାଜ୍ୟସରକାର ସମାନ ପୁରସ୍କାର ଘୋଷଣା କରାଯାଇଥିଲା । ହକି ଇଣ୍ଡିଆ ତରଫରୁ ମଧ୍ୟ ପ୍ରତି ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଛି ।ଏହା ସହିତ କୋଚ୍ ଓ ସପୋର୍ଟ ଷ୍ଟାଫଙ୍କୁ ସାଢ଼େ ୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବ । ଗତକାଲି

ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳ ପାଇଁ ମଧ୍ୟ ସମାନ ପୁରସ୍କାର ଘୋଷଣା କରାଯାଇଥିଲା । ଆଜି ପୁରୁଷ ହକି ଫାଇନାଲରେ ବାଜି ମାରିଥିଲା ଡିଫେଣ୍ଡିଂ ଚାମ୍ପିୟନ ଭାରତ । ମାଲେସିଆକୁ ୫-୧ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା ଭାରତୀୟ ପୁରୁଷ ହକି ଦଳ । ଏହା ସହ ଲସ୍ ଆଞ୍ଜେଲସ୍ ଅଲିମ୍ପିକ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି । ଭାରତୀୟ ପୁରୁଷ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଭାରତୀୟ ହକି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ପ୍ରଥମ ଥର ପାଇଁ ଗୋଟିଏ ଏସିଆନ ଗେମ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଉଭୟ ଦଳ ୨୦୨୮ ଲସ୍ ଆଞ୍ଜେଲସ ଅଲିମ୍ପିକ ପାଇଁ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି । ପୁରୁଷ ହକି ଟିମ୍ ପୂର୍ବରୁ ଏସିଆନ ଗେମ୍ସରେ ୪ ଥର ସ୍ୱର୍ଣ୍ଣ ପଦକ ଜିତିଥିଲା । ଏଥରକୁ ମିଶାଇ ଦଳ ୫ଟି ସ୍ୱର୍ଣ୍ଣ ପଦକ ଜିତିଛି । ଏହା ପୂର୍ବରୁ ୧୯୬୬, ୧୯୯୮, ୨୦୧୪ ଓ ୨୦୨୨ରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ତା'ସହିତ ପ୍ରଥମ ଥର ପାଇଁ ଏସିଆନ୍ ଗେମ୍ସରେ ଦଳ ଲଗାତାର ଦୁଇ ଥର ସ୍ୱର୍ଣ୍ଣ ପଦକ ଜିତିଛି । ଦଳ ପାଇଁ ଏହା ବି ଏକ ରେକର୍ଡ । ଅନ୍ୟପକ୍ଷରେ ୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳ ଗତକାଲି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାତେଇ ଥିଲା । ୧୯୮୨ ଦିଲ୍ଲୀରେ ଆୟୋଜିତ ଏସିଆନ ଗେମ୍ସର ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିଲା । ଏବେ ୪୪ ବର୍ଷ ପରେ ଜାପାନରେ ଏହାର ପୁନାରାବୃତି ଘଟିଛି । ଭାରେମସିଆମିଙ୍କ ଏକମାତ୍ର ଗୋଲ ଭାରତକୁ ବିଜୟ ଭେଟି ଦେଇଥିଲେ । ୧୯୯୮ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଫାଇନାଲକୁ ଯାଇଥିଲା । କିନ୍ତୁ ଦକ୍ଷିଣ କୋରିଆ ୨-୧ରେ ଭାରତକୁ ହରାଇ ଦେଶର ସ୍ୱର୍ଣ୍ଣ ସ୍ୱପ୍ନକୁ ଭାଙ୍ଗି ଦେଇଥିଲା । ୨୦୧୮ ଜାକାର୍ତା ଏସିଆନ ଗେମ୍ସରେ ଭାରତୀୟ ମହିଳା ଟିମ ପାଇଁ ପୁଣି ସୁନା ଜିତିବାର ସୁଯୋଗ ସୃଷ୍ଟି ହୋଇଥିଲା । ହେଲେ ଜାପାନ ଏହାକୁ ୧-୦ରେ ଜିତି ସବୁ ସ୍ୱପ୍ନକୁ ଧୂଳିସାତ କରିଥିଲା ।

ବଲ୍କ ଡିଜେଲ୍ ଦର ୧୪.୬ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ତୈଳ କମ୍ପାନିଗୁଡ଼ିକ ବଲ୍କ ଡିଜେଲ୍ ଦର ଲିଟର ପିଛା ୧୪ ଟଙ୍କା ୬୦ ପଇସା ବଢ଼ାଇଛନ୍ତି । ଶିଳ୍ପ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ବଡ଼ ବଡ଼ ସଂସ୍ଥା ଏକକାଳୀନ କିଣୁଥିବା ବିପୁଳ ପରିମାଣର ଡିଜେଲ୍‌କୁ ବଲ୍କ ଡିଜେଲ କୁହାଯାଉଛି । ସାଧାରଣ ପେଟ୍ରୋଲ୍ ପମ୍ପରେ ବିକ୍ରି ହେଉଥିବା ଡିଜେଲ୍‌ଠାରୁ ତାହାର ମୂଲ୍ୟ ଅଲଗା ରହିଛି । ଗତକାଲି ଘରୋଇ ତୈଳ କମ୍ପାନି ନାୟରା ଏନର୍ଜି ଏହାର ପେଟ୍ରୋଲ୍ ପମ୍ପଗୁଡ଼ିକରେ ପେଟ୍ରୋଲ ଦର ଲିଟରକୁ ୫ ଟଙ୍କା ଓ ଡିଜେଲ ୩ ଟଙ୍କା ବଢ଼ାଇଥିଲା ।ଗତ ସେପ୍ଟେମ୍ବରରେ ବଲ୍କ ଡିଜେଲ ଦର ଲିଟରକୁ ୧୩୮ ଟଙ୍କା ୯୭ ପଇସା ଥିଲା । ଏବେ ତାହା ୧୫୩ ଟଙ୍କା ୫୭ ପଇସାକୁ ବୃଦ୍ଧି ପାଇଛି । ବଲ୍କ ଡିଜେଲ ଦର ହେଉଛି ତେଲର ପ୍ରକୃତ ବଜାର ଦର ଯାହା ଅନ୍ତର୍ଜାତୀୟ ମୂଲ୍ୟ ଅନୁସାରେ ପରିଚାଳିତ ହେଉଛି । ପେଟ୍ରୋଲ ପମ୍ପରେ ବିକ୍ରି ହେଉଥିବା ପେଟ୍ରୋଲ ଓ ଡିଜେଲ ଦର ତାଠାରୁ ଯଥେଷ୍ଟ କମ୍ ରହିଛି । ବଜାର ଦରଠାରୁ କମ୍ ମୂଲ୍ୟରେ ତେଲ ବିକ୍ରିରୁ ହେଉଥିବା କ୍ଷତି ଭରଣା କରିବା ଲାଗି କେନ୍ଦ୍ର ସରକାର ତୈଳ କମ୍ପାନିଗୁଡ଼ିକୁ ସବ୍‌ସିଡି ପ୍ରଦାନ କରୁଛନ୍ତି । ଦିଲ୍ଲୀରେ ପେଟ୍ରୋଲ ଦର ଲିଟରକୁ ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ୍ ୯୫ ଟଙ୍କା ୬୪ ପଇସାରେ ଅପରିବର୍ତ୍ତିତ ରହିଛି । ପେଟ୍ରୋଲ ପମ୍ପଗୁଡ଼ିକରୁ ମିଳିଥିବା ସୂଚନା ଅନୁସାରେ ସାଧାରଣ ଡିଜେଲ୍ ଓ ବଲ୍କ ଡିଜେଲ୍ ଦରରେ ଏବେ ୫୭ ଟଙ୍କା ୯୩ ପଇସାର ବ୍ୟବଧାନ ରହିଛି । ସେଥିପାଇଁ ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥାଗୁଡ଼ିକର ଗାଡ଼ି ସାଧାରଣ ପେଟ୍ରୋଲ୍ ପମ୍ପରେ ତେଲ ପକାଇବା ଆରମ୍ଭ କରିଛନ୍ତି । ତାହା ତୈଳ ବିପଣନ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି ଆଶଙ୍କା ରହିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୧୦୨.୨୫ ଡଲାର ରହିଛି । ସେପ୍ଟେମ୍ବର ୩୦ରେ ତାହା ୧୧୭.୨୮ ଡଲାରକୁ ବୃଦ୍ଧି ପାଇଥିଲା । ଅଶୋଧିତ ତୈଳ ଦରରେ ବୃଦ୍ଧି ବିଚାରକୁ ନେଇ ଘରୋଇ ତୈଳ ବିପଣନ କମ୍ପାନି ଯଥା ନାୟରା ଏନର୍ଜି ଓ ଜିଓ ବିପି ତରଫରୁ ଡିଜେଲ ବିକ୍ରିର ପରିମାଣ ସୀମା ଧାର୍ଯ୍ୟ କରାଯାଇଥିଲା । ତାହା ଜାଣିବା ପରେ ସରକାର ସେମାନଙ୍କୁ ତାଗିଦ୍ କରିବା ସହ ସେଭଳି ପଦକ୍ଷେପ ନ ନେବାକୁ କହିଥିଲେ ।

ହର୍ମୁଜ୍ ଖୋଲିବାକୁ ଆମେରିକା ଆଗରେ ଇରାନର ୭ ସର୍ତ୍ତ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତୀବ୍ରତା କିଛିଟା କମିଥିବା ଦେଖାଯାଉଥିଲେ ମଧ୍ୟ ହର୍ମୁଜ୍ ଜଳସନ୍ଧିକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଟଣାଓଟରା ଜାରି ରହିଛି । ବିଶ୍ୱ ଜଳବିଦ୍ୟୁତ ଓ ତୈଳ ବ୍ୟାପାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସମୁଦ୍ରପଥକୁ ପୁଣି ଖୋଲିବା ପାଇଁ ଆମେରିକାକୁ ୭ଟି ସର୍ତ୍ତ ପୂରଣ କରିବାକୁ ହେବ ବୋଲି ଇରାନ ସ୍ପଷ୍ଟ କରିଛି । ଇରାନର ସଂସଦ ଅଧ୍ୟକ୍ଷ ମହମ୍ମଦ ବାଗେର ଘାଲିବାଫ କହିଛନ୍ତି ଯେ, ଜୁନ୍‌ରେ ହୋଇଥିବା ଇସ୍ଲାମାବାଦ ବୁଝାମଣାପତ୍ର ଆଧାରିତ ୭ଟି ସର୍ତ୍ତ ପୂରଣ ହେବା ପର୍ଯ୍ୟନ୍ତ ହର୍ମୁଜ୍ ଜଳସନ୍ଧି ଖୋଲାଯିବ ନାହିଁ । ତାଙ୍କ କହିବା ଅନୁସାରେ, ଆମେରିକା ମଧ୍ୟସ୍ଥଙ୍କ ଜରିଆରେ କିଛି ପ୍ରସ୍ତାବ ପଠାଇଛି, କିନ୍ତୁ ଆଲୋଚନାକୁ ଅନାବଶ୍ୟକ ଭାବେ ଲମ୍ବା କରିବା କିମ୍ବା ଏକପାଖିଆ ସର୍ତ୍ତ ଥୋପିବାକୁ ତେହରାନ ଆଉ ଗ୍ରହଣ କରିବ ନାହିଁ । ଅନ୍ୟପଟେ ଇରାନର ବିଦେଶମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି, ତେହରାନ ଦେଇଥିବା ପ୍ରସ୍ତାବକୁ ୱାଶିଂଟନ ମାନିଲେ ୭ ଦିନ ମଧ୍ୟରେ ହର୍ମୁଜ୍ ଜଳସନ୍ଧିକୁ ପୁଣି ଖୋଲାଯାଇପାରିବ । ଇରାନର ପ୍ରସ୍ତାବରେ ସମସ୍ତ ମୋର୍ଚ୍ଚାରେ ସଂଘର୍ଷ ବନ୍ଦ, ଜମା ହୋଇଥିବା ଇରାନୀ ଅର୍ଥ ମୁକ୍ତ କରିବା, ତୈଳ ଉପରେ ଥିବା ପ୍ରତିବନ୍ଧକ ହଟାଇବା ଏବଂ ଇରାନୀ ବନ୍ଦରଗୁଡ଼ିକ ଉପରୁ ନୌସେନା ଅବରୋଧ ହଟାଇବା ଭଳି ବିଷୟ ରହିଥିବା କୁହାଯାଉଛି । ଆରାଘଚି ଏହା ମଧ୍ୟ କହିଛନ୍ତି ଯେ ଇରାନ କୂଟନୀତିକ ସମାଧାନକୁ ପ୍ରାଥମିକତା ଦେଉଛି । କିନ୍ତୁ ଆମେରିକା ପୁଣି ସାମରିକ ପଦକ୍ଷେପ ନେଲେ, ତେହରାନ ପୂର୍ବଠାରୁ ଅଧିକ ପ୍ରସ୍ତୁତ ଅଛି ଏବଂ ନିଜ ସୁରକ୍ଷା ପାଇଁ ଆବଶ୍ୟକ ପ୍ରତିକ୍ରିୟା ଦେବ ବୋଲି ସେ ସତର୍କ କରାଇଛନ୍ତି । ହର୍ମୁଜ୍‌କୁ ନେଇ ଏହି ଅନିଶ୍ଚିତତା ବିଶ୍ୱ ତୈଳ ବଜାର ଓ ସମୁଦ୍ର ବ୍ୟାପାର ଉପରେ ଚାପ ଜାରି ରଖିଛି । ତେବେ ବିକଳ୍ପ ରୁଟ୍ ବ୍ୟବହାର ବଢ଼ିବାରୁ ସେପ୍ଟେମ୍ବରରେ ପଶ୍ଚିମ ଏସିଆର ଅନ୍ୟ ଦେଶମାନଙ୍କ ତୈଳ ରପ୍ତାନି ପୁଣି ଯୁଦ୍ଧ ପୂର୍ବ ସ୍ତରକୁ ନିକଟତର ହୋଇଥିବା ରିପୋର୍ଟ ମିଳିଛି ।

ୟୁକ୍ରେନ୍‌ରେ ଭାରତୀୟ ଔଷଧ କାରଖାନାରେ ରୁଷର ଡ୍ରୋନ୍ ଆକ୍ରମଣ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ୟୁକ୍ରେନର ସୁମୀରେ ଥିବା ଭାରତର କୁସୁମ୍ ଗ୍ରୁପ୍‌ର ଏକ ଔଷଧ କାରଖାନାକୁ ଟାର୍ଗେଟ୍ କରିଛି ରୁଷ । ଡ୍ରୋନ୍ ଆକ୍ରମଣରେ କାରଖାନାର ବ୍ୟାପକ କ୍ଷତି ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି । କୁସୁମ ଗ୍ରୁପ୍ ୧୯୯୪ରେ ପ୍ରତିଷ୍ଠା ହୋଇଥିଲା । ପ୍ରଥମେ ଏହା ଏକ ଔଷଧ ବିତରକ କମ୍ପାନୀ ଥିଲା । ଏହା ଭାରତରୁ ୟୁକ୍ରେନ୍‌କୁ ଔଷଧ ରପ୍ତାନୀ କରୁଥିଲେ । ୨୦୦୨ରୁ ଏହା ଅନ୍ୟ କମ୍ପାନୀଗୁଡ଼ିକର ଔଷଧ ବିକ୍ରି କରିବା ବନ୍ଦ କରୀ ଦେଇଥିଲା ଓ ନିଜର ବ୍ରାଣ୍ଡ ତିଆରି କରିଥିଲା । ପରେ ଏହା ଔଷଧ ତିଆରି କ୍ଷେତ୍ରରେ ପ୍ରବେଶ କରିଥିଲା । ୨୦୦୭ରେ

ଏହା ଭାରତରେ କାରଖାନା ଖୋଲିଥିଲା । ୨୦୦୯ରେ ଏହା ୟୁକ୍ରେନର ସୁମୀରେ ଔଷଧ ତିଆରି କାରଖାନା ପ୍ରତିଷ୍ଠା କରିଥିଲା । ଭାରତରେ କମ୍ପାନୀର ଆଉ ଦୁଇଟି କାରଖାନା ଅଛି । କୁସୁମ ଗ୍ରୁପ୍ ୫୦ରୁ ଅଧିକ ପ୍ରକାରର ଔଷଧ ପ୍ରସ୍ତୁତ କରୁଥିବା ବେଳେ ସେଗୁଡ଼ିକୁ ୯ଟି ଦେଶରେ ବିକ୍ରି କରିଥାଏ । କମ୍ପାନୀ ମୁଖ୍ୟତଃ ୟୁକ୍ରେନ୍, ଉଜ୍‌ବେକିସ୍ତାନ, କାଜାଖାସ୍ତାନ ଓ ଫିଲିପାଇନ୍ସରେ ଔଷଧ ବିକ୍ରି କରୁଛି । ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଥିବା ସତ୍ତ୍ୱେ କଂପାନୀ ସୁମୀ ସ୍ଥିତ ପ୍ଲାଂଟ ଚାଲୁ ରଖିଛି । କିନ୍ତୁ ଏବେ କମ୍ପାନୀ ଖୁବ୍ ପ୍ରଭାବିତ ହେଲାଣି । ଏହାର କ୍ଷତି ଅତିକମ୍‌ରେ ୪୦୦ କୋଟି ଟଙ୍କାରେ ପହଂଚିଥିବା ଜଣାପଡ଼ିଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି 'ଏକ୍ସ'ରେ ଏକ ପୋଷ୍ଟ କରି ରୁଷର ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଏହା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇଛନ୍ତି ।

ଜନ୍ତର ମନ୍ତରରେ ମହିଳା ପ୍ରଦର୍ଶନକାରୀଙ୍କୁ ପୁଲିସର ନିର୍ଯାତନା ଲଜ୍ଜାଜନକ : ଶଶି ଥରୁର

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ଦିଲ୍ଲୀରେ ମହିଳା ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସର କଥିତ କାର୍ଯ୍ୟାନୁଷ୍ଠାନକୁ ନେଇ ମୁହଁ ଖୋଲିଛନ୍ତି କଂଗ୍ରେସର ବରିଷ୍ଠ ନେତା ଶଶି ଥରୁର । ମହିଳାଙ୍କ ବିରୋଧରେ ହିଂସାକୁ ପ୍ରତିବାଦ କରୁଥିବା

ମହିଳାମାନେ ନିଜେ ପୁଲିସର କଥିତ ହିଂସାର ଶିକାର ହେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସେ କହିଛନ୍ତି । ଶଶି ଥରୁର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଛାତ୍ରୀ ନେହା ବୋରାଙ୍କ ଏକ ଭିଡିଓ ଶେୟାର କରି ପୁଲିସର କଥିତ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି । ମହିଳାଙ୍କ ବିରୋଧରେ ହିଂସାର ପ୍ରତିବାଦ କରୁଥିବା ମହିଳାମାନେ ଯଦି ପୁଲିସ ଦ୍ୱାରା ହିଂସାର ଶିକାର ହୁଅନ୍ତି, ତେବେ ଏହା ଲଜ୍ଜାଜନକ ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି ବିବାଦ ଦିଲ୍ଲୀର ଜନ୍ତର ମନ୍ତରରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ହୋଇଥିବା ପ୍ରଦର୍ଶନ ପରେ ତୀବ୍ର ହୋଇଛି । ପ୍ରଦର୍ଶନର କଭରେଜ୍ କରୁଥିବା କିଛି ମହିଳା ସାମ୍ବାଦିକଙ୍କ ସହ ପୁଲିସର କଥିତ ଦୁର୍ବ୍ୟବହାର ନେଇ ମଧ୍ୟ ଅଭିଯୋଗ ଆସିଛି । ଛାତ୍ର ନେତା ନେହା ବୋରା ରବିବାର ଅପରାହ୍ନ ୩ଟାରେ ଇଣ୍ଡିଆ ଗେଟ୍‌ରୁ ଜନ୍ତର ମନ୍ତର ପର୍ଯ୍ୟନ୍ତ ପଦଯାତ୍ରା କରିବାକୁ ଘୋଷଣା କରିଥିଲେ । ଦିଲ୍ଲୀ ପୁଲିସର କଥିତ ନିର୍ଯାତନା ଏବଂ ଭୋଟର ତାଲିକାର ସ୍ପେଶାଲ ଇଂଟେନସିଭ ରିଭିଜନ ପ୍ରକ୍ରିୟା ବିରୋଧରେ ଲୋକଙ୍କୁ ଏହି ପ୍ରଦର୍ଶନରେ ସାମିଲ ହେବାକୁ ସେ ଅପିଲ କରିଥିଲେ । ନେହା ବୋରା ନିଜ ଭିଡିଓରେ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ । ରାଜରାସ୍ତାଠାରୁ ଆରମ୍ଭ କରି ପ୍ରଦର୍ଶନ ସ୍ଥଳ ପର୍ଯ୍ୟନ୍ତ ମହିଳାମାନେ ସୁରକ୍ଷିତ ନଥିବା ସେ ଅଭିଯୋଗ କରିଥିଲେ । ମହିଳା ପ୍ରଦର୍ଶନକାରୀ ଏବଂ ସାମ୍ବାଦିକଙ୍କ ସହ ପୁଲିସର କଥିତ ବ୍ୟବହାର ବିରୋଧରେ ସ୍ୱର ଉଠାଇବାକୁ ମଧ୍ୟ ସେ ଲୋକଙ୍କୁ ଆହ୍ୱାନ କରିଥିଲେ । ଅନ୍ୟପକ୍ଷରେ, ପ୍ରଦର୍ଶନର କଭରେଜ୍ ସମୟରେ ତିନିଜଣ ମହିଳା ସାମ୍ବାଦିକଙ୍କ ସହ କଥିତ ଅସଦାଚରଣ ନେଇ ମଧ୍ୟ ଅଭିଯୋଗ ଆସିଛି । ଜଣେ ମହିଳା ସାମ୍ବାଦିକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଦର୍ଶନକାରୀଙ୍କୁ ପୁଲିସ ହେପାଜତକୁ ନେଉଥିବା ବେଳେ ଘଟଣାସ୍ଥଳରେ ପର୍ଯ୍ୟାପ୍ତ ମହିଳା ପୁଲିସ କର୍ମଚାରୀ ଉପସ୍ଥିତ ନଥିଲେ । ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଏ ସମ୍ପର୍କରେ ଦିଲ୍ଲୀ ପୁଲିସର ଏସିପି ବିବେକ ଭଗତଙ୍କୁ ପଚାରିବା ସମୟରେ ତାଙ୍କ ସହ କଥିତ ଭାବେ ଯୌନ ଉତ୍ପୀଡ଼ନ କରାଯାଇଥିଲା ଏବଂ ତାଙ୍କୁ ପଛରୁ ଧକ୍କା ଦିଆଯାଇଥିଲା । ଏହି ସମସ୍ତ ଅଭିଯୋଗ ମଧ୍ୟରେ ଶଶି ଥରୁରଙ୍କ ପ୍ରତିକ୍ରିୟା ପରେ ଘଟଣାକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହୋଇଛି । ତେବେ ପୁଲିସ ପକ୍ଷରୁ ଏହି ଅଭିଯୋଗଗୁଡ଼ିକ ଉପରେ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନଥିବା ସୂଚନା ରହିଛି ।

ପୁଣି ବଦଳିବ ଜିଏସଟି ଆଇନ !

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ଜିଏସ୍‌ଟି ଆଇନରେ ବ୍ୟବସାୟୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିବାକୁ ସରକାର ପ୍ରସ୍ତୁତ କରୁଛନ୍ତି ନୂଆ ସଂସ୍କାର ପ୍ରସ୍ତାବ । ଜିଏସ୍‌ଟି ଅଧିକାରୀଙ୍କଠାରୁ ଗିରଫ କରିବାର କ୍ଷମତା ପ୍ରତ୍ୟାହାର କରିବା ନେଇ ବିଚାର ଚାଲିଛି । ଯଦି ଏହି ପ୍ରସ୍ତାବରେ ସହମତି ହୁଏ, ତେବେ କୌଣସି ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ କୋର୍ଟର ଅନୁମତି ଆବଶ୍ୟକ ହୋଇପାରେ । ଏହା ସହ ଅପରାଧିକ ମାମଲା ଆରମ୍ଭ କରିବାର ସୀମା ୧ କୋଟିରୁ ବଢ଼ାଇ ୫ କୋଟି ଟଙ୍କା କରିବାକୁ ମଧ୍ୟ ପ୍ରସ୍ତାବ ରହିଛି । ଆସନ୍ତା ୭ ଅକ୍ଟୋବରରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ୍ ବୈଠକରେ ଏହି ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା ହୋଇପାରେ । ବର୍ତ୍ତମାନ ଗୁରୁତର ଟିକସ ଚୋରି, ଜାଲ୍ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ନେବା କିମ୍ବା ଭୁଲ୍ ଭାବେ ରିଫଣ୍ଡ ହାସଲ କରିବା ଭଳି ମାମଲାରେ କମିଶନର ସ୍ତରୀୟ ଅଧିକାରୀଙ୍କ ଅନୁମତି ପରେ ଗିରଫ କରାଯାଇପାରେ । ପ୍ରସ୍ତାବିତ ପରିବର୍ତ୍ତନ ଅନୁସାରେ, ଛୋଟ ଟିକସ ବିବାଦରେ ସିଧାସଳଖ ଅପରାଧିକ କାର୍ଯ୍ୟାନୁଷ୍ଠାନ ବଦଳରେ ବକେୟା ଟିକସ, ସୁଧ ଓ ଜରିମାନା ଆଦାୟ ଉପରେ ଗୁରୁତ୍ୱ ଦିଆଯିବ । ତେବେ ଜାଣିଶୁଣି ବଡ଼ ଧରଣର ଟିକସ ଚୋରି କିମ୍ବା ଠକେଇ କ୍ଷେତ୍ରରେ କୋର୍ଟ ମାଧ୍ୟମରେ ମାମଲା ଚାଲିପାରିବ । ଏହାଛଡ଼ା ଜିଏସ୍‌ଟି ସମ୍ପର୍କିତ ୨୪ଟି ଅପରାଧରେ ନରମ ନିୟମ ଆଣିବା ପ୍ରସ୍ତାବ ରହିଛି । ୯ଟି ଅପରାଧକୁ ସମ୍ପୂର୍ଣ୍ଣ ହଟାଇବା ଏବଂ ୧୧ଟି ଅପରାଧକୁ ବର୍ତ୍ତମାନର ନିୟମରେ ରଖିବା ନେଇ ଆଲୋଚନା ହୋଇପାରେ । ସର୍ବନିମ୍ନ ଜେଲ୍ ଦଣ୍ଡ ବ୍ୟବସ୍ଥା ହଟାଇବା ସହ ମଧ୍ୟମ ଧରଣର ଅପରାଧରେ ସର୍ବାଧିକ ଦଣ୍ଡ ୩ ବର୍ଷରୁ ୨ ବର୍ଷକୁ କମାଇବା ପ୍ରସ୍ତାବ ମଧ୍ୟ ରହିଛି । ଛୋଟ ବ୍ୟବସାୟୀଙ୍କ ଲେଟ୍ ଫି' ଛାଡ଼, ଜରିମାନାକୁ ଯୁକ୍ତିସଙ୍ଗତ କରିବା, ରେଜିଷ୍ଟ୍ରେସନ୍ ସରଳ କରିବା, ଶୀଘ୍ର ରିଫଣ୍ଡ ଏବଂ ITC ପ୍ରକ୍ରିୟାକୁ ସହଜ କରିବା ଭଳି ପଦକ୍ଷେପ ମଧ୍ୟ ବିଚାରାଧୀନ ରହିଛି । ତେବେ ଏସବୁ ପ୍ରସ୍ତାବ ଏବେ ସୁଦ୍ଧା ଚୂଡ଼ାନ୍ତ ହୋଇନାହିଁ । ଜିଏସ୍‌ଟି କାଉନସିଲ୍‌ର ଅନୁମୋଦନ ସହ ଆବଶ୍ୟକ ଆଇନଗତ ପରିବର୍ତ୍ତନ ପରେ ହିଁ ଏଗୁଡ଼ିକ ଲାଗୁ ହୋଇପାରିବ ।

ପଶ୍ଚିମବଙ୍ଗରୁ କୋୟଲ, ଉତରାଖଣ୍ଡରୁ ଦିନେଶ: ରାଜ୍ୟସଭା ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ଆଗାମୀ ରାଜ୍ୟସଭା ନିର୍ବାଚନକୁ ନେଇ ଭାରତୀୟ ଜନତା ପାର୍ଟି ବଡ଼ ଘୋଷଣା କରିଛି । ପଶ୍ଚିମବଙ୍ଗ ଓ ଉତରାଖଣ୍ଡ ପାଇଁ ଦଳ ଦୁଇଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ପଶ୍ଚିମବଙ୍ଗରୁ ରୁକ୍ମିଣୀ ମଲ୍ଲିକ, ଯିଏ କୋୟଲ ମଲ୍ଲିକ ନାମରେ ପରିଚିତ, ତାଙ୍କୁ ପ୍ରାର୍ଥୀ କରାଯାଇଛି । ସେହିପରି ଉତରାଖଣ୍ଡରୁ ବରିଷ୍ଠ ବିଜେପି ନେତା ଦିନେଶ ଆର୍ଯ୍ୟଙ୍କ ନାମରେ ମୋହର ମାରିଛି ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି । ପଶ୍ଚିମବଙ୍ଗରେ କୋୟଲ ମଲ୍ଲିକଙ୍କୁ ପ୍ରାର୍ଥୀ କରିବା ବିଜେପିର ଏକ ଚର୍ଚ୍ଚିତ ରାଜନୈତିକ ନିଷ୍ପତି ବୋଲି କୁହାଯାଉଛି । ବଙ୍ଗଳା ସିନେମାର ଜଣେ ପରିଚିତ ଅଭିନେତ୍ରୀ କୋୟଲ ପୂର୍ବରୁ ତୃଣମୂଳ କଂଗ୍ରେସ ସହ ଜଡ଼ିତ ଥିଲେ । ସେ ଟିଏମସି ଟିକେଟ୍‌ରେ ରାଜ୍ୟସଭାକୁ ଯାଇଥିଲେ । ପରେ ଦଳ ଏବଂ ରାଜ୍ୟସଭା ସଦସ୍ୟତାରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିଲେ । ଜୁଲାଇ ୧୬ରେ ତାଙ୍କ ଇସ୍ତଫା ପରେ ଖାଲି ହୋଇଥିବା ଆସନରେ ଏବେ ଉପନିର୍ବାଚନ ହେବ । ସେହି ଆସନ ପାଇଁ ବିଜେପି ପୁଣି କୋୟଲଙ୍କ ଉପରେ ଭରସା କରିଛି । ଅନ୍ୟପଟେ ଉତରାଖଣ୍ଡରେ ଦିନେଶ ଆର୍ଯ୍ୟଙ୍କୁ ଟିକେଟ୍

ଦେବାକୁ ମଧ୍ୟ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଦିନେଶ ନୈନିତାଲ ଅଂଚଳର ଜଣେ ପୁରୁଣା ସଂଗଠକ । ସେ ପୂର୍ବରୁ ବିଜେପିର ନୈନିତାଲ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ତୁଲାଇଛନ୍ତି । ବର୍ତ୍ତମାନ ସେ ରାଜ୍ୟସ୍ତରୀୟ ପାନୀୟଜଳ ଅନୁଶ୍ରବଣ ପରିଷଦର ଉପାଧ୍ୟକ୍ଷ ଅଛନ୍ତି ଏବଂ ଏହି ପଦକୁ ରାଜ୍ୟମନ୍ତ୍ରୀ ପାହ୍ୟା ମିଳିଛି । ରାଜ୍ୟସଭାର ଏହି ନିର୍ବାଚନ ପାଇଁ ଅକ୍ଟୋବର ୧୬ରେ ମତଦାନ ହେବ । ପଶ୍ଚିମବଙ୍ଗର ଗୋଟିଏ ଉପନିର୍ବାଚନ ସହ ଉତରାଖଣ୍ଡର ଗୋଟିଏ ଏବଂ ଉତରପ୍ରଦେଶର ୧୦ଟି ଆସନକୁ ମିଶାଇ ମୋଟ ୧୨ଟି ଆସନ ପାଇଁ ନିର୍ବାଚନ ହେବ । ଅକ୍ଟୋବର ୬ ନାମାଙ୍କନର ଶେଷ ତାରିଖ ଥିବାବେଳେ ୧୬ ଅକ୍ଟୋବରରେ ମତଦାନ ସହ ସେହିଦିନ ଭୋଟ୍ ଗଣତି ମଧ୍ୟ କରାଯିବ ।

ମଧ୍ୟବର୍ତୀକାଳୀନ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ବଡ଼ ନିର୍ବାଚନୀ ଥୋପ

ନୂଆଦିଲ୍ଲୀ, ୪/୧୦ (ନ୍ୟୁ.ଏ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ କୋଟି ୮ ଲକ୍ଷ ମେଡିକେୟାର ହିତାଧିକାରୀଙ୍କୁ ୯୦ ଡଲାର(୮,୬୬୯ ଭାରତୀୟ ଟଙ୍କା)ଏକକାଳୀନ ପ୍ରଦାନ କରିବାକୁ ଘୋଷଣା

କରିଛନ୍ତି । ଏହି ଟଙ୍କା ମେଡିକେୟାର ପାର୍ଟ ବି ପାଇଁ ଅକ୍ଟୋବର ପ୍ରିମିୟମ୍ କଭର କରିବାରେ ସାହାଯ୍ୟ କରିବା ପାଇଁ ଯୋଗାଇ ଦିଆଯିବ । ଏହି ଦେୟ ମେଡିକେୟାର ବିକାଶ ପାଣ୍ଠିରୁ ପ୍ରଦାନ କରାଯିବ । ଏଥିପାଇଁ କିଛି ସର୍ତ୍ତ ରହିଛି । ହିତାଧିକାରୀ ଆମେରିକାରେ ରହୁଥିବା, ମୂଳ ମେଡିକେୟାର ପାର୍ଟ ବି ରେ ଥିବେ । ମେଡିକ ଏଡ୍‌ରୁ ପ୍ରିମିୟମ୍ ସହାୟତା ମିଳୁନଥିବ ଏବଂ ପାର୍ଟ ବି ରେ ଆୟ-ଭିତିକ ଅତିରିକ୍ତ ଚାର୍ଜ ସେ ଦେଉ ନଥିବେ । ମେଡିକେୟାର ଆଡଭାଂଟେଜ୍‌ରେ ଥିବା ଲୋକମାନେ ଏହି ଦେୟ ପାଇବେ ନାହିଁ । ଅର୍ଥାତ୍ ମେଡିକେୟାରରେ ଥିବା ସମସ୍ତ ବରିଷ୍ଠ ନାଗରିକ ଏଥି ପାଇଁ ଯୋଗ୍ୟ ହେବେ ନାହିଁ । ଯୋଗ୍ୟ ବ୍ୟକ୍ତି ଅକ୍ଟୋବର ୮ ତାରିଖ ପାଖାପାଖି ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ସିଧାସଳଖ ୯୦ ଡଲାର ପାଇବେ । ଯେଉଁମାନଙ୍କର ସିଧାସଳଖ ଜମା ପାଇଁ ସୁବିଧା ନାହିଁ ସେମାନେ ଅକ୍ଟୋବର ଶେଷ ଭାଗରେ ଡାକରେ ଏକ ଚେକ୍ ପାଇବେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das